


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୦୭ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 07 July 2026

Vol.No. 36 ■ No.177 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026

SAI SADHANA SCIENCE COLLEGE

+2 Sc. & +2 Arts

SAI SADHANA COLLEGE OF BASIC SCIENCE (+3)

(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)

Dibyasingpur, UDALA

100% first class result-2026

Contact No: 9437294587, 9437443950, 9937557158


## ରାମ ମନ୍ଦିର ଦାନ ଚୋରି ମାମଲା: ଚମ୍ପତ ରାୟ ଗଲେ, ବଜରଙ୍ଗ ବାଗ୍ରା ଆସିଲେ

ନୂଆଦିଲ୍ଲୀ,୬/୭ : ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟରେ ବଡ଼ ସାଙ୍ଗଠନିକ ପରିବର୍ତ୍ତନ ଘଟିଛି। ରାମ ମନ୍ଦିରର ଦାନ ଅର୍ଥ ଚୋରି ଘଟଣାକୁ ନେଇ ଚାଲିଥିବା ତଦନ୍ତ ମଧ୍ୟରେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କ ଇସ୍ତଫାକୁ ଟ୍ରଷ୍ଟ ଗ୍ରହଣ କରିଛି। ସେହିପରି, ତାଙ୍କ ସ୍ଥାନରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି)ର ଅନ୍ତର୍ଜାତୀୟ ସାଧାରଣ ସମ୍ପାଦକ ବଜରଙ୍ଗ ବାଗ୍ରାଙ୍କୁ ନୂଆ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ଟ୍ରଷ୍ଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।ଦାନ ଅର୍ଥ ଚୋରି ଅଭିଯୋଗକୁ ନେଇ ବିବାଦ ବଢ଼ିବା ପରେ ଚମ୍ପତ ରାୟ ଗତ ଜୁନ୍ ୨୬ ତାରିଖରେ ନୈତିକ ଦାୟିତ୍ୱ



ସ୍ୱୀକାର କରି ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଥିଲେ। ଏହି ମାମଲାରେ ତାଙ୍କ ଡ୍ରାଇଭରଙ୍କ ସମେତ ୮ ଜଣଙ୍କୁ ପୁଲିସ ଗିରଫ କରିଥିଲା। ଏହାପରେ ତଦନ୍ତକୁ ସ୍ୱଚ୍ଛ ଓ ନିରପେକ୍ଷ ରଖିବା ଉଦ୍ଦେଶ୍ୟରେ ସେ ପଦ ଛାଡ଼ିଥିଲେ। ଟ୍ରଷ୍ଟର ଅନ୍ୟତମ ସଦସ୍ୟ ଅନିଲ ମିଶ୍ର ମଧ୍ୟ ଇସ୍ତଫା ଦେଇଥିଲେ। ତେବେ ଏପର୍ଯ୍ୟନ୍ତ ଚମ୍ପତ ରାୟ କିମ୍ବା ଅନୀଲ ମିଶ୍ରଙ୍କ ବିରୋଧରେ କୌଣସି ଆପରାଧିକ ମାମଲା ରୁଜୁ ହୋଇନାହିଁ।ନୂଆ ସାଧାରଣ ସମ୍ପାଦକ ବଜରଙ୍ଗ ବାଗ୍ରା ପେସାରେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ। ସେ ପୂର୍ବରୁ ନାଲ୍‌କୋ ଓ ରାଇଟ୍ସ ଲିମିଟେଡ୍ ପରି ସରକାରୀ କମ୍ପାନିରେ ଆର୍ଥିକ ପରିଚାଳନା ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ପଦରେ କାମ କରିଛନ୍ତି। ଆର୍ଥିକ ପରିଚାଳନା, ପ୍ରଶାସନିକ ଦକ୍ଷତା ଓ ସୁଶାସନ କ୍ଷେତ୍ରରେ ତାଙ୍କ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଟ୍ରଷ୍ଟ ତାଙ୍କୁ ଏହି ଦାୟିତ୍ୱ ଦେଇଛି। ଟ୍ରଷ୍ଟର କାର୍ଯ୍ୟପ୍ରଣାଳୀକୁ ଅଧିକ ସ୍ୱଚ୍ଛ, ଦାୟିତ୍ୱବାନ ଓ ବ୍ୟବସ୍ଥିତ କରିବା ଲକ୍ଷ୍ୟରେ ଏହି ପରିବର୍ତ୍ତନ କରାଯାଇଥିବା ସୂଚନା ମିଳିଛି। ଏହି ନେତୃତ୍ୱ ପରିବର୍ତ୍ତନ ଏଭଳି ସମୟରେ ହୋଇଛି, ଯେତେବେଳେ ରାମ ମନ୍ଦିରର ଦାନ ଅର୍ଥ ଚୋରି ଘଟଣାର ତଦନ୍ତ ଜାରି ରହିଛି। ଟ୍ରଷ୍ଟ ବୈଠକରେ ତଦନ୍ତର ଅଗ୍ରଗତି ସମୀକ୍ଷା ସହ ସ୍ୱଚ୍ଛତା ବଢ଼ାଇବା ଏବଂ ପ୍ରଶାସନିକ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ନୂଆ ନେତୃତ୍ୱ ଅଧୀନରେ ଟ୍ରଷ୍ଟ ଭକ୍ତଙ୍କ ବିଶ୍ୱାସକୁ ଅକ୍ଷୁଣ୍ଣ ରଖିବା ସହ ଆର୍ଥିକ ପରିଚାଳନାରେ ଅଧିକ ସ୍ୱଚ୍ଛତା ଆଣିବାକୁ ପ୍ରୟାସ କରିବ ବୋଲି ଆଶା କରାଯାଉଛି। ଅନ୍ୟପଟେ ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟରେ ଦାନ ଅର୍ଥ ଚୋରି ଅଭିଯୋଗକୁ ନେଇ ଚାଲିଥିବା ବିବାଦ ମଧ୍ୟରେ ଟ୍ରଷ୍ଟର ସଭାପତି ମହନ୍ତ ନୃତ୍ୟଗୋପାଳ ଦାସ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସୋମବାର ସେ କହିଛନ୍ତି ଯେ, ରାମଲାଲାଙ୍କ ମନ୍ଦିରରେ ଭକ୍ତମାନେ ଅର୍ପଣ କରିଥିବା

◆◆ପୃଷ୍ଠା ୭

## ଏସ୍ଆଇଆର ସଂପୂର୍ଣ୍ଣ ଅଟୋନୋମସ ବ୍ୟବସ୍ଥା: ମନମୋହନ ସାମଲ

ଭୁବନେଶ୍ୱର, ୦୬/୭ (ନି.ପ୍ର): ଏସ୍ଆଇଆର ତାଲିକାରେ ଭୋଟର ବାଦ ପଡ଼ିବା ପ୍ରସଙ୍ଗରେ ବିରୋଧୀଙ୍କ ଅଭିଯୋଗର ଜବାବ ରଖିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ । ସେ କହିଛନ୍ତି ଯେ, ଏହା ସଂପୂର୍ଣ୍ଣ ଅଟୋନୋମସ ବ୍ୟବସ୍ଥା, ୯୦ ଦିନର ବ୍ୟବସ୍ଥା । ପ୍ରଥମ ପର୍ଯ୍ୟାୟ ଫର୍ମ ସଂଗ୍ରହ ସରିଲା, ୨ୟ ପର୍ଯ୍ୟାୟରେ ଅଭିଯୋଗ ଶୁଣାଣି ହେବ । ମିଡିଆରେ ଅଭିଯୋଗ କଲେ କଣ କଟାହେଇ ପାରିବ ନା ଯୋଡ଼ା ହୋଇ ପାରିବ । ୨ ମାସ ଅଭିଯୋଗ ଶୁଣାଣି ହେବ, ସେମାନେ ତଥ୍ୟ ଦେବେ । ଗୋଟିଏ ଜାଗାରେ ରଖିଲେ ଅନ୍ୟ ଜାଗାରେ କଟିବ ବୋଲି ମନମୋହନ ସାମଲ କହିଛନ୍ତି ।

## ଜାଲ୍ ଲେବରକାର୍ଡରେ ବାଲେଶ୍ୱର ଭୋଗରାଇରେ ସରକାରୀ ଟଙ୍କା ଲୁଟକୁ ନେଇ ଚନାଘନା

ବାଲେଶ୍ୱର, ୦୬/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଭୋଗରାଇ ଅଞ୍ଚଳରେ ଶ୍ରମ କାର୍ଡ ଜରିଆରେ ଟଙ୍କା ହଡ଼ପ ମାମଲାରେ ତତ୍ପରତା ଦେଖାଇଛି ଶ୍ରମ ବିଭାଗ। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ମୃତକଙ୍କ ଉତ୍ତରାଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି ବିଭାଗ। ଜିଲ୍ଲା ଶ୍ରମ ଅଧିକାରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ୭ ଦିନ ମଧ୍ୟରେ ଯଦି ନୋଟିସର ସନ୍ତୋଷଜନକ ଉତ୍ତର ନମିଳିଲେ, ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ସିଧାସଳଖ ଥାନାରେ ଏଫ୍ଆଇଆର୍ ଦାୟର କରାଯିବ। ସରକାରୀ ଯୋଜନାର ଅର୍ଥକୁ ଜାଲିଆତି କରି ଆତ୍ମସାତ କରିଥିବା ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୂଚନା ଅନୁସାରେ, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ସରକାରୀ ପାଣ୍ଠି ହଡ଼ପର ସାଂଘାତିକ ଚଞ୍ଚକତା ସାମ୍ନାକୁ ଆସିଥିଲା। ମୃତ ବ୍ୟକ୍ତିଙ୍କ ନାଁରେ ଜାଲ୍ ମୃତ୍ୟୁ ପ୍ରମାଣପତ୍ର ଓ ଲେବର କାର୍ଡ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ଲୁଟ୍‌ର ଅଭିଯୋଗ ହୋଇଥିଲା। ତେବେ ଗଣମାଧ୍ୟମରେ ଖବର ପ୍ରସାରିତ ପରେ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲା ଶ୍ରମ ବିଭାଗ। ଦୁର୍ନୀତିରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ଆଶା କର୍ମୀ ଭୂମିକା ସନ୍ଦେହରେ ରହିଛି। ଦଲାଲଙ୍କ ସହାୟତାରେ ଏମାନେ କୁଆଡ଼େ ମୃତକଙ୍କ ହିତାଧିକାରୀଙ୍କ ନାଁରେ ଜାଲ୍ ଶ୍ରମ କାର୍ଡ ଲକ୍ଷଲକ୍ଷ ଟଙ୍କା ହଡ଼ପ କରିଛନ୍ତି। ବଡ଼ କଥା ହେଉଛି, ଏତେ ବଡ଼ ହେରଫେର ନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ପାଖରେ କୌଣସି ଖବର ନଥିଲା। ଏବେ ଶ୍ରମ ଅଧିକାରୀଙ୍କ କଡ଼ା ଆଭିମୁଖ୍ୟ ପରେ ଦୁର୍ନୀତିଖୋରଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି।

## ଅଘଟଣଶୂନ୍ୟ ରଥଯାତ୍ରା ପାଇଁ ପ୍ରସ୍ତୁତି: ମୁଖ୍ୟମନ୍ତ୍ରୀ ଦେଲେ ୧୦ ସୂତ୍ରୀ ନିର୍ଦ୍ଦେଶ




ଭୁବନେଶ୍ୱର, ୦୬/୭ (ନି.ପ୍ର): ଚଳିତବର୍ଷ ନବଦିନାତ୍ମକ ଘୋଷଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ବନ୍ଦୋବସ୍ତ କରିଛନ୍ତି ରାଜ୍ୟ ସରକାର। ସୁରକ୍ଷିତ ଓ ଶୃଙ୍ଖଳିତ ରଥଯାତ୍ରା ପାଇଁ ସ୍ୱତନ୍ତ୍ର ସମୀକ୍ଷା ବୈଠକ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପର ସମୀକ୍ଷା କରିବା ସହ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଆ ଜାତିର ମଉଡ଼ମଣି, ଗର୍ବ-ଗୌରବ ଓ ପରିଚୟ କାଳିଆ ସାଆନ୍ତ। ଚଳିତ ବର୍ଷ କଳା ଠାକୁରଙ୍କ ରଥଯାତ୍ରାରୁ ଭକ୍ତ ଯେମିତି ଦିବ୍ୟ ଅନୁଭୂତି ନେଇ ଫେରିବେ ସେଥିପ୍ରତି ଯତ୍ନବାନ ହୋଇଛନ୍ତି ସରକାର। ରଥଯାତ୍ରା ପାଖେଇ ଆସୁଥିବାବେଳେ ପ୍ରସ୍ତୁତିର ସ୍ୱତନ୍ତ୍ର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ସ୍ନାନଯାତ୍ରା ଭଳି ଶୃଙ୍ଖଳିତ ଘୋଷଯାତ୍ରା ସମାପନ ପାଇଁ ସମସ୍ତେ ସମର୍ପଣ ଭାବ ଓ ସମନ୍ୱୟ ରଖିବାକୁ ଅପିଲ କରିଛନ୍ତି। ଅଘଟଣ ଶୂନ୍ୟ ରଥଯାତ୍ରା ପାଇଁ ୧୦ ସୂତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ୧- ରଥଯାତ୍ରା ସମୟରେ ନୀତିକାନ୍ତି ଠିକ୍ ସମୟରେ କରିବାକୁ ନିର୍ଦ୍ଦେଶ। ୨- ଇନର୍ କର୍ଡନ୍ ?ରେ ଅନଧିକୃତ ଲୋକଙ୍କୁ ସମ୍ପୂର୍ଣ୍ଣ ବାରଣ, ମନଇଚ୍ଛା କର୍ଡନ ପାସ୍ ନଦେବାକୁ ନିର୍ଦ୍ଦେଶ। ୩- ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟାପକ ଇଓ ଓ ଉଜଡଘର ବ୍ୟବହାରକୁ ଗୁରୁତ୍ୱ । ୪- ମହିଳା ଯାତ୍ରୀଙ୍କ ସୁରକ୍ଷା ସହିତ ରିଅଲ ଟାଇମ୍ ମ୍ୟାନେଜମେଣ୍ଟ ଉପରେ ଗୁରୁତ୍ୱ। ୫- ସମ୍ଭାବ୍ୟ ଆତଙ୍କବାଦୀ କାର୍ଯ୍ୟକଳାପ ପ୍ରତିହତ ପାଇଁ ପ୍ରସ୍ତୁତ ରହିବାକୁ ପୁଲିସ ଡିଜିଙ୍କୁ ନିର୍ଦ୍ଦେଶ। ସେହିପରି ସୋସିଆଲ ମିଡିଆ ଗୁଜବକାରୀଙ୍କ ଉପରେ ନଜର, ଟ୍ରାଫିକ ସୁପରିଚାଳନା, ଆମ୍ବୁଲାନ୍ସ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ବୈଠକରେ ନୀତି ସମ୍ପାଦନ, ସ୍ୱାସ୍ଥ୍ୟ, ପରିମଳ, ରାସ୍ତାଘାଟ, ଆଇନ୍ ଶୃଙ୍ଖଳା, ରେଳ ଚଳାଚଳ ନେଇ ଆଲୋଚନା ହୋଇଛି । ଚଳିତ ବର୍ଷ ରଥଯାତ୍ରା ପାଇଁ ବ୍ୟବସ୍ଥା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୧୨ତାରିଖ ଭିତରେ ସମସ୍ତ ବାକି କାର୍ଯ୍ୟ ଶେଷ କରିବାକୁ ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଅଛି।

◆◆ପୃଷ୍ଠା ୭

## ଲଗାଣ ବର୍ଷା ପ୍ରଭାବରେ ସାରା ରାଜ୍ୟରେ ଜଳବନ୍ଦୀ ସ୍ଥିତି

■ବୈତରଣୀ କୂଳ ଲଂଘୁଛି: ରାଜ୍ୟରେ ବନ୍ୟା ସ୍ଥିତି ନିୟନ୍ତ୍ରଣରେ ଅଛି : ମନ୍ତ୍ରୀ

■୯ରେ ଖୋଲିବ ହୀରାକୁଦ ଗେଟ୍



ଭୁବନେଶ୍ୱର, ୦୬/୭ (ନି.ପ୍ର): ଲଗାଣ ବର୍ଷାରେ ବେହାଲ୍ ଓଡ଼ିଶା । ଗାଁରୁ ସହର ଜଳବନ୍ଦୀ ସ୍ଥିତି । ବିଭିନ୍ନ ସ୍ଥାନରୁ ସାମ୍ନାକୁ ଆସୁଛି ଅଘଟଣର ଖବର । କେଉଁଠି ଯୋଗାଯୋଗ ବିଚ୍ଛିନ୍ନ ହୋଇଛି, ତ ଆଉ କେଉଁଠି ଠପ୍ ପଡ଼ିଛି ସାଧାରଣ ଜୀବନଯାତ୍ରା । ଏଭଳି ସ୍ଥିତିରେ ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ବଢ଼ିବା ସହ ଲୋକଙ୍କୁ ଘାରିଛି ବନ୍ୟା ଭୟ । ମୟୂରଭଞ୍ଜ ଜିଲ୍ଲା ଉଦଳାର ଦେଓ ନଦୀ ଓ ଭଞ୍ଜନଗରର ଋଷିକୂଲ୍ୟା ହେଉ, ଅବା ଫୁଲବାଣୀର ବାଘ ନଦୀ, ବୌଦ୍ଧର ସାଲୁଙ୍କି ଓ ସୋନପୁରର ସୁକତେଲ ଓ ମହାନଦୀ । ଲଗାଣ ବର୍ଷା ପରେ କରାଳ ରୂପ ଦେଖି ନଈକୂଳିଆ ଲୋକଙ୍କ ଛାତିରେ ଛନକା ପଶିଛି । ନିଦ ହଜାଇଛି ବନ୍ୟା ଭୟ । ଉଦଳା କଇଁସାରି ଜାମୁଘାଟ ପୋଲ ଉପରେ ୩ ଫୁଟ୍ ପାଣି ଚାଲିଥିବାରୁ ୮ଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । କନ୍ଧମାଳ ଜିଲ୍ଲାର କିଛି ସ୍ଥାନରେ ଭୂସ୍ଖଳନ ହୋଇ ପାହାଡ଼ରୁ ମାଟିପଥର ଧସିଛି । ଫିରିଙ୍ଗିଆ ଡୁମୁରିଗାଟାକୁ ରାସ୍ତା ନଥିବାରୁ ଲୋକେ ହଣ୍ଡା ଧରି ଅତି ବିପଦସଂକୁଳ ଭାବେ ବାଘ ନଦୀ ପାରି ହେଉଥିବା ଦେଖିବାକୁ ମିଳିଛି । କନ୍ଧମାଳ, କଟକ ଓ ବଲାଙ୍ଗିର ଜିଲ୍ଲାରେ ଆଜି ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା ହୋଇଥିଲା । କୋରାପୁଟ ସଦର ବ୍ଲକ ଅଫିସ ନିକଟରେ ଘର ଉପରେ ଗଛ ପଡ଼ି ୨ ଜଣ ଗୁରୁତର ହୋଇଛନ୍ତି । ଖୋର୍ଦ୍ଧା ବାଙ୍କୋଇ ସ୍ଥିତ ଅନଙ୍ଗ ନରେନ୍ଦ୍ର କଲେଜ ପାଚେରି ଭୁଶୁଡ଼ିଥିବା ବେଳେ, ଅଳ୍ପକେ ବର୍ତ୍ତି ଯାଇଛନ୍ତି ଛାତ୍ରଛାତ୍ରୀ । ସୁବର୍ଣ୍ଣପୁର ଜିଲ୍ଲାରେ ଗତ ୨୪ ଘଣ୍ଟାରେ ହୋଇଛି ସର୍ବାଧିକ ୩୨୮.୪ ମିଲିମିଟର ବର୍ଷା । ଜିଲ୍ଲାରେ ଥିବା ନିବୃତ୍ତି ନଦୀ, ଶୁକତେଲ, ତେଲ ଓ ମହାନଦୀର ଜଳସ୍ତର ବଢ଼ିବାରେ ଲାଗିଛି ।

◆◆ପୃଷ୍ଠା ୭

## ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଇସ୍ତଫାକୁ ନେଇ ଚର୍ଚ୍ଚା: କାହିଁକି ପୁଲିସ୍ ଚାକିରି ଛାଡ଼ିଲେ ଯୁବ ଆଇପିଏସ୍ ?

ଭୁବନେଶ୍ୱର, ୦୬/୭ (ନି.ପ୍ର): ପୁଲିସ ଚାକିରିରୁ କାହିଁକି ଛାଡ଼ିଗଲା ମୀନାଙ୍କ ମନ? ଚାପ ନା ଆଉ କିଛି? ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଅଚାନକ ଇସ୍ତଫାର ସମ୍ଭାବ୍ୟ କାରଣକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ସେପଟେ ସୂଚନା ମିଳିଛି, କଟକ ଚାଉଳିଆଗଞ୍ଜର ମହିଳା



ଆଇଆଇସି ବିଉଟି ମହାନ୍ତିଙ୍କ ଆତ୍ମହତ୍ୟା ମାମଲାର କାରଣ ବି ଅସ୍ପଷ୍ଟ ରହିଛି । ଜଗମୋହନ ମୀନା । ୨୦୧୩ ବ୍ୟାଚ୍ ଆଇପିଏସ୍ । କାର୍ଯ୍ୟଦକ୍ଷତା ପାଇଁ ସବୁ ମହଲରେ ପ୍ରଶଂସା । ଏସ୍ପି ଭାବେ ଅନୁଗୋଳ ଓ ଗଞ୍ଜାମରେ ଖୁବ ପ୍ରଶଂସା ସାଉଁଟିଛନ୍ତି ।

◆◆ପୃଷ୍ଠା ୭

## ବିଉଟିଙ୍କ ଶେଷ କଲ୍ ଯାଂଚ କରାଯିବ: ଡିସିପି

ଭୁବନେଶ୍ୱର, ୦୬/୭ (ନି.ପ୍ର): ଆଇଆଇସି ବିଉଟି ମହାନ୍ତିଙ୍କ ମୃତ୍ୟୁ ମାମଲାରେ କଟକ ଡିସିପି ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ୨ ଆଇଆଇସି, ଜଣେ ଏସ୍‌ପି, ଅତିରିକ୍ତ ଡିସିପି ଘଟଣାର ତଦନ୍ତ କରୁଛନ୍ତି । ସ୍ୱାମୀଙ୍କ ସହ ୨ ଭଉଣୀଙ୍କ ବୟାନ ରେକର୍ଡ କରାଯାଇଛି । ଏପର୍ଯ୍ୟନ୍ତ ପରିବାର ଲୋକ କୌଣସି ଲିଖିତ ଅଭିଯୋଗ କରିନାହାନ୍ତି । ହ୍ୱାଟ୍ସଆପ୍ ଚାଟ୍ ଓ ଅନ୍ୟ ସୋସିଆଲ ମିଡିଆର ଚାଟ୍ ଯାଂଚ କରାଯିବ । ଶେଷ କଲ୍‌ରେ ସେ କାହା ସହ କଥା ହୋଇଥିଲେ ଯାଂଚ କରାଯିବ । ବ୍ୟାଙ୍କ୍ ଡିଟେଲ ଯାଂଚ ସହ ଫୋନ୍ ଫରେନ୍ସିକ ଲ୍ୟାବ୍ ପଠାଯାଇଛି । ମାମଲାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି । ନିର୍ଯାସ ବାହାରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।

## ତ୍ରିରାଷ୍ଟ୍ରୀୟ ଗସ୍ତରେ ମୋଦୀ: ଆହୁରି ମଜଭୁତ୍ ହେବ ସମ୍ପର୍କ

ନୂଆଦିଲ୍ଲୀ,୬/୭ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ୧୧ ତାରିଖ ପର୍ଯ୍ୟନ୍ତ ତ୍ରିରାଷ୍ଟ୍ରୀୟ ଗସ୍ତରେ ଯାଇଛନ୍ତି । ପ୍ରଥମେ ଇଣ୍ଡୋନେସିଆରେ ପହଞ୍ଚିଛନ୍ତି ମୋଦୀ । ପରେ ସେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲ୍ୟାଣ୍ଡ ଗସ୍ତ କରିବେ । ଏହି ଗସ୍ତ ସମୟରେ ମୋଦୀ ତିନି ଦେଶର ନେତାଙ୍କ ସହ ପ୍ରତିରକ୍ଷା, ବାଣିଜ୍ୟ, ନିବେଶ ଏବଂ ରଣନୈତିକ ସହଭାଗିତା ଉପରେ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି । ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲ୍ୟାଣ୍ଡ ସହ ମଜଭୁତ୍ ହେବ ଭାରତର ସମ୍ପର୍କ । ଜାକର୍ତ୍ତାରେ ପହଞ୍ଚିବା ପରେ



ମୋଦୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି । ୮ ତାରିଖ ପର୍ଯ୍ୟନ୍ତ ମୋଦୀ ଇଣ୍ଡୋନେସିଆରେ ରହିବେ । ଏହି ଗସ୍ତ ସମୟରେ ଭାରତ ଏବଂ ଇଣ୍ଡୋନେସିଆ ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ପ୍ରଣାଳୀର ପର୍ଯ୍ୟାୟକ୍ରମେ କ୍ରୟ ବିଷୟରେ ଆଲୋଚନା କରିବେ ବୋଲି ଆଶା କରାଯାଉଛି । ଦୁଇ ଦେଶ ମଧ୍ୟରେ ରଣନୈତିକ ସମ୍ପର୍କ ପାଇଁ ଏହି ଗସ୍ତକୁ ବିଶେଷଜ୍ଞ ଗୁରୁତ୍ୱପୂର୍ଣ୍ଣ ମନେ କରୁଛନ୍ତି । ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋଓ ଏବଂ ଅନ୍ୟନେତାଙ୍କ ସହ ମୋଦୀ ସାକ୍ଷାତ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତି ପ୍ରବୋଓଙ୍କ ସହିତ ମୋଦୀ ପ୍ରମ୍ବାନନ୍ ମନ୍ଦିର ପରିଦର୍ଶନ କରିବେ । ଏହା ଦୁଇଦେଶର ଘନିଷ୍ଠ ସାଂସ୍କୃତିକ ସମ୍ପର୍କର ଆଉ ଏକ ଉଲ୍ଲେଖନୀୟ ପ୍ରମାଣ ବୋଲି ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି । ଇଣ୍ଡୋନେସିଆରେ ପ୍ରବାସୀ ଭାରତୀୟଙ୍କ ସହ ମଧ୍ୟ ମୋଦୀ ଆଲୋଚନା କରିବେ ।

## ପଞ୍ଜାବରେ ନିର୍ବାଚନ ପୂର୍ବରୁ କଂଗ୍ରେସରେ ବିବାଦ ତୀବ୍ର: ଶକ୍ତି ପ୍ରଦର୍ଶନ ପାଇଁ ଦିଲ୍ଲୀ ଗଲା ଚନ୍ନିଙ୍କ ଗୋଷ୍ଠୀ

ନୂଆଦିଲ୍ଲୀ,୬/୭ : ପଞ୍ଜାବରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ଅନୁ ?ଷ୍ଠିତ ହେବାକୁ ଥିବାବେଳେ କଂଗ୍ରେସରେ ଗୋଷ୍ଠୀ କନ୍ଦଳ ତୀବ୍ର ହୋଇଛି । ସମ୍ବାଦ ସରବରାହ ସଂସ୍ଥା ଏଏନ୍ଆଇ ରିପୋର୍ଟ ଅନୁଯାୟୀ, ଅମରିନ୍ଦର ସିଂହ ରାଜା ୱାରିଂଙ୍କ ବିରୋଧରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂହ ଚନ୍ନିଙ୍କୁ ସମର୍ଥନ କରୁଥିବା ଗୋଷ୍ଠୀର ନେତାମାନେ ସୋମବାର ଦଳୀୟ ହାଇକମାଣ୍ଡଙ୍କ ସହ ବୈଠକ ପାଇଁ ଦିଲ୍ଲୀ ଯାଇଛନ୍ତି । ରାଜ୍ୟ କଂଗ୍ରେସ ପ୍ରଭାରୀ ଭୂପେଶ ବାଘେଲ ରାଜ୍ୟରେ ରହିବାର କାର୍ଯ୍ୟକ୍ରମ ଥିବା ସତ୍ତ୍ୱେ ଏହି ଗୋଷ୍ଠୀ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। କଂଗ୍ରେସ ନେତା ତଥା ଗୁରଦାସପୁର ସାଂସଦ ସୁଖଜିନ୍ଦର ସିଂହ ରାନ୍ଧୱା ସୋସିଆଲ ମିଡିଆରେ ଏହାର ଏକ ଫଟୋ ସେୟାର କରିବା ପରେ ଏହା ଚନ୍ନିଙ୍କ ଗୋଷ୍ଠୀର ଶକ୍ତି ପ୍ରଦର୍ଶନ ପରି ମନେ ହେଉଛି। ଏମାନଙ୍କ ମଧ୍ୟରେ



ଇସ୍ତାହାର କମିଟିର ସହ-ଅଧ୍ୟକ୍ଷ ତଥା ବିଧାୟକ ପାରଗତ ସିଂହ, ନିର୍ବାଚନ କମିଟିର ସହ-ଅଧ୍ୟକ୍ଷ ରଜିଆ ସୁଲତାନା ଓ ଭାରତ

◆◆ପୃଷ୍ଠା ୭

# କେନ୍ଦୁଝରର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଚିଠା ଭୋଟର ତାଲିକା ପ୍ରକାଶିତ

କେନ୍ଦୁଝର, ୦୬/୦୭ (ନି.ପ୍ର): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ.ଆଇ.ଆର) କାର୍ଯ୍ୟକ୍ରମ ଅଧୀନରେ ଆଜି କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ କ୍ଷୁଦ୍ର ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରେ ଗଣମାଧ୍ୟମକୁ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ସିଂହ ଏସଆଇଆର ସମ୍ବନ୍ଧିତ ସୂଚନା ଉପସ୍ଥାପିତ କରିଥିଲେ। ଜିଲ୍ଲାର ୧,୯୧୫ଟି ବୁଥ୍ ପାଇଁ ଚିଠା ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି। ଏହି ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମସ୍ତ ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହିତ ଅଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରି ବାଦ୍ ଦେବା। ପରିଗଣନା ପର୍ଯ୍ୟାୟରେ ମୋଟ ୧୩,୦୮,୭୬୨ ଜଣ ଡିଜିଟାଇଜ୍ଡ ଇଏଫ୍ ଚିହ୍ନଟ ହୋଇଥିବାବେଳେ, ମୃତ୍ୟୁ, ସ୍ଥାୟୀ ଭାବେ ସ୍ଥାନାନ୍ତରଣ ଏବଂ ଅନ୍ୟାନ୍ୟ କାରଣରୁ ୬୪,୩୭୫ ଜଣ ଭୋଟରଙ୍କୁ ବାଦ୍ ଦିଆଯାଇଛି। ଏହି କାର୍ଯ୍ୟରେ ୨,୯୬୬ ଜଣ ବୁଥ୍ ସ୍ତରୀୟ ଏଜେଂଟ ସହଯୋଗ କରିଛନ୍ତି।

ରାଜ୍ୟରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଜୁଲାଇ ୫ ତାରିଖ ଆଜିଠାରୁ ଆରମ୍ଭ ହୋଇଛି। ଏହି କ୍ରମରେ ଆଜି ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଯେଉଁ ନାଗରିକମାନେ ନିଜ ନାମ ସଂଶୋଧନ କରିବାକୁ ଚାହୁଁଛନ୍ତି କିମ୍ବା ତାଲିକା ନେଇ କୌଣସି ଆପତ୍ତି ରହିଛି, ସେମାନେ ଜୁଲାଇ ୫ ତାରିଖ ଠାରୁ ଆସନ୍ତା ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ନିଜର ଦାବି ଓ ଆପତ୍ତି ଦାଖଲ କରିପାରିବେ। ନିର୍ବାଚନ କମିଶନଙ୍କ କାର୍ଯ୍ୟସୂଚୀ ଅନୁଯାୟୀ, ଦାଖଲ ହୋଇଥିବା ଦାବି ଓ ଆପତ୍ତିଗୁଡ଼ିକର ଶୁଣାଣି ଏବଂ ଯାଂଚ ଜୁଲାଇ ୫ ତାରିଖ ଠାରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ, ଚୂଡ଼ାନ୍ତ ଭୋଟର ତାଲିକା ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ପ୍ରକାଶ ପାଇବ। ତେଣୁ ସମସ୍ତ ଯୋଗ୍ୟ ଭୋଟରମାନେ ନିଜ ନାମ ତାଲିକାରେ ଠିକ୍ ଅଛି କି ନାହିଁ, ତାହା ଯାଂଚ କରିନେବାକୁ ପରାମର୍ଶ ଦିଆଯାଇଛି।

ଜିଲ୍ଲା ନିର୍ବାଚନ ଅଧିକାରୀ ସମସ୍ତ ନାଗରିକଙ୍କୁ ଅନୁରୋଧ କରିଛନ୍ତି ଯେ, ସ୍ଥାନୀୟ ବୁଥ୍ ସ୍ତରୀୟ ଅଧିକାରୀ, ଋଉଓଘରଞ୍ଜ ମୋବାଇଲ୍ ଆପ୍ କିମ୍ବା ଢ଼କ୍ଟଙ୍ଗରକ୍ଟଙ୍ଗ.ରମସ.ଶକ୍ଟଙ୍ଗ.ସଭ ୱେବସାଇଟ୍ ମାଧ୍ୟମରେ ନିଜ ନାମ ଯାଂଚ କରନ୍ତୁ। ଯଦି କାହାର ନାମ ନଥିବ, ତେବେ ସେମାନେ ଫର୍ମ-୬ ପୂରଣ କରି ନାମ ସାମିଲ ପାଇଁ ଆବେଦନ କରିପାରିବେ। ଏହି କାର୍ଯ୍ୟର ସୁପରିଚାଳନା ପାଇଁ ୬ ଜଣ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ୩୬ ଜଣ ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ନିୟୋଜିତ ହୋଇଛନ୍ତି। ଏସ.ଆଇ.ଆର ନିର୍ଦ୍ଦେଶାବଳୀର ପାରା ୫(ଖ) ଅନୁଯାୟୀ, ନିର୍ବାଚନ ପଞ୍ଜୀକରଣ ଅଧିକାରୀ/ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଙ୍କ ବିନା ନୋଟିସ୍ ଏବଂ ସ୍ପଷ୍ଟ ଆଦେଶରେ ପ୍ରକାଶିତ ଚିଠା ତାଲିକାରୁ କୌଣସି ନାମ ବାଦ୍ ଦିଆଯାଇପାରିବ ନାହିଁ। କୌଣସି କ୍ଷତିଗ୍ରସ୍ତ ଭୋଟର ଜନପ୍ରତିନିଧିତ୍ୱ ଆଇନ ୧୯୫୦ ର ଧାରା ୨୪ ଅଧୀନରେ ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ତା'ପରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅପିଲ୍ କରିପାରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ମନ୍ଦରଧର ମହାଲିକ, ଉପ-ଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳାଇ, ଅତିରିକ୍ତ ଉପଜିଲ୍ଲାପାଳ ପୁନମ ବିନିତା ବାଗେ, ଡେପୁଟି କଲେକ୍ଟର ଶ୍ରୀମତି ଅରୁଣିମା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ଥିଲେ।

## ସମ୍ବଲପୁରରେ ଖସଡ଼ା ଭୋଟର ତାଲିକା ପ୍ରକାଶିତ ସମ୍ପର୍କରେ ପ୍ରଶାସନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ସମ୍ବଲପୁର, ୦୬/୦୭ (ନି.ପ୍ର): ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବଲପୁର ଜିଲ୍ଲାର ଖସଡ଼ା ଭୋଟର ତାଲିକା ବିଧିବଦ୍ଧ ଭାବେ ପ୍ରକାଶ ପାଇଛି। ଏ ନେଇ ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସୁଧାଂଶୁ କୁମାର ଭୋଇ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ କହିଥିଲେ ଯେ ରାଜନୈତିକ ଦଳର ସଭାପତି ଏବଂ ସମ୍ପାଦକମାନଙ୍କୁ ଆମନ୍ତ୍ରଣ କରାଯାଇଥିଲା। ପ୍ରଶାସନ ପକ୍ଷରୁ ଖସଡ଼ା ଭୋଟର ତାଲିକାର ଉଭୟ 'ସଫ୍ଟ କପି' ଏବଂ 'ହାର୍ଡ କପି' ପ୍ରଦାନ କରାଯାଇଛି। ରାଜନୈତିକ ଦଳର ପ୍ରତିନିଧିମାନେ ଜିଲ୍ଲା ନିର୍ବାଚନ ବିଭାଗରୁ ଏହି ହାର୍ଡ କପି ସଂଗ୍ରହ କରିପାରିବେ। ଅତିରିକ୍ତ ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ, ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଜିଲ୍ଲାରେ ସମୁଦାୟ ୮,୪୪,୭୪୧ ଭୋଟର ଥିଲେ।

# ପ୍ରଦେଶ ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର , ୦୬/୦୭ (ନି.ପ୍ର): ଆଜି ପ୍ରଦେଶ ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ରଞ୍ଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଯୋଗଦେଇ କହିଲେ ଯେ ଓଡ଼ିଶାର ଯୁବ ସମାଜ ଆଗାମୀ ପରିବର୍ତ୍ତନର ସୂତ୍ରଧର ହେବେ। ଯୁବ ସମାଜକୁ ଡବଲ ଇଞ୍ଜିନ ସରକାର ପ୍ରତାରିତ କରିଛି। ଯୁବକ ମାନେ ସେମାନଙ୍କର ଅଧିକାର ପ୍ରାପ୍ତ ହେବାରୁ ବଞ୍ଚିତ ହୋଇଛନ୍ତି। ନରେନ୍ଦ୍ର ମୋଦି ବର୍ଷକୁ ୨ କୋଟି ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କଲେ ଏବଂ ଓଡ଼ିଶାରେ ମଧ୍ୟ ବିଜେପି ସରକାର ଯୁବକ ମାନଙ୍କୁ କର୍ମ ସଂସ୍ଥାନ ଯୋଗାଇବା ପାଇଁ ଚିନ୍ତିତ ନୁହଁନ୍ତି। ରାହୁଲ ଗାନ୍ଧୀ ଦେଶ ଓ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା, ଛାତ୍ର, ଛାତ୍ରୀ ଏବଂ ଅଭିଭାବକ ମାନଙ୍କର ଯନ୍ତ୍ରଣା ସମ୍ପର୍କରେ ଉପସ୍ଥାପନ କଲେ। ରାହୁଲ ଗାନ୍ଧୀଙ୍କ "ଛାତ୍ରୋଂକି ଗୁଞ୍ଜ" କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତର ପର୍ଯ୍ୟନ୍ତ ଆଗେଇ ନେବାକୁ ଶ୍ରୀ ଦାସ ଉପଦେଶ ଦେଇଥିଲେ। ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର ଆଜିର ପ୍ରସ୍ତାବରେ ମୁଖ୍ୟତଃ ଚାରୋଟି ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଏହାକୁ ନେଇ ଯୁବ କଂଗ୍ରେସ ଦୁର୍ବାର ଆନ୍ଦୋଳନ କରିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

"ଛାତ୍ରୋଂକି ଗୁଞ୍ଜ" କାର୍ଯ୍ୟକ୍ରମ ବ୍ୟାପକ ଭାବରେ ଉଚ୍ଚଶିକ୍ଷା ଅନୁଷ୍ଠାନ ମାନଙ୍କରେ ଆୟୋଜିତ ହେବ। ପ୍ରଶ୍ନପତ୍ର ପ୍ରଘଟ, ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କୁ ଶୋଷଣ ଏବଂ ବିଶେଷ କରି ଶିକ୍ଷା ବିଭାଗର ବିକାଶ ପ୍ରତି ସରକାରଙ୍କ ଉଦାସୀନତା ବିରୋଧରେ ବ୍ୟାପକ ଆନ୍ଦୋଳନ ହେବ।

ନରେନ୍ଦ୍ର ମୋଦି ବର୍ଷକୁ ୨ କୋଟି ନିଯୁକ୍ତି କଥା କହି ଭୋଟ ନେଲେ ସେହିଭଳି ଓଡ଼ିଶାରେ ମଧ୍ୟ ବିଜେପି ବ୍ୟାପକ ନିଯୁକ୍ତି ଯୋଗାଇ ଦେବ ବୋଲି କହି ଯୁବକ ମାନଙ୍କର ସମର୍ଥନ ହାସଲ କଲେ। ମାତ୍ର କ୍ଷମତାକୁ ଆସିଲା ପରେ ଯୁବକ ମାନଙ୍କର ନିଯୁକ୍ତି, ସମସ୍ୟା ଓ ସ୍ୱାର୍ଥ ପ୍ରତି ମୋହନ ସରକାର ଓ ମୋଦି ସରକାର ବିମୁଖ ରହିଲେ। ଏହା ବିରୋଧରେ ଯୁବ କଂଗ୍ରେସ ଯୁବ ଆନ୍ଦୋଳନ କରିବ।

ଓଡ଼ିଶାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ମହିଳା ଅସୁରକ୍ଷିତ, ନିଶା କାରବାର ବୃଦ୍ଧି ଏବଂ ବିଶେଷ କରି ଏହାକୁ ନିୟନ୍ତ୍ରଣ କରିବାରେ ସରକାରଙ୍କ ବିଫଳତା ବିରୋଧରେ ବିଧାନସଭା କ୍ଷେତ୍ରରେ ଆନ୍ଦୋଳନ କରାଯିବ। ମୋହନ ସରକାର ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତିରେ ବୁଡ଼ି ରହିଛି। ମୋହନ ସରକାରର ମେଗା ଦୁର୍ନୀତିର ପର୍ଦ୍ଦାଫାସ ଯୁବ କଂଗ୍ରେସ କରିବ ଏବଂ ଦୁର୍ନୀତି ଖୋର ନେତା ଓ ଅଫିସର ଦଣ୍ଡିତ ନହେବା ପର୍ଯ୍ୟନ୍ତ କ୍ରମାଗତ ଆନ୍ଦୋଳନ କରାଯିବ।

ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତ ଯୁବ କଂଗ୍ରେସର ପୂର୍ବତନ ସାଧାରଣ ସଂପାଦକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଓଡ଼ିଶା ଯୁବ କଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖ ଓ ରିଆନା ରାଜୁ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲ, ଅଭିଜିତ ଜେନା, ସ୍ୱାଗତ କର, ମହମ୍ମଦ ଗୁଲଫାମ, ଜାଭେଦ ଅକତର, ଗୋପନ ମାର୍ଥା, ଲକ୍ଷ୍ମିପ୍ରୀୟା ନାୟକ, ଆଲୋକ ଦାସଙ୍କ ସମେତ ସମସ୍ତ ଯୁବ କଂଗ୍ରେସର ଜିଲ୍ଲା ସଭାପତି ଏବଂ ରାଜ୍ୟ କର୍ମକର୍ତ୍ତାମାନେ ଯୋଗଦେଇ "ଛାତ୍ରୋଂକି ଗୁଞ୍ଜ" କାର୍ଯ୍ୟକ୍ରମ ଉପରେ ଖସଡ଼ା ପ୍ରସ୍ତୁତ କରିଥିଲେ।

## ରଘୁନାଥପାଲି ଗ୍ରାମ ପରିଦର୍ଶନ କଲେ ଜିଲ୍ଲାପାଳ

ଝାରସୁଗୁଡ଼ା , ୦୬/୦୭ (ନି.ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ରଘୁନାଥପାଲି ଗ୍ରାମ ପରିଦର୍ଶନ କରି ସେଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ହେଉଥିବା ସମ୍ବଲପୁରୀ ଶାଢ଼ୀ ଓ ଉତ୍ତରୀୟ ବୟନ କାର୍ଯ୍ୟର ସମୀକ୍ଷା କରିଥିଲେ।

ପରିଦର୍ଶନ ସମୟରେ ଜିଲ୍ଲାପାଳ ବୟନ ପ୍ରକ୍ରିୟା, ଉତ୍ପାଦର ଗୁଣବତ୍ତା, ବଜାରୀକରଣ ବ୍ୟବସ୍ଥା ଏବଂ ମହିଳାମାନଙ୍କ ଆୟବୃଦ୍ଧି ସମ୍ପର୍କରେ ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ପାରମ୍ପରିକ ସମ୍ବଲପୁରୀ ହସ୍ତତନ୍ତ କଳାକୁ ସଂରକ୍ଷଣ କରିବା ସହ ଏହାକୁ ଅଧିକ ବ୍ୟାପକ ବଜାର ସହିତ ଯୋଡ଼ିବା ଉପରେ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଗୁରୁତ୍ୱାରୋପ କରିଥିଲେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟକ୍ଷମାନେ ନିଜ ଦକ୍ଷତା ଓ ପରିଶ୍ରମ ବଳରେ ଉତ୍କୃଷ୍ଟ ମାନର ସମ୍ବଲପୁରୀ ଶାଢ଼ୀ ଓ ଉତ୍ତରୀୟ ପ୍ରସ୍ତୁତ କରି ଆତ୍ମନିର୍ଭରଶୀଳତା ଦିଗରେ ସଫଳ ପଦକ୍ଷେପ ନେଇଥିବାରୁ ଜିଲ୍ଲାପାଳ ସେମାନଙ୍କୁ ପ୍ରଶଂସା କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନାର ସହାୟତାରେ ଏପରି ଉଦ୍ୟମକୁ ଆହୁରି ସୁଦୃଢ଼ କରିବା ଓ ବଜାର ସୁବିଧା ବୃଦ୍ଧି ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ଏଥିସହିତ ବେଦାନ୍ତ ଟିମ ଏହି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ସହାୟତା ପ୍ରଦାନ କରୁଥିବାରୁ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଖୁସି ବ୍ୟକ୍ତ କରିଥିଲେ। ଜିଲ୍ଲାପାଳ ଙ୍କ ଏହି ପରିଦର୍ଶନ ଗ୍ରାମୀଣ ମହିଳାଙ୍କ ଆର୍ଥିକ ସଶକ୍ତିକରଣ ସହ ପାରମ୍ପରିକ ହସ୍ତତନ୍ତ ଶିଳ୍ପର ପ୍ରସାର ଓ ପ୍ରଚାରକୁ ନୂତନ ଆଶା ଦେଖାଇବ ବୋଲି ମତ ପ୍ରକାଶ ପାଇଥିଲା ।

# ନକଲି ଇନଷ୍ଟାଗ୍ରାମ ଆକାଉଂଟ ଖୋଲି ମହିଳାଙ୍କୁ ବ୍ଲାକମେଲ୍ : ଛତିଶଗଡ଼ରୁ ମୁଖ୍ୟ ଅଭିଯୁକ୍ତ ଗିରଫ

ଝାରସୁଗୁଡା, ୦୬/୦୭ (ନି.ପ୍ର): ଜଣେ ମହିଳାଙ୍କ ନାମରେ ନକଲି ଇନଷ୍ଟାଗ୍ରାମ ଆକାଉଂଟ ଖୋଲି ତାଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ କରିବା ସହ ଅନଲାଇନରେ ହଇରାଣ, ବ୍ଲାକମେଲ୍ ଏବଂ ଧମକ ଦେଉଥିବା ଅଭିଯୋଗରେ ଝାରସୁଗୁଡ଼ା ସାଇବର ଥାନା ପୁଲିସ ଛତିଶଗଡ଼ରୁ ଜଣେ ସାଇବର ଅପରାଧୀଙ୍କୁ ଗିରଫ କରିଛି। ଏହି ଘଟଣାରେ ଜଣେ ନାବାଳକ ସହଯୋଗୀଙ୍କୁ ମଧ୍ୟ ଆୟତ କରାଯାଇ ବାଳ ସୁଧାର ଗୃହକୁ ପଠାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଛତିଶଗଡ଼ର ଶକ୍ତି ଜିଲ୍ଲା ମାଲଖୋର୍ଦ୍ଧା ଥାନା ଅନ୍ତର୍ଗତ ଭାଥୋରା ଗ୍ରାମର ନନ୍ଦ କୁମାର ଚୌହାନ (୩୦)। ସାଇବର ଥାନା ପୁଲିସର ସୂଚନା ଅନୁଯାୟୀ, ଝାରସୁଗୁଡ଼ାର ଜଣେ ଯୁବତୀଙ୍କ ନାମରେ ଏକ ନକଲି ଇନଷ୍ଟାଗ୍ରାମ ଆକାଉଂଟ ଖୋଲାଯାଇଥିଲା। ସେହି ଆକାଉଣ୍ଟର ପ୍ରୋଫାଇଲ୍ ଫଟୋ ଭାବେ ଯୁବତୀଙ୍କ ଅଶ୍ଳୀଳ ଛବି ବ୍ୟବହାର କରାଯାଇଥିଲା। ଏଥିସହ ବିଭିନ୍ନ ମୋବାଇଲ୍ ନମ୍ବରରୁ ଯୁବତୀଙ୍କୁ ଅଶ୍ଳୀଳ ମେସେଜ୍, ଭିଡିଓ ଓ ଧମକପୂର୍ଣ୍ଣ ବାର୍ତ୍ତା ପଠାଇ ମାନସିକ ନିର୍ଯାତନା ଦିଆଯାଉଥିଲା। ଏନେଇ ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଝାରସୁଗୁଡ଼ା ସାଇବର ଥାନାରେ କେସ୍ ନଂ–୧୯/୨୦୨୬ ରୁଜୁ ହୋଇଥିଲା। ଘଟଣାର ତଦନ୍ତ ପାଇଁ ଝାରସୁଗୁଡ଼ା ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଡିଜିଟାଲ୍ ପ୍ରମାଣ, ମେଟା ରେକର୍ଡ ଏବଂ କଲ୍ ଡିଟେଲ୍ ରେକର୍ଡ (ସିଡିଆର୍) ବିଶ୍ଳେଷଣ କରି ଅଭିଯୁକ୍ତଙ୍କ ସନ୍ଧାନ ପାଇଥିଲା। ତଦନ୍ତରେ ଘଟଣାର ସୂତ୍ର ଛତିଶଗଡ଼ର ଶକ୍ତି ଜିଲ୍ଲାକୁ ଲମ୍ବିଥିବା ଜଣାପଡ଼ିବା ପରେ ପୁଲିସ ସେଠାରେ ଚଢ଼ଉ କରି ନନ୍ଦ କୁମାର ଚୌହାନଙ୍କୁ ଗିରଫ କରିବା ସହ ଜଣେ ନାବାଳକ ସହଯୋଗୀଙ୍କୁ ମଧ୍ୟ ଆୟତ କରିଥିଲା।

ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ୍) ଓ ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନର ବିଭିନ୍ନ ସଙ୍ଗୀନ ଦଫାରେ ସାଇବର ଷ୍ଟକିଂ, ଅନଲାଇନ ନିର୍ଯାତନା, ବ୍ୟକ୍ତିଗତ ଗୋପନୀୟତା ଭଙ୍ଗ ଏବଂ ଡିଜିଟାଲ୍ ମାଧ୍ୟମରେ ଅଶ୍ଳୀଳ ସାମଗ୍ରୀ ପ୍ରସାରଣ ଅଭିଯୋଗରେ ମାମଲା ରୁଜୁ କରାଯାଇଛି। ରବିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଯାଇଛି। ଏଭଳି ସାଇବର ଅପରାଧ ମାଧ୍ୟମରେ ମହିଳାଙ୍କ ସମ୍ମାନହାନି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଗାମୀ ଦିନରେ ମଧ୍ୟ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଝାରସୁଗୁଡ଼ା ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି।

# ଜିଲ୍ଲାପାଳଙ୍କ ଦ୍ୱାରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ ୨୦୦ ଇସ୍ପାତ ଜଳ ବୋତଲ ବଂଟନ

ନୂଆପଡ଼ା, ୦୬/୦୭ (ନି.ପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସମ୍ପୂର୍ଣ୍ଣ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ(ଏସୁ୍ୟପି) ମୁକ୍ତ କରିବା ଲକ୍ଷ୍ୟରେ ନୂଆପଡ଼ା ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ମଧୁସୂଦନ ଦାଶ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ୨୦୦ଟି ପୁନଃ ବ୍ୟବହାରଯୋଗ୍ୟ ଇସ୍ପାତ ଜଳ ବୋତଲ ବଂଟନ କରିଛନ୍ତି। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ), ନୂଆପଡ଼ା ଶାଖା ପକ୍ଷରୁ କର୍ପୋରେଟ ସାମାଜିକ ଦାୟିତ୍ୱ(ସିଏସ୍ଆର୍) ପାଣ୍ଠିରୁ ଏହି ବୋତଲଗୁଡ଼ିକ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସମ୍ପୂର୍ଣ୍ଣ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ ମୁକ୍ତ କରିବା ଜିଲ୍ଲା ପ୍ରଶାସନର ଏକ ପ୍ରମୁଖ ଲକ୍ଷ୍ୟ। ଏହି ବ୍ୟବସ୍ଥା ଅନୁଯାୟୀ ହସ୍ପିଟାଲରେ ଭର୍ତ୍ତି ହେଉଥିବା ପ୍ରତ୍ୟେକ ରୋଗୀଙ୍କୁ ବ୍ୟବହାର ପାଇଁ ଏକ ଇସ୍ପାତ ଜଳ ବୋତଲ ପ୍ରଦାନ କରାଯିବ ଏବଂ ରୋଗୀ ଡିସ୍ଚାର୍ଜ ହେବା ପରେ ବୋତଲଟି ଫେରସ୍ତ ନିଆଯିବ। ଏହାଦ୍ୱାରା ହସ୍ପିଟାଲ ପରିସରରେ ଏକବାର ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ବୋତଲର ବ୍ୟବହାର ହ୍ରାସ ପାଇବା ସହ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହନ ମିଳିବ।

ଏସ୍ବିଆଇ ନୂଆପଡ଼ାର ମୁଖ୍ୟ ପ୍ରବନ୍ଧକ ଲିଙ୍କନ ଦାସ କହିଥିଲେ ଯେ, ପରିବେଶ ସୁରକ୍ଷା ଓ ସାମାଜିକ କଲ୍ୟାଣ ପ୍ରତି ବ୍ୟାଙ୍କ ସଦା ପ୍ରତିବଦ୍ଧ ରହିଛି। ସମାଜର ଆବଶ୍ୟକତା ଅନୁଯାୟୀ ଏଭଳି ଜନହିତକର କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ। ଏହି ପଦକ୍ଷେପ ରୋଗୀ ସୁବିଧା ବୃଦ୍ଧି ସହିତ ପରିବେଶ ସୁରକ୍ଷା ଏବଂ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଗଠନ ଅଭିଯାନକୁ ଅଧିକ ସୁଦୃଢ଼ କରିବ ବୋଲି ପ୍ରକାଶ କରାଯାଇଥିଲା।

# 'ଭଦ୍ରାଣୀ'ର ପୁସ୍ତକ ଲୋକାର୍ପଣ ସମାରୋହ, 'ପୁସ୍ତକ ହେଉଛି ଜ୍ଞାନର ରୂପମୟ ପରିପ୍ରକାଶ'

ଭଦ୍ରକ, ୦୬/୦୭ (ନି.ପ୍ର): 'ଈଶ୍ୱରଙ୍କ ସୃଷ୍ଟିର ତିନୋଟି ଅନବଦ୍ୟ ମହାକାବ୍ୟ ମଧ୍ୟରୁ ଜ୍ଞାନ ଅନ୍ୟତମ, ଯାହା ଭାବସ୍ଥିତିରେ ଉଦ୍‌ଭାଷିତ ହେଉଥାନ୍ତି । କ୍ରାନ୍ତଦର୍ଶୀ ମନୀଷୀମାନେ ଜ୍ଞାନଙ୍କୁ ଦର୍ଶନ କରି ତାହାଙ୍କୁ ପରିପ୍ରକାଶ କରିଥାନ୍ତି। ଲିପିର ଉଦ୍‌ଭାବନ ପରେ ସେହି ଜ୍ଞାନ ପୁସ୍ତକ ଆକାରରେ ପ୍ରକାଶ ପାଇଲା। ଆମ ଜଗତ ଓ ଜୀବନକୁ ସମୃଦ୍ଧ କରୁଥିବା ପ୍ରତିଟି ବିଭବର ପ୍ରତିଟି ପୁସ୍ତକ ଆମ ସମାଜର ରାଜରାସ୍ତାକୁ ପ୍ରଶସ୍ତ ଏବଂ ପରିଚ୍ଛନ୍ନ କରିଥାଏ ଏବଂ ଆମକୁ ମାର୍ଗଦର୍ଶନ କରିଥାଏ । ଗୋଟିଏ ପରେ ଗୋଟିଏ ପୁସ୍ତକ ସାରା ସଂସାରକୁ ଅହରହ ଆଲୋକିତ କରୁଥାନ୍ତି , ସଂସାରର ଭବିଷ୍ୟତର ମାର୍ଗ ପରିଚ୍ଛନ୍ନ କରୁଥାନ୍ତି । ଫଳରେ ବାମନର ତୃତୀୟ ପାଦ ଭଳି ଜ୍ଞାନର ଭଣ୍ଡାର ସର୍ବଦା ପ୍ରସାରିତ ହେଉଥାଏ । ଅନେକ ସମୟରେ ସେହି ରତ୍ନର ସ୍ପର୍ଶ ଏବଂ ସାନିଧ୍ୟରେ ଜୀବନ ଧନ୍ୟ ହୋଇଯାଏ । ଜଣେ ସାଧାରଣ ମଣିଷ ମୋହନ ଦାସ କରମ ଚାନ୍ଦ ଗାନ୍ଧି ଜନ୍ ରସକିନଙ୍କର 'ଅନ୍ ଟୁ ଦିଶ୍ ଲାଷ୍ଟ୍' ଶୀର୍ଷକ ପୁସ୍ତକ ଅଧ୍ୟୟନ କରିବା ପରେ ମହାତ୍ମାରେ ରୂପାନ୍ତରିତ ହୋଇଯାଆନ୍ତି। ମହାତ୍ମା ଗାନ୍ଧିଙ୍କ ଆତ୍ମଜୀବନୀର ଗୋଟିଏ ଅଧ୍ୟାୟ ହେଉଛି - ଗୋଟିଏ ବହିର କୁହୁକ। ହାରିଏଟ ବିଚର ଷ୍ଟୋଙ୍କ ରଚିତ 'ଅଙ୍କଲ ଟମସ୍ କାବିନ' ପୁସ୍ତକ ଆମେରିକାରୁ ଘୃଣିତ କ୍ରୀତଦାସପ୍ରଥା ବିଲୋପରେ ସହାୟକ ହୁଏ । ପାରଂପରିକ ଦୃଷ୍ଟିରୁ ଅନୁଶୀଳନ କଲେ ଶ୍ରୀମଦ୍ ଭଗବତ ଗୀତା ଗୋଟିଏ ପୁସ୍ତକ, ଯାହା ସଂପର୍କରେ ମହାତ୍ମା ଗାନ୍ଧି କହିଥିଲେ - ମୋ ଜୀବନରେ ଯେତେବେଳେ ସଙ୍କଟ ଆସେ,ଶ୍ରୀମଦ୍ ଭଗବତ ଗୀତାର ଯେକୌଣସି ପୃଷ୍ଠା ଖୋଲିଦେଲେ ତାହାର ସମାଧାନ ପାଇଯାଏ । ଏହା ହିଁ ହେଉଛି ପୁସ୍ତକର ଗୌରବମଣ୍ଡିତ ମହିମା।' ଭଦ୍ରକର ପ୍ରତିଷ୍ଠିତ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ "ଭଦ୍ରାଣୀ" ଆନୁକୂଲ୍ୟରେ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ସୁସାହିତ୍ୟିକ ଅଭୟ ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଆୟୋଜିତ ଲୋକାର୍ପଣ ସମାରୋହରେ ଅତିଥି ବକ୍ତାମାନେ ଏହା ବ୍ୟକ୍ତ କରିଛନ୍ତି । ଏହି ସମାରୋହରେ ସ୍ୱନାମଧନ୍ୟ ପ୍ରାଧ୍ୟାପକ ଡ଼.ବ୍ରଜମୋହନ ମିଶ୍ରଙ୍କ 'ଓଠରୁ ନୁହେଁ' ଏବଂ ସଂସ୍କୃତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼.ପ୍ରମୋଦ ନାୟକଙ୍କ'ଯୁଗକୁ ଯବକାଚ' ପୁସ୍ତକ ଉନ୍ମୋଚିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଭଦ୍ରକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର ଯୋଗଦେଇ ଦୁଇଟି ପୁସ୍ତକ ସଂପର୍କରେ ବ୍ୟାଖ୍ୟା କରିଥିଲେ । ଚରଂପା ମହାବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରାଧ୍ୟାପିକା ଡ଼.ସୁକାନ୍ତି ମହାପାତ୍ର 'ଓଠରୁ ନୁହେଁ' ପୁସ୍ତକ ସଂପର୍କରେ କହିଥିଲେ ଯେ ଏହା ଏକ କାଳଜୟୀ ପୁସ୍ତକ ଏବଂ ସମାଜର ପ୍ରତିଟି ବର୍ଗର ବ୍ୟକ୍ତିଙ୍କୁ ମାର୍ଗଦର୍ଶନ କରୁଥିବ।

# ଓଡ଼ିଶା ପୋଲିସ ହାବିଲଦାର-କନେଷ୍ଟବଳ ଶାଖା ସଂଘ ଭଦ୍ରକ ଜିଲ୍ଲାର ପ୍ରାର୍ଥୀପତ୍ର ଦାଖଲ: ବିରାଟ ଶୋଭାଯାତ୍ରାରେ ଶକ୍ତି ପ୍ରଦର୍ଶନ, ସାଂସଦ ଓ ବିଧାୟକଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ

ଭଦ୍ରକ, ୦୬/୦୭ (ନି.ପ୍ର): ଓଡ଼ିଶା ପୋଲିସ ହାବିଲଦାର–କନେଷ୍ଟବଳ ଶାଖା ସଂଘ, ଭଦ୍ରକ ଜିଲ୍ଲାର ଆଗାମୀ ନିର୍ବାଚନକୁ ନେଇ ପ୍ରାର୍ଥୀମାନେ ବିରାଟ ଶୋଭାଯାତ୍ରାରେ ଯାଇ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ସଂଘର ସଦସ୍ୟ, ହାବିଲଦାର, କନେଷ୍ଟବଳ ଓ ଶତାଧିକ ସମର୍ଥକଙ୍କ ଉପସ୍ଥିତି ସମଗ୍ର ପରିବେଶକୁ ଉତ୍ସାହମୟ କରିଥିଲା। ପୂର୍ବାହ୍ନରେ ଭଦ୍ରକ ସହରସ୍ଥିତ ମା' ଦକ୍ଷିଣ କାଳୀ ମନ୍ଦିରରେ ସମସ୍ତ ପ୍ରାର୍ଥୀ ପୂଜାର୍ଚ୍ଚନା କରି ଆଶୀର୍ବାଦ ଗ୍ରହଣ କରିଥିଲେ। ପରେ ସେଠାରୁ ଶତାଧିକ ସମର୍ଥକଙ୍କୁ ସାଥୀ କରି ଏକ ସୁଶୃଙ୍ଖଳ ଓ ବିରାଟ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ସହରର ବିଭିନ୍ନ ପ୍ରମୁଖ ରାସ୍ତା ପରିକ୍ରମା କରି କଚେରୀ ପରିସରସ୍ଥିତ ଡି.ଆଇ.ବି. କାର୍ଯ୍ୟାଳୟରେ ପହଂଚିଥିଲା। ସେଠାରେ ନିର୍ବାଚନୀ ନିୟମାବଳୀ ଅନୁଯାୟୀ ସମସ୍ତ ପ୍ରାର୍ଥୀ ନିଜ ନିଜ ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହି ପ୍ୟାନେଲରେ ସଭାପତି ପଦ ପାଇଁ ଗଗନ କୁମାର ସେନ ପ୍ରାର୍ଥୀ ହୋଇଥିବା ବେଳେ ଉପସଭାପତି ପଦ ପାଇଁ ପ୍ରିୟବ୍ରତ ଦାସ ଓ ସୁଦାମ ମୁରୁମୁ, ସମ୍ପାଦକ ପଦ ପାଇଁ ଦେବାଶିଷ ମହାନ୍ତି ଓ ସହ ସମ୍ପାଦକ ଆଶିଷ କୁମାର ଘଡ଼େଇ, କୋଷାଧ୍ୟକ୍ଷ ପଦ ପାଇଁ ବସନ୍ତ କୁମାର ମାଝୀ ପ୍ରାର୍ଥୀ ରହିଛନ୍ତି। ସେହିପରି ସକ୍ରିୟ ସଦସ୍ୟ ପଦ ପାଇଁ ଅଭୟ କୁମାର ସେଠୀ, ଲିନା ରାଣୀ ସାହୁ, ରଘୁନାଥ ମୁରୁମୁ, ରଞ୍ଜିତ କୁମାର ସାହୁ ଓ ଜୟନ୍ତ ବେହେରା ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ପ୍ରାର୍ଥୀପତ୍ର ଦାଖଲ ସମୟରେ ସମର୍ଥକମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଶୋଭାଯାତ୍ରାରେ ସାମିଲ ହୋଇଥିବା ହାବିଲଦାର ଓ କନେଷ୍ଟବଳମାନେ ନିଜ ନିଜ ପ୍ରାର୍ଥୀଙ୍କ ପ୍ରତି ସମର୍ଥନ ପ୍ରକାଶ କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ପରିବେଶରେ ସମ୍ପନ୍ନ ହୋଇଥିବା ବେଳେ ସଂଘର ସଦସ୍ୟମାନେ ଏକତା, ଶୃଙ୍ଖଳା ଓ ସଂଗଠନର ଶକ୍ତିର ପରିଚୟ ଦେଇଥିଲେ। ପ୍ରାର୍ଥୀମାନେ କହିଛନ୍ତି ଯେ, ନିର୍ବାଚିତ ହେବା ପରେ ହାବିଲଦାର ଓ କନେଷ୍ଟବଳମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ, ସେମାନଙ୍କ କଲ୍ୟାଣ, ସେବାଗତ ସ୍ୱାର୍ଥର ସୁରକ୍ଷା ଏବଂ ସଂଘକୁ ଅଧିକ ସୁଦୃଢ଼ କରିବାକୁ ପ୍ରାଥମିକତା ଦିଆଯିବ। ସଂଘର ପ୍ରତ୍ୟେକ ସଦସ୍ୟଙ୍କ ସହଯୋଗ ଓ ବିଶ୍ୱାସକୁ ସାଥୀ କରି ସଂଗଠନକୁ ଆହୁରି ସକ୍ରିୟ ଓ ଶକ୍ତିଶାଳୀ କରିବା ପାଇଁ ସେମାନେ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଛନ୍ତି। ନାମାଙ୍କନ ପତ୍ର ଦାଖଲ ପରେ ସଂଘର ସଦସ୍ୟବୃନ୍ଦ ଭଦ୍ରକ ସାଂସଦ ଓ ବିଧାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ସଂଗଠନର ଏକତା, ଶୃଙ୍ଖଳା ଓ ସେବାଭାବକୁ ସର୍ବୋପରି ରଖି ଗଣତାନ୍ତ୍ରିକ ପରମ୍ପରାକୁ ସୁଦୃଢ଼ କରିବା ଦିଗରେ ସମସ୍ତଙ୍କ ଭୂମିକା ପ୍ରେରଣାଦାୟକ ହେଉ ଓ ସଂଘର ଉତରୋତର ପ୍ରଗତି ଓ ସଫଳତା କାମନା କରିଥିଲେ ସାଂସଦ ଅଭିମନ୍ୟୁ ସେଠୀ ଓ ବିଧାୟକ ସୀତାଂଶୁ ଶେଖର ମହାପାତ୍ର। ଏହି ପ୍ରାର୍ଥୀପତ୍ର ଦାଖଲ କାର୍ଯ୍ୟକ୍ରମ ଭଦ୍ରକ ଜିଲ୍ଲା ପୋଲିସ ମହଲରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଆଗାମୀ ନିର୍ବାଚନକୁ ନେଇ ସଦସ୍ୟମାନଙ୍କ ମଧ୍ୟରେ ଉତ୍ସାହ ଓ ଉତ୍କଣ୍ଠା ବୃଦ୍ଧି ପାଇଛି।

# ପାନୀୟ ଜଳ ଯୋଗାଣ ମନ୍ତ୍ରୀଙ୍କ ଅଂଚଳରେ ଉତ୍କଟ ପାଣି ସମସ୍ୟା

ସମ୍ବଲପୁର, ୦୬/୦୭ (ନି.ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ନିର୍ବାଚନ ତଥା ଓଡିଶା ସରକାରଙ୍କ ପଂଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ନିର୍ବାଚନୀୟ କ୍ଷେତ୍ର ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଟିକିଲିପଡ଼ା ପଂଚାୟତ ହାଇସ୍କୁଲ ଛକ ପଡାରେ ବସବାସ କରୁଥିବା ପ୍ରାୟ ୧୨ ପରିବାରର ୫୦ରୁ ଉର୍ଦ୍ଧ୍ୱ ଜନସାଧାରଣ ପାଣି ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଥିବା ନେଇ ବୋଲି ପଡ଼ାବାସି ଅଭିଯୋଗ କରିଛନ୍ତି। ବର୍ଷ ବର୍ଷ ଧରି ଏହି ପଡ଼ାରେ ଥିବା ଟାଇମ ନଳରେ ପାଣି ଆସୁନଥିବା ବେଳେ ପଡା ପାଖରେ ଥିବା ଗୋଟିଏ ନଳକୂପ ଖରାପ ହୋଇଯାଇଥିବା ବେଳେ ଅନ୍ୟ ଏକ ନଳକୂପରୁ ନାଳିଆ ପାଣି ବାହାରୁଥିବାରୁ ଏହା ବ୍ୟବହାର ଯୋଗ୍ୟ ହୋଇପାରୁନାହିଁ। ଏଣୁ କରି ପଡା ବାସି ପ୍ରାୟ ଦୁଇ କିଲୋ ମିଟର ଦୂରରୁ ପାଣି ଆଣୁଥିବା ପଡା ନିବାସୀ ସୁପ୍ରିୟା ତରିଆ ପ୍ରକାଶ କରିଛନ୍ତି। ସେହିପରି ପଡା ବାସି ହତାଶନ ଭୋଇଙ୍କ କହିବା ଅନୁଯାଇ ପ୍ରାୟ ୭/୮ ବର୍ଷ ପୂର୍ବରୁ ଚାଲୁ ହୋଇଥିବା ସମୟରେ ଏହି ପଡା ବାସି କିଛି ଦିନ ପାଇଁ ପାଣି ପାଇ ଥିବା ବେଳେ ତା ପରଠାରୁ ଆଜି ପର୍ଯ୍ୟନ୍ତ ଏହି ପଡା ବାସୀଙ୍କୁ ଟାଇମ ନଳ ଦ୍ୱାରା ପାଣି ଯୋଗାଇ ଦିଆଯାଇ ନାହିଁ ବିଭିନ୍ନ ଗ୍ରାମ ସଭା ଏବଂ ଜିଲ୍ଲାପାଳ ଅଭିଯୋଗ ଶୁଣାଣିରେ ଅଭିଯୋଗ ମଧ୍ୟ କରାଯାଇଛି ହେଲେ କେହି ଆମ କଥା ଶୁଣୁନାହାନ୍ତି ପଡ଼ାରେ ଥିବା ଗୋଟିଏ ନଳକୂପ ରୁ ପାଣି ବ୍ୟବହାର କରାଯାଉଥିଲା ହେଲେ ଉକ୍ତ ନଳକୂପରୁ ପ୍ରାୟ ୩ରୁ ୪ବର୍ଷ ହେବ ଲାଲ ପାଣି ବାହାରୁଛି ଯାହା ଫଳରେ ପାଣି ବ୍ୟବହାର ଯୋଗ୍ୟ ହୋଇପାରୁ ନାହିଁ ଏପରିକି ଏ ବାବଦରେ ଯେତେ ଅଭିଯୋଗ କଲେ ମଧ୍ୟ କେହି ଆମ କଥା ଶୁଣୁନାହାନ୍ତି। ସେହିପରି ପଡା ବାସି କମଳିଣି ନାଏକଙ୍କ କହିବା ଅନୁଯାଇ ପଡାବାସୀ ପାଣିପାଇଁ ବହୁତ ହଇରାଣ ହେଉଛନ୍ତି ଖରା ହେଉ କି ବର୍ଷା ହେଉ ନିଜ ଦୈନନ୍ଦିନ ଜୀବନରେ ପାଣି ନିହାତି ଆବଶ୍ୟକ ଥିବାରୁ ଆମେ ଦୁଇ କିଲୋମିଟର ଯାଇ ବର୍ଷ ବର୍ଷ ହେବ ପାଣି ଆଣୁଛୁ ଏଣୁକରି ପ୍ରଶାସନ ଆମ ଦୁଃଖ ବୁଝି ଖରାପ ଥିବା ନଳକୂପ ମରାମତି, ଟାଇମ ନଳ ଯୋଗେ ପାଣି ଦିଆଯାଉ, ଏବଂ ନାଲି ପାଣି ବାହାରୁଥିବା ନଳକୂପ ସଫା କରି ଏଥିରେ ସୋଲାର ପାଣି ବ୍ୟବସ୍ଥା କରାଯାଉ ବୋଲି ଦାବି କରିଛନ୍ତି। ବିଡମ୍ବନାର ବିଷୟ ବାରମ୍ବାର ଗ୍ରାମ ସଭାରେ ଏବଂ ଅଭିଯୋଗ ଶୁଣାଣିରେ ଅଭିଯୋଗ କଲେ ମଧ୍ୟ ପ୍ରଶାସନିକ ଉଦାରସିନତା ଯୋଗୁଁ ଏହି ପଡା ବାସିଙ୍କୁ ପାଣି ଯୋଗାଇ ଦିଆ ଯାଉନାହିଁ ବୋଲି ବୁଲୁ ତାରିଆ କହିଛନ୍ତି। ଏଣୁକରି ଏହି ପଡ଼ାରେ ଥିବା ପାଣି ସମସ୍ୟାର ସମାଧାନ ପାଇଁ ବ୍ଲକ ପ୍ରଶାସନ ବିହିତ ପଦକ୍ଷେପ ନେବାକୁ ପଡା ବାସି ଦାବି କରିଛନ୍ତି। ଯଥାଶୀଘ୍ର ଏହାର ସମାଧାନ କରାନଗଲେ ପଡାବାସି ମାନେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଭୋଟର ତାଲିକା ସମ୍ପର୍କିତ ସଂଶୋଧନ ଓ ଅଭିଯୋଗ ଶୁଣାଣି

ସମ୍ବଲପୁର, ୦୬/୦୭ (ନି.ପ୍ର): ସ୍ୱତନ୍ତ୍ର ସଘନ ସଂଶୋଧନ - ୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ଘରକୁ ଘର ସର୍ଭେ ଏବଂ ଗଣନା ଫର୍ମର ଡିଜିଟାଇଜେସନ୍ ପ୍ରକ୍ରିୟା ସମାପ୍ତ ହେବା ପରେ ରବିବାର ଖସଡ଼ା ଭୋଟର ତାଲିକା ପ୍ରକାଶ ପାଇଛି। ଏହି ତାଲିକା ଜିଲ୍ଲାର ସମସ୍ତ ୧୧୬୬ଟି ଭୋଟଗ୍ରହଣ କେନ୍ଦ୍ର ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀ କାର୍ଯ୍ୟାଳୟରେ ସର୍ବସାଧାରଣଙ୍କ ଯାଂଚ ପାଇଁ ଉପଲବ୍ଧ କରାଯାଇଛି। ଯେଉଁ ଯୋଗ୍ୟ ମତଦାତାଙ୍କ ନାମ ଖସଡ଼ା ତାଲିକାରେ ସାମିଲ ହୋଇନାହିଁ, ସେମାନେ ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ମଧ୍ୟରେ ଫର୍ମ-୬ ସହ ଆବଶ୍ୟକ ଘୋଷଣାପତ୍ର ଏବଂ ନିର୍ଦ୍ଧାରିତ ଦଲିଲ ସଂଲଗ୍ନ କରି ଆବେଦନ କରିପାରିବେ। ଦାବି ଓ ଆପତ୍ତିର ଶୁଣାଣି ୫ ଜୁଲାଇରୁ ୨ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ ଏବଂ ଚୂଡ଼ାନ୍ତ ଭୋଟର ତାଲିକା ୬ ସେପ୍ଟେମ୍ବରରେ ପ୍ରକାଶ ପାଇବ। ଜିଲ୍ଲାର ଚାରିଟି ବିଧାନସଭା କ୍ଷେତ୍ରରେ ମୋଟ ୮,୪୪,୭୪୧ ଜଣ ମତଦାତାଙ୍କ ମଧ୍ୟରୁ ୭,୯୧,୯୬୬ ଜଣଙ୍କ ତଥ୍ୟ ସଫଳତାର ସହ ମ୍ୟାପିଂ ହୋଇଥିବା ବେଳେ ୫୨,୭୭୫ ଜଣଙ୍କ ତଥ୍ୟ ଏପର୍ଯ୍ୟନ୍ତ ଅମ୍ୟାପ୍ ରହିଛି । ଯୁକ୍ତିସଙ୍ଗତୀକରଣ ପରେ ଜିଲ୍ଲାରେ ୨୦୮ଟି ନୂଆ ଭୋଟଗ୍ରହଣ କେନ୍ଦ୍ର ସୃଷ୍ଟି ହୋଇ ମୋଟ ବୁଥ୍ ସଂଖ୍ୟା ୧୧୬୬ରେ ପହଂଚିଛି।

# ୧୦ ମିନିଟରେ ପ୍ରସ୍ତୁତ କରନ୍ତୁ ସ୍ୱାଦିଷ୍ଟ ସୁଜି ଉତ୍ତପମ: ସକାଳ ଜଳଖିଆ ପାଇଁ ପରଫେକ୍ଟ ରେସିପି



ପ୍ରତିଦିନ ସକାଳ ଜଳଖିଆରେ ସେହି ଏକା ପ୍ରକାର ଖାଦ୍ୟ ଖାଇ ଯଦି ବିରକ୍ତ ହୋଇପଡ଼ିଛନ୍ତି, ତେବେ ଆଜି ଆମେ ଆପଣଙ୍କ ପାଇଁ ଆଣିଛୁ ଏକ ସ୍ୱାଦିଷ୍ଟ, ପୌଷ୍ଟିକ ଓ ଶୀଘ୍ର ପ୍ରସ୍ତୁତ ହୋଇଯାଉଥିବା ଦକ୍ଷିଣ ଭାରତୀୟ ବ୍ୟଞ୍ଜନ ସୁଜି ଉତ୍ତପମ । ମାତ୍ର କିଛି ସାଧାରଣ ସାମଗ୍ରୀରେ ଘରେ ଖୁବ ସହଜରେ ପ୍ରସ୍ତୁତ କରିହେବ ଏହି ଖାଦ୍ୟ । ଏଥିରେ ମିଶିଥିବା ବିଭିନ୍ନ ପନିପରିବା ଏହାର ସ୍ୱାଦ ସହ ପୌଷ୍ଟିକତାକୁ ମଧ୍ୟ ବଢ଼ାଇଥାଏ।

*ସୁଜି ଉତ୍ତପମ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ—*

ଏକ କପ୍ ସୁଜି, ପ୍ରାୟ ତିନି-ଚତୁର୍ଥାଂଶ କପ୍ ଦହି, ଗୋଟିଏ ବାରିକ କଟା ଟମାଟୋ, ଅଧା କପ୍ ବାରିକ କଟା ବନ୍ଧାକୋବି, ଚତୁର୍ଥାଂଶ କପ୍ କ୍ୟାପ୍ସିକମ୍, ଗୋଟିଏ କଞ୍ଚା ଲଙ୍କା, ଅଳ୍ପ ଅଦା କୋରା, ଧନିଆ ପତ୍ର, ସ୍ୱାଦ ଅନୁସାରେ ଲୁଣ, ଚିମୁଟାଏ ବେକିଂ ସୋଡା ଏବଂ ସେକିବା ପାଇଁ ତେଲ । ନିଜ ପସନ୍ଦ ଅନୁସାରେ ଗାଜର, ପିଆଜ କିମ୍ବା ଅନ୍ୟ ପନିପରିବା ମଧ୍ୟ ମିଶାଇ ପାରିବେ । ପ୍ରଥମେ ଏକ ପାତ୍ରରେ ସୁଜି ଓ ଦହିକୁ ଭଲଭାବେ ମିଶାନ୍ତୁ । ଆବଶ୍ୟକ ଅନୁସାରେ ପାଣି ମିଶାଇ ପକୁଡ଼ି ଘୋଳ ଭଳି ବ୍ୟାଟର ପ୍ରସ୍ତୁତ କରନ୍ତୁ । ପରେ ସେଥିରେ ଲୁଣ, ଅଦା, କଞ୍ଚା ଲଙ୍କା ମିଶାଇ ପ୍ରାୟ ୧୫ ମିନିଟ୍ ଢାଙ୍କି ରଖନ୍ତୁ, ଯାହାଦ୍ୱାରା ସୁଜି ଭଲ ଭାବରେ ଫୁଲିଯିବ । ଏହି ସମୟରେ ଟମାଟୋ, ବନ୍ଧାକୋବି, କ୍ୟାପ୍ସିକମ୍ ଓ ଧନିଆ ପତ୍ରକୁ ବାରିକ କାଟି ରଖନ୍ତୁ । ୧୫ ମିନିଟ୍ ପରେ ବ୍ୟାଟରରେ ଚିମୁଟାଏ ବେକିଂ ସୋଡା ମିଶାନ୍ତୁ । ଯଦି ଘୋଳ ଅଧିକ ଗାଢ଼ ଲାଗେ, ତେବେ ଅଳ୍ପ ପାଣି ମିଶାଇ ସଠିକ୍ ଘନତାକୁ ଆଣନ୍ତୁ । ଏବେ ଏକ ନନ୍-ଷ୍ଟିକ୍ ତାୱାକୁ ମଧ୍ୟମ ଆଞ୍ଚରେ ଗରମ କରି ଅଳ୍ପ ତେଲ ଲଗାନ୍ତୁ । ଗୋଟିଏ କରଛୁଲି ବ୍ୟାଟର ତାୱା ଉପରେ ଢାଳି ହାଲୁକା ହାତରେ ଗୋଲାକାରରେ ପ୍ରସାରିତ କରନ୍ତୁ । ତା' ଉପରେ କଟା ପନିପରିବା ସମାନ ଭାବରେ ପକାଇ ହାଲୁକା ଚାପି ଦିଅନ୍ତୁ । ଚାରିପାଖରେ ଅଳ୍ପ ତେଲ ଦେଇ ଦୁଇ ପାର୍ଶ୍ୱକୁ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ସେକନ୍ତୁ । ପ୍ରସ୍ତୁତ ହୋଇଗଲା ଗରମାଗରମ ସୁଜି ଉତ୍ତପମ । ଏହାକୁ ନଡ଼ିଆ ଚଟଣି, ସାମ୍ବର କିମ୍ବା ଗ୍ରୀନ୍ ଚଟଣି ସହ ପରଷନ୍ତୁ । ସ୍ୱାଦ ସହ ସ୍ୱାସ୍ଥ୍ୟର ମଧ୍ୟ ଭରପୂର ଯତ୍ନ ନେଉଥିବା ଏହି ଜଳଖିଆ ବ୍ୟସ୍ତ ସକାଳ ପାଇଁ ଏକ ଉତ୍ତମ ବିକଳ୍ପ ।

# ଚଟାଣ ସଫାବେଳେ ବ୍ୟବହାର କରନ୍ତୁ ଏହି କ୍ଲିନର : ଗୋଟିଏ ସଫାରେ ହେବ ଜୀବାଣୁମୁକ୍ତ



ଆପଣ ଅନେକ ସମୟରେ ପାଣିରେ ଫିଲାଇଲ ମିଶାଇ ଘର ପୋଛୁଥିବେ । କିନ୍ତୁ ଆପଣ ନଜର କରିଥିବେ ଯେ କେତେକ ସମୟରେ, ସମ୍ପୂର୍ଣ୍ଣ ସଫା କରିବା ପରେ ମଧ୍ୟ, ଚଟାଣରେ ଦାଗ ସେମିତି ଥାଏ ବା ଭଲ ଭାବେ ସଫା ହୋଇପାରିନଥାଏ । ଯଦି ଆପଣ ଚାହାଁନ୍ତି ଯେ ଆପଣଙ୍କ ଘର କେବଳ ସଫା ନୁହେଁ ବରଂ ଜୀବାଣୁମୁକ୍ତ ମଧ୍ୟ ହେଉ, ତେବେ ପାଣିରେ କିଛି ସରଳ ଘରୋଇ ଉପାଦାନ ମିଶାଇବା ଦ୍ୱାରା ଏକ ବଡ଼ ପରିବର୍ତ୍ତନ ଆସିପାରେ। ଏହି ଉପାଦାନଗୁଡ଼ିକ ମହଙ୍ଗା କ୍ଲିନରକୁ ମଧ୍ୟ ପଛରେ ପକାଇଦେଇପାରେ । ଯଦି ଆପଣଙ୍କ ଚଟାଣରେ ଦାଗ, ଗ୍ରୀସ୍ କିମ୍ବା ମଇଳା ଲାଗି ଛାଡୁନଥାଏ, ତେବେ ଧଳା ଭିନେଗାର ବହୁତ ଉପଯୋଗୀ ହୋଇପାରେ। ଏହା ଏକ ପ୍ରାକୃତିକ କ୍ଲିନର ଭାବରେ କାର୍ଯ୍ୟ କରେ ଏବଂ ମଇଳା ଦୂର କରିବାରେ ସାହାଯ୍ୟ କରେ। ପୋଛା ପାଣିରେ ଅଳ୍ପ ଧଳା ଭିନେଗାର ମିଶାଇବା ଦ୍ୱାରା ଆପଣଙ୍କ ଚଟାଣ ସଫା ଦେଖାଯିବ। ପ୍ରାରମ୍ଭରେ ସାମାନ୍ୟ ଗନ୍ଧ ଅନୁଭବ ହୋଇପାରେ, କିନ୍ତୁ ଚଟାଣ ଶୁଖିବା ପରେ ଏହା ଆପେ ଆପେ ଚାଲିଯିବ।

ଯଦି ଚଟାଣରେ ପୁରୁଣା ଦାଗ ଅଛି, ତେବେ ବେକିଂ ସୋଡା ବ୍ୟବହାର କରାଯାଇପାରିବ। ଏହା ଏକ ସ୍କ୍ରବ୍ ଭାବରେ କାର୍ଯ୍ୟ କରେ ଏବଂ ମଇଳା ବାହାର କରିବାରେ ସାହାଯ୍ୟ କରେ। ଏହାକୁ ଅଳ୍ପ ପାଣିରେ ଭଲ ଭାବରେ ମିଶାନ୍ତୁ ଏବଂ ଘର ପୋଛନ୍ତୁ । ଦେଖିବେ ଚଟାଣରୁ ସବୁ ଦାଗ ଲିଭିଯିବ।


ଲେମ୍ବୁ ରସକୁ ଚଟାଣ ସଫା କରିବା ପାଇଁ ଏକ ଭଲ ଘରୋଇ ଉପାୟ ଭାବରେ ବିବେଚନା କରାଯାଏ। ଏହାର ପ୍ରାକୃତିକ ଉପାଦାନ ଦାଗ ହଟାଇବା ଏବଂ ଚଟାଣକୁ ଚମକଦାର ରଖିବାରେ ସାହାଯ୍ୟ କରେ। ପୋଛା ପାଣିରେ ଦୁଇରୁ ତିନି ଚାମଚ ଲେମ୍ବୁ ରସ ମିଶାଯାଇପାରିବ।

ଲୁଣ କେବଳ ସ୍ୱାଦ ବର୍ଦ୍ଧକ ନୁହେଁ, ବରଂ ଏହାକୁ ସଫା କରିବାରେ ମଧ୍ୟ ଉପଯୋଗୀ ବୋଲି ବିବେଚନା କରାଯାଏ। ପୋଛା ପାଣିରେ ଏକ ଚାମଚ ଲୁଣ ମିଶାଇ ଚଟାଣ ସଫା କରନ୍ତୁ । ଏହା ଜୀବାଣୁ ହ୍ରାସ କରିବାରେ ସାହାଯ୍ୟ କରେ। ଯଦି ଆପଣ ଆପଣଙ୍କର ଦୈନନ୍ଦିନ ପୋଛିବା ସମୟରେ ଏହି ସରଳ ଘରୋଇ ସାମଗ୍ରୀର ସଠିକ୍ ପରିମାଣ ବ୍ୟବହାର କରନ୍ତି, ତେବେ ଆପଣଙ୍କର ଚଟାଣ ଅଧିକ ସଫା, ଚମକଦାର ଦେଖାଯାଇପାରିବ।

# କୋଲେଷ୍ଟେରଲ୍‌କୁ ନେଇ ଏତେ ନକାରାତ୍ମକ ଧାରଣା କାହିଁକି ? ଜାଣନ୍ତୁ କାରଣ ...

କୋଲେଷ୍ଟ୍ରଲକୁ ନେଇ ଅନେକଙ୍କ ମନରେ ଭ୍ରମ ଓ ଦ୍ୱନ୍ଦ୍ୱ ରହିଛି। କେହି ଏହାକୁ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ ବୋଲି ମନେ କରୁଥିବା ବେଳେ, ଆଉ କେହି ଏହାକୁ ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ଭାବନ୍ତି ।ବାସ୍ତବରେ କୋଲେଷ୍ଟେରଲ୍ ଶରୀର ପାଇଁ ଏକ ଦରକାରୀ ଉପାଦାନ ।ଯକୃତ (ଲିଭର) ସ୍ୱାଭାବିକ ଭାବେ କୋଲେଷ୍ଟେରଲ୍ ଉତ୍ପାଦନ କରିଥାଏ, ଯାହା ହର୍ମୋନ, ପିତ୍ତରସ ଓ ଭିଟାମିନ-ଡି ତିଆରିରେ ସହାୟକ ହୁଏ।

ଏହାର କାରଣ ହେଉଛି ଖାଦ୍ୟରେ ଥିବା କୋଲେଷ୍ଟ୍ରଲ ଓ ରକ୍ତରେ ଥିବା କୋଲେଷ୍ଟ୍ରଲ ଏକ



ନୁହେଁ। ରକ୍ତରେ ଦୁଇ ପ୍ରକାର କୋଲେଷ୍ଟେରଲ୍ ରହିଥାଏ— ଏଲ୍‌ଡିଏଲ୍ ଓ ଏଚ୍‌ଡିଏଲ୍ । ଏଲ୍‌ଡିଏଲ୍‌କୁ ଖରାପ କୋଲେଷ୍ଟ୍ରଲ କୁହାଯାଏ, କାରଣ ଏହା ରକ୍ତନଳୀରେ ଚର୍ବି ଜମା କରି ହୃଦ୍‌ରୋଗ ଓ ଷ୍ଟ୍ରୋକ୍‌ର ଆଶଙ୍କା ବଢ଼ାଏ। ଏଚ୍‌ଡିଏଲ୍‌କୁ ଭଲ କୋଲେଷ୍ଟ୍ରଲ କୁହାଯାଏ, କାରଣ ଏହା ଖରାପ କୋଲେଷ୍ଟ୍ରଲକୁ ଶରୀରରୁ ବାହାର କରିବାରେ ସହାୟତା କରେ।

## କେଉଁ ଖାଦ୍ୟରେ ଥାଏ ଅଧିକ କୋଲେଷ୍ଟେରଲ୍ ?

କୋଲେଷ୍ଟ୍ରଲର ମୁଖ୍ୟ ଉତ୍ସ ହେଉଛି ଅଣ୍ଡା, ଦୁଗ୍ଧଜାତ ଖାଦ୍ୟ, ମାଂସ, ଚିକେନ୍, ଓ ସମୁଦ୍ରଜାତ ଖାଦ୍ୟ ।କିନ୍ତୁ ସମସ୍ତଙ୍କ ଶରୀରରେ ଏହାର ପ୍ରଭାବ ସମାନ ହୁଏ ନାହିଁ। କେତେକ ଲୋକଙ୍କ ପାଖରେ ଅଧିକ କୋଲେଷ୍ଟ୍ରଲଯୁକ୍ତ ଖାଦ୍ୟ ଖାଇଲେ ରକ୍ତରେ କୋଲେଷ୍ଟ୍ରଲ ବଢ଼ିଯାଏ। ତେଣୁ ମଧୁମେହ କିମ୍ବା ହୃଦ୍‌ରୋଗ ଥିବା ବ୍ୟକ୍ତିମାନେ ସତର୍କ ରହିବା ଆବଶ୍ୟକ।


ତେବେ ଧ୍ୟାନ ରଖନ୍ତୁ, ସମସ୍ତ କୋଲେଷ୍ଟ୍ରଲଯୁକ୍ତ ଖାଦ୍ୟ କ୍ଷତିକାରକ ନୁହେଁ। ଅଣ୍ଡା, ମାଛ ଓ ଦୁଗ୍ଧଜାତ ଖାଦ୍ୟରେ ଅନେକ ପୌଷ୍ଟିକ ଉପାଦାନ ମଧ୍ୟ ରହିଥାଏ। ମୁଖ୍ୟ କଥା ହେଉଛି ପରିମିତ ପରିମାଣରେ ଖାଇବା ଏବଂ ଅଧିକ ତେଲିଆ ଓ ପ୍ରକ୍ରିୟାକୃତ ଖାଦ୍ୟକୁ ଏଡ଼ାଇବା ଉଚିତ। ହୃଦୟକୁ ସୁସ୍ଥ ରଖିବା ପାଇଁ ଡାଲି, ଶସ୍ୟ, ବାଦାମ, ଫଳ ଓ ସବୁଜ ପନିପରିବା ଭଳି ପୌଷ୍ଟିକ ଖାଦ୍ୟ ଅଧିକ ଖାଇବା ଉଚିତ। ଏହା ସହିତ ଅଧିକ ତେଲିଆ ଓ ପ୍ରକ୍ରିୟାକୃତ ଖାଦ୍ୟର ସେବନ କମ୍ କରିବା ଏବଂ ନିୟମିତ ବ୍ୟାୟାମ କରିବା ହୃଦୟକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ।

ଯଦି ଆପଣ ମାଂସ ଖାଉଛନ୍ତି, ତେବେ ତେଲରେ ଭଜା ଖାଦ୍ୟ ବଦଳରେ ସିଝା, ପୋଡ଼ା କିମ୍ବା ରୋଷ୍ଟ କରାଯାଇଥିବା ଚିକେନ୍, ମାଛ ଏବଂ କମ୍ ଚର୍ବିଯୁକ୍ତ ମାଂସ ବାଛିପାରିବେ। ଏହାଛଡ଼ା, ମଧୁମେହ କିମ୍ବା ହୃଦ୍‌ରୋଗ ନ ଥିବା ସୁସ୍ଥ ବ୍ୟକ୍ତିମାନଙ୍କ ପାଇଁ ଦିନକୁ ଗୋଟିଏ ଅଣ୍ଡା ଖାଇବା ସାଧାରଣତଃ ସୁରକ୍ଷିତ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। କୋଲେଷ୍ଟ୍ରଲକୁ ସମ୍ପୂର୍ଣ୍ଣ ଶତ୍ରୁ ଭାବିବା ପରିବର୍ତ୍ତେ ସନ୍ତୁଳିତ ଖାଦ୍ୟ ଓ ସୁସ୍ଥ ଜୀବନଶୈଳୀ ଅପଣାଇବା ହିଁ ହୃଦୟକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ।

# ୪୦ ବର୍ଷ ପରେ ନିୟମିତ ହେଲଥ୍ ଚେକଅପ୍ କାହିଁକି ଜରୁରୀ ? ବିଶେଷଜ୍ଞଙ୍କ ବଡ଼ ପରାମର୍ଶ

**ଆପଣ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ବୋଲି ଭାବୁଛନ୍ତି କି ? ତେବେ କେବଳ ସୁସ୍ଥ ଅନୁଭବ କଲେ ହିଁ ଯଥେଷ୍ଟ ନୁହେଁ । ଅନେକ ଗୁରୁତର ରୋଗ ପ୍ରାରମ୍ଭିକ ପର୍ଯ୍ୟାୟରେ କୌଣସି ଲକ୍ଷଣ ଦେଖାଏ ନାହିଁ । ଫଳରେ ରୋଗ ଧରାପଡ଼ିବା ବେଳକୁ ବହୁତ ଡେରି ହୋଇଯାଏ । ଚିକିତ୍ସା ବିଶେଷଜ୍ଞଙ୍କ ମତରେ, ବର୍ଷକୁ ଅତି କମରେ ଥରେ କିଛି ମୌଳିକ ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ ହୃଦରୋଗ, ମଧୁମେହ, କ୍ୟାନ୍ସର ଭଳି ଅନେକ ରୋଗକୁ ପ୍ରାରମ୍ଭରୁ ଚିହ୍ନଟ କରିହେବ । ତେବେ କେଉଁ ବୟସରେ କେଉଁ ପରୀକ୍ଷା ଜରୁରୀ ? କେବେ କରିବେ CT ସ୍କାନ୍, MRI କିମ୍ବା ମ୍ୟାମୋଗ୍ରାଫି ? ଆସନ୍ତୁ ଜାଣିବା ...**

ବଦଳୁଥିବା ଜୀବନଶୈଳୀ, ଅନିୟମିତ ଖାଦ୍ୟାଭ୍ୟାସ, ମାନସିକ ଚାପ ଓ ବ୍ୟାୟାମର ଅଭାବ ଆଜିକାଲି ଅନେକ ଗୁରୁତର ରୋଗର କାରଣ ପାଲଟିଛି । ଅନେକ ସମୟରେ ଶରୀରରେ କୌଣସି ଲକ୍ଷଣ ନଥିଲେ ମଧ୍ୟ ଭିତରେ ନିରବରେ ରୋଗ ବଢ଼ି ଚାଲିଥାଏ । ତେଣୁ କେବଳ ଅସୁସ୍ଥ ହେଲେ ନୁହେଁ, ସୁସ୍ଥ ଥିବା ସମୟରେ ମଧ୍ୟ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଜରୁରୀ ବୋଲି ବିଶେଷଜ୍ଞମାନେ କହୁଛନ୍ତି । ଡାକ୍ତରଙ୍କ ପରାମର୍ଶ ଅନୁସାରେ, ପ୍ରତିବର୍ଷ ଥରେ ରକ୍ତଚାପ, ରକ୍ତରେ ଶର୍କରା ପରୀକ୍ଷା, ଲିପିଡ୍ ପ୍ରୋଫାଇଲ୍, ଲିଭର ଓ କିଡନୀ ଫଙ୍କସନ୍ ଟେଷ୍ଟ, ଥାଇରଏଡ୍ ପରୀକ୍ଷା, ହିମୋଗ୍ଲୋବିନ୍, ଭିଟାମିନ୍-ଡି ଓ ଭିଟାମିନ୍-ବି୧୨ ପରୀକ୍ଷା କରାଇବା ଉଚିତ । ଏହା ସହିତ ଛାତିର ଏକ୍ସ-ରେ ଓ ପେଟର



ଅଲ୍ଟ୍ରାସାଉଣ୍ଡ କରାଇଲେ ଲିଭର, କିଡନୀ କିମ୍ବା ଅନ୍ୟ ଅଙ୍ଗରେ ଥିବା ସମସ୍ୟା ଆଗୁଆ ଜଣାପଡ଼ିପାରେ । ବିଶେଷ କରି ମୋଟାପଣ, ଉଚ୍ଚ ରକ୍ତଚାପ, ମଧୁମେହ କିମ୍ବା ପରିବାରରେ ହୃଦରୋଗର ଇତିହାସ ଥିଲେ ନିୟମିତ ପରୀକ୍ଷା ଅଧିକ ଜରୁରୀ । ଏହି ବର୍ଗର ଲୋକଙ୍କ ପାଇଁ ହୃଦଯନ୍ତ୍ରର ସ୍ଥିତି ଜାଣିବାକୁ ଋଉଏ, ଇକୋକାର୍ଡିଓଗ୍ରାଫି ଏବଂ ଷ୍ଟ୍ରେସ୍ ଟେଷ୍ଟ କରିବାକୁ ପରାମର୍ଶ ଦିଆଯାଏ । ୪୦ ବର୍ଷ ପରେ ସ୍ୱାସ୍ଥ୍ୟ ପ୍ରତି ସତର୍କତା ଆହୁରି ବଢ଼ାଇବା ଦରକାର । ଯେଉଁମାନଙ୍କର ହୃଦରୋଗର ଝୁମ୍ପ ଅଧିକ, ସେମାନଙ୍କୁ CT କୋରୋନାରୀ ଆଞ୍ଜିଓଗ୍ରାଫି ଓ CT କ୍ୟାଲସିୟମ୍ ସ୍କୋର ଟେଷ୍ଟ କରାଇବାକୁ ବିଶେଷଜ୍ଞ ପରାମର୍ଶ ଦେଉଛନ୍ତି । ଏହି ପରୀକ୍ଷା ହୃଦର ରକ୍ତନଳୀରେ ବ୍ଲକେଜ୍ ଥିଲେ ତାହା ଚିହ୍ନଟ କରିବାରେ ସାହାଯ୍ୟ କରେ । ମହିଳାମାନଙ୍କ କ୍ଷେତ୍ରରେ ସର୍ଭିକ୍ସ କ୍ୟାନ୍ସର ପାଇଁ ପ୍ୟାପ୍ ସ୍ମିୟର୍ ଟେଷ୍ଟ ଓ ୪୦ ବର୍ଷ ପରେ ପ୍ରତିବର୍ଷ ମ୍ୟାମୋଗ୍ରାଫି କରାଇବା ଦ୍ୱାରା ସ୍ତନ କ୍ୟାନ୍ସରକୁ ପ୍ରାରମ୍ଭିକ ଅବସ୍ଥାରେ ଧରାଯାଇପାରେ । ହାଡ଼ କ୍ଷୟ ଝୁମ୍ପ ଥିବା ମହିଳାଙ୍କ ପାଇଁ ଉରଡଇ ବୋନ୍ ଡେନସିଟି ସ୍କାନ୍ ମଧ୍ୟ ଉପଯୋଗୀ । MRI ଓ CT ସ୍କାନ୍‌କୁ ନେଇ ମଧ୍ୟ ଅନେକଙ୍କ ମନରେ ଦ୍ୱନ୍ଦ୍ୱ ରହିଛି । ବିଶେଷଜ୍ଞଙ୍କ ମତରେ, ଉଚ୍ଚ ସ୍କାନ୍‌ରେ ରେଡିଏସନ୍ ବ୍ୟବହୃତ ହେଉଥିବାରୁ ଏହାକୁ ସମସ୍ତଙ୍କ ପାଇଁ ଫୁଲ୍ ବଡି ସ୍କ୍ରିନିଂରେ ବ୍ୟବହାର କରାଯାଏ ନାହିଁ । ଅନ୍ୟପଟେ ଗଜଓ ରେ ରେଡିଏସନ୍ ନଥାଏ ଏବଂ କିଛି ପରିସ୍ଥିତିରେ କ୍ୟାନ୍ସର ସ୍କ୍ରିନିଂ ପାଇଁ ଏହା ବ୍ୟବହୃତ ହୋଇପାରେ । ତେବେ କେଉଁ ପରୀକ୍ଷା କାହା ପାଇଁ ଉପଯୁକ୍ତ, ତାହା ବୟସ, ପରିବାରିକ ଇତିହାସ, ଲକ୍ଷଣ ଓ ଝୁମ୍ପକୁ ବିଚାର କରି ଡାକ୍ତରଙ୍କ ପରାମର୍ଶରେ ନିଷ୍ପତ୍ତି ନେବା ଉଚିତ । ମନେରଖନ୍ତୁ, ସମୟରେ ରୋଗ ଚିହ୍ନଟ ହେଲେ ଚିକିତ୍ସା ସହଜ ହୁଏ ଏବଂ ଜୀବନ ବଞ୍ଚିବାର ସମ୍ଭାବନା ମଧ୍ୟ ବଢ଼ିଯାଏ । ତେଣୁ ବୟସ, ଜୀବନଶୈଳୀ ଓ ସ୍ୱାସ୍ଥ୍ୟ ଝୁମ୍ପ ଅନୁଯାୟୀ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାନ୍ତୁ ଏବଂ କୌଣସି ପରୀକ୍ଷା କରିବା ପୂର୍ବରୁ ଯୋଗ୍ୟ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ସାମାନ୍ୟ ସତର୍କତା ଆପଣଙ୍କୁ ବଡ଼ ରୋଗରୁ ସୁରକ୍ଷିତ ରଖିପାରେ ।

# ଯୁବପିଢ଼ିଙ୍କୁ ବଡ଼ ବିପଦ 'ଅବସାଦ' : ୬୦ ରାଙ୍କରେ ଭାରତ

ମାନସିକ ସ୍ୱାସ୍ଥ୍ୟ ମାପକାଠି , ସ୍କୋରରେ ଭାରତୀୟ ଯୁବବର୍ଗ ନିମ୍ନମାନର ପ୍ରଦର୍ଶନ କରିଛନ୍ତି । ୮୪ଟି ଦେଶକୁ ନେଇ କରାଯାଇଥିବା ବୈଶ୍ୱିକ ସ୍ୱାସ୍ଥ୍ୟ ଅଧ୍ୟୟନରେ ଭାରତୀୟ ଯୁବପିଢ଼ି ୬୦ତମ ର୍‌ୟାଙ୍କ୍‌ରେ ରହିଛନ୍ତି । ଆମେରିକାର ସାପିଏନ୍ ଲାବ୍ସ ଦ୍ୱାରା ୨୦୨୫ରେ କରାଯାଇଥିବା ଅଧ୍ୟୟନ ଗ୍ଲୋବାଲ ମାଇଣ୍ଡ ହେଲ୍‌ଥରେ ୧୮ରୁ ୩୪ ବର୍ଷ ବୟସବର୍ଗର ଭାରତୀୟ ଯୁବବର୍ଗଙ୍କୁ ସାମିଲ କରାଯାଇଥିଲା । ତେବେ ୫୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ବରିଷ୍ଠ ଭାରତୀୟଙ୍କ ତୁଳନାରେ ସେମାନଙ୍କ ମାନସିକ ସୁସ୍ଥତା ଖରାପ ଥିବା ଅଧ୍ୟୟନରୁ ଜଣାପଡ଼ିଛି । ବରିଷ୍ଠ ବ୍ୟକ୍ତିମାନଙ୍କ ମାନସିକ ସୁସ୍ଥତା ଏହି ଅଧ୍ୟୟନରେ ୪୯ ର୍‌ୟାଙ୍କ୍‌ରେ ରହିଛି ।

ବିଚଳିତ ବର୍ଗରେ ଭାରତୀୟ ଯୁବବର୍ଗଙ୍କ ଏମ୍‌ଏଚ୍‌କ୍ୟୁ ସ୍କୋର ୩୩ ଥିବାବେଳେ ୫୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ସ୍କୋର ପାଖାପାଖି ୧୦୦ ରହିଛି। ସବୁ ଦେଶରେ ମାନସିକ ସୁସ୍ଥତାରେ ବୟସ୍କଙ୍କ ତୁଳନାରେ ୧୮ରୁ ୩୫ ବର୍ଷ ବୟସ ବର୍ଗର ଯୁବବର୍ଗଙ୍କ ପ୍ରଦର୍ଶନ ଖରାପ ରହିଛି । ତେବେ ଘାନା, ନାଇଜେରିଆ, ଜିମ୍ବାୱେ, କେନିଆ ଏବଂ ତାଞ୍ଜାନିଆ ଆଦି ଆଫ୍ରିକୀୟ ଦେଶରେ ମାନସିକ ସୁସ୍ଥତା ତୁଳନାତ୍ମକ ଭାବେ ଭଲ ରହିଛି । ଅନ୍ୟ ପକ୍ଷରେ ଜାପାନ, ତାଇୱାନ, ହଂକଂ, ବ୍ରିଟେନ ଏବଂ ଚାଇନା ମାନସିକ ସୁସ୍ଥତା ର୍‌ୟାଙ୍କ୍‌ରେ ତଳେ ରହିଛନ୍ତି । ବିଶ୍ୱ ଖୁସି ସୂଚକାଙ୍କରେ ଶୀର୍ଷରେ ଥିବା ଫିନ୍ ?ଲାଣ୍ଡ ମାନସିକ ସୁସ୍ଥତା ସୂଚକାଙ୍କରେ ୫୫ରୁ ଉର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ୨୮ରେ ଏବଂ ୧୮ରୁ ୩୫ ବର୍ଷ ବୟସ ବର୍ଗଙ୍କ ପାଇଁ ୪୦ତମ ସ୍ଥାନରେ ରହିଛି ।



୨୦୨୪ ଏବଂ ୨୦୨୫ରେ ୮୪ଟି ଦେଶର ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଇଣ୍ଟରନେଟ୍ ସହ ଜଡ଼ିତ ବ୍ୟକ୍ତି ବିଶେଷଙ୍କଠାରୁ ସଂଗୃହୀତ ତଥ୍ୟ ଆଧାରରେ ଏହି ସୂଚକାଙ୍କ ପ୍ରସ୍ତୁତ କରାଯାଇଛି ।

ଏଥିରୁ ମୁକୁଳିବାର ଟିପ୍ସ :

**ଶାରୀରିକ ଗତିବିଧି :**

ଅବସାଦରୁ ମୁକୁଳିବାର ସହଜ ଉପାୟ ହେଉଛି ଯୋଗ । ଏହାସହ ସକାଳ ସନ୍ଧ୍ୟାରେ ଚାଲିବା, କିଛି ସମୟ ଜୁମ୍ବା ଏକ୍ସରସାଇଜ୍ କରିବା ଦ୍ୱାରା ଶରୀରରୁ ଏଣ୍ଡୋର୍ଫିନ୍ ହର୍ମୋନ୍ ରିଲିଜ୍ ହୁଏ , ଯାହା ମନକୁ ହାଲକା ବା ସହଜ କରିଦିଏ । ଗଭୀର ଶ୍ୱାସ ଓ ଧ୍ୟାନ : ଅବସାଦ ଅନୁଭବ କଲେ ବେଶି ନୁହେଁ ୪ରୁ ୫ ସେକେଣ୍ଡ ଗଭୀର ପ୍ରଶ୍ୱାସ ନିଅନ୍ତୁ , ୪ ସେକେଣ୍ଡେ ଶ୍‌ତବାସକୁ ଭିତରେ ରଖି ୪ ସେକେଣ୍ଡରେ ଛାଡ଼ନ୍ତୁ । ଏହା ସହ ଧ୍ୟାନ କରନ୍ତୁ , ଯାହା ମନକୁ ଶାନ୍ତ କରିଥାଏ ।

**ସାତ୍ତ୍ୱିକ ଖାଦ୍ୟ, ଆବଶ୍ୟକ ନିଦ :**

ସନ୍ତୁଳିତ ଆହାର ସହ ୬ରୁ ୭ ଘଣ୍ଟା ଶୁଅନ୍ତୁ । କଫି, ଚିନି ପରି ଜିନିଷରୁ ଦୂରେଇ ରୁହନ୍ତୁ । କୌଣସି ପ୍ରକାର ସ୍କ୍ରିନରୁ ଦୂରେଇ ରୁହନ୍ତୁ ।

**ଡାଏରି ଲେଖନ୍ତୁ :**

ନିଜ ବିଚାରକୁ କାଗଜରେ ଲେଖିଦିଅନ୍ତୁ । ଏହା ଦ୍ୱାରା ମନର ବୋଝ ହାଲକା ହୋଇଯାଏ । ଏହାସହ ସାଙ୍ଗ ମାନଙ୍କ ସହ ସମୟ ବିତାଇବା ସହ କାମରୁ କିଛି ଦିନର ବ୍ରେକ୍ ନେଇ ବୁଲିବାକୁ ଯାଆନ୍ତୁ , ଗୀତ ଶୁଣନ୍ତୁ ବା କୌଣସି ଯେକୌଣସି ରଚନାତ୍ମକ କାମରେ ନିଜକୁ ବ୍ୟସ୍ତ ରଖନ୍ତୁ ।ଦେଖିବେ ଧୀରେ ଧୀରେ ଆପଣଙ୍କ ଅବସାଦ ଦୂରେଇଯିବ ।

# ଇ-ରିକ୍ସା 'ହ୍ୟାକ୍' ବିବାଦ: ସମସ୍ୟା ଆପ୍‌ରେ ନୁହେଁ, ବରଂ ଦୁର୍ବଳ ସୁରକ୍ଷା ନୀତିରେ

ଗତ କିଛି ସପ୍ତାହ ଧରି ସୋସିଆଲ୍ ମିଡିଆରେ ଏଭଳି ଅନେକ ଭିଡିଓ ଭାଇରାଲ୍ ହେବାରେ ଲାଗିଛି, ଯେଉଁଥିରେ କିଛି ଲୋକ **BAT-BMS, Lossigy** ଏବଂ ରକ୍ତ୍ରକ୍ଟମଷ-ସ-ସକ୍ଟଭ ଭଳି ମୋବାଇଲ୍ ଆପ୍ଲିକେସନ୍ ବ୍ୟବହାର କରି ବ୍ଲୁଟୁଥ୍ ମାଧ୍ୟମରେ ରାସ୍ତାରେ ଯାଉଥିବା ଇ-ରିକ୍ସାର ବ୍ୟାଟେରୀକୁ ବେତାର **(wirelessly)** ଭାବରେ ବନ୍ଦ କରିଦେଉଥିବାର ଦେଖିବାକୁ ମିଳୁଛି । ଏହି ଭିଡିଓଗୁଡ଼ିକୁ ମୁଖ୍ୟତଃ 'ପ୍ରାଙ୍କ୍' ବା ଥଟ୍ଟାମଜା ଉଦ୍ଦେଶ୍ୟରେ ସେୟାର କରାଯାଉଛି, ଯାହାକି ଅତ୍ୟନ୍ତ ନିଷ୍ଠୁର, ଅନୈତିକ ଏବଂ ବେଆଇନ ଅଟେ । ଅନ୍ୟପକ୍ଷରେ, କିଛି ଲୋକ ଆଶଙ୍କା ପ୍ରକାଶ କରୁଛନ୍ତି ଯେ ଏହି ଆପ୍ଲିକେସନ୍‌ଗୁଡ଼ିକ ଚୀନ୍‌ର ନିର୍ମାତାମାନଙ୍କ ଦ୍ୱାରା ଏକ ଉଚ୍ଚ-ଜ୍ଞାନକୌଶଳ ସମ୍ପନ୍ନ ଷଡ଼ଯନ୍ତ୍ର ବା 'ହାଇ-ଟେକ୍ ସାବୋଟେଜ୍' ପାଇଁ ଡିଜାଇନ୍ କରାଯାଇଛି । କିନ୍ତୁ ବାସ୍ତବତା ଏତେ ନାଟକୀୟ ନୁହେଁ, ବରଂ ଏହା ଡିଜାଇନ୍‌ଗତ ତ୍ରୁଟି ଏବଂ ସାଇବର ସୁରକ୍ଷାର ଅଭାବକୁ ଦର୍ଶାଉଛି, ଯାହାକୁ ଅତି ସତର୍କତାର ସହ ବୁଝିବାର ଆବଶ୍ୟକତା ରହିଛି । ପ୍ରକୃତ ସମସ୍ୟା କୌଣସି ଜଟିଳ ହ୍ୟାକିଂ ନୁହେଁ, ବରଂ ଉପଯୁକ୍ତ ପ୍ରାମାଣିକରଣ ବା ଅଥେଣ୍ଟିକେସନ୍ ବିନା ନିର୍ମିତ ହୋଇଥିବା ବ୍ୟାଟେରୀ ପରିଚାଳନା ପ୍ରଣାଳୀ (**BMS**) ଅଟେ ।

ବ୍ୟାଟେରୀ ପରିଚାଳନା ପ୍ରଣାଳୀ ବା ବିଏମଏସ୍ (**BMS**) କିପରି କାମ କରେ ଏବଂ ଏହାର ତ୍ରୁଟି ନିର୍ଣ୍ଣୟ କିପରି କରାଯାଏ, ତାହା ବୁଝିବା ଅତ୍ୟନ୍ତ ଜରୁରୀ । ଇଲେକ୍ଟ୍ରିକ୍ ଯାନଗୁଡ଼ିକରେ ଥିବା ଲିଥିୟମ୍-ଆୟନ ବ୍ୟାଟେରୀର ସୁରକ୍ଷା ଏବଂ ଦକ୍ଷତା ବଜାୟ ରଖିବା ପାଇଁ ବିଏମଏସ୍ ଏକ ମସ୍ତିଷ୍କ ଭଳି କାର୍ଯ୍ୟ କରେ । ସାଧାରଣତଃ **BAT-BMS** ଭଳି ଆପ୍ଲିକେସନ୍‌ଗୁଡ଼ିକ ଫ୍ଲିଟ୍ ମାଲିକ ଏବଂ ସର୍ଭିସ୍ ଟେକ୍ନିସିଆନ୍‌ମାନଙ୍କୁ ବ୍ୟାଟେରୀ ସମସ୍ୟା ସହଜରେ ଚିହ୍ନଟ କରିବା ପାଇଁ ତିଆରି କରାଯାଇଥାଏ । ପୂର୍ବରୁ ବ୍ୟାଟେରୀ ପରିଚାଳନା ପାଇଁ ମଡ୍ୟୁଲ୍ ପାଖକୁ ଯାଇ ଭୌତିକ ଭାବରେ ତଥ୍ୟ ସଂଗ୍ରହ କରିବାକୁ ପଡୁଥିଲା, କିନ୍ତୁ ସମୟ କ୍ରମେ ନିର୍ମାତାମାନେ ଏଥିରେ ବ୍ଲୁଟୁଥ୍ ଜ୍ଞାନକୌଶଳ ସାମିଲ କଲେ । ଏହି ଆପ୍ଲିକେସନ୍‌ଗୁଡ଼ିକ ଯାନଗୁଡ଼ିକୁ ବନ୍ଦ କରି ବିଶୃଙ୍ଖଳା ସୃଷ୍ଟି କରିବା ଉଦ୍ଦେଶ୍ୟରେ ତିଆରି ହୋଇନାହିଁ । ଏହା ପରିବର୍ତ୍ତେ, ସେମାନେ ବ୍ଲୁଟୁଥ୍ ମାଧ୍ୟମରେ ଡାଇଗ୍ନୋଷ୍ଟିକ୍ ତଥ୍ୟ ପ୍ରଦର୍ଶନ କରନ୍ତି ଏବଂ ପ୍ରାଥମିକ ଡିବଗିଂ କାର୍ଯ୍ୟ ପ୍ରଦାନ କରନ୍ତି । କିନ୍ତୁ ଏହି ବ୍ୟବସ୍ଥାରେ ଏକ ବଡ଼ ଧରଣର ସୁରକ୍ଷା ତ୍ରୁଟି ରହିଛି । **BAT-BMS** ଆପ୍ଲିକେସନ୍ ବିଶେଷ ଭାବରେ ଏକ ଚାଇନିଜ୍ ଇଲେକ୍ଟ୍ରୋନିକ୍ସ କମ୍ପାନୀ 'ଜିଆବାଇଡା' (**Jiabaida**) ଦ୍ୱାରା ନିର୍ମିତ ବିଏମଏସ୍ ମଡ୍ୟୁଲ୍ ସହିତ ସଂଯୋଗ କରିବା ପାଇଁ ଡିଜାଇନ୍ କରାଯାଇଛି । ଓପନ୍ ସୋର୍ସ କୋଡ୍ ସେୟାରିଂ ପ୍ଲାଟଫର୍ମ ଗିଟ୍‌ହବ୍‌ରେ ସାତ ବର୍ଷ ପୂର୍ବେ ହୋଇଥିବା ଏକ ସାର୍ବଜନୀନ ଆଲୋଚନାରେ ଏହି ମଡ୍ୟୁଲ୍‌ଗୁଡ଼ିକରେ ପ୍ରାମାଣିକରଣର ଅଭାବ ବିଷୟରେ ଉଲ୍ଲେଖ କରାଯାଇଥିଲା । ଅର୍ଥାତ୍, ଏହି ମଡ୍ୟୁଲ୍ ସହିତ ସଂଯୋଗ କରିବା ପାଇଁ କୌଣସି ପାସ୍‌ୱାର୍ଡ ବା ପିନ୍‌ର ଆବଶ୍ୟକତା ନଥାଏ । ଏହି ଦୁର୍ବଳତା କିଛି ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା, ଯେଉଁମାନେ ଏହାର ଅପବ୍ୟବହାର କରି ରାସ୍ତା ମଝିରେ ଗାଡ଼ି ବନ୍ଦ କରି ଲୋକଙ୍କୁ ହଇରାଣ କରୁଛନ୍ତି, ଯାହାଦ୍ୱାରା ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି ।

ଏହି ସମସ୍ୟାର ଚେର ଭାରତର ଇ-ରିକ୍ସା ନିର୍ମାଣ ଶିଳ୍ପ ଏବଂ ଆମଦାନୀ ନୀତି ସହିତ ଗଭୀର ଭାବରେ ଜଡ଼ିତ । ଭାରତୀୟ ଇ-ରିକ୍ସା ବଜାର ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ସହରାଞ୍ଚଳ ଯୋଗାଯୋଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ସାମ୍ପ୍ରତିକ ତଥ୍ୟ ଅନୁଯାୟୀ, ୨୦୨୫ ମସିହା ସୁଦ୍ଧା ଭାରତରେ ଇ-ରିକ୍ସା ବଜାରର ଆକାର ପ୍ରାୟ ୧.୪୨ ବିଲିୟନ ଡଲାର ଥିଲା ଏବଂ ୨୦୩୧ ସୁଦ୍ଧା ଏହା ୩.୧୪ ବିଲିୟନ ଡଲାରରେ ପହଞ୍ଚିବାର ସମ୍ଭାବନା ରହିଛି । ବର୍ତ୍ତମାନ ଭାରତରେ ଲକ୍ଷ ଲକ୍ଷ ଇ-ରିକ୍ସା ଚଳାଚଳ କରୁଛି, କିନ୍ତୁ ଏତେ ବଡ଼ ବଜାର ଥିବା ସତ୍ତ୍ୱେ ଏହାର ନିର୍ମାଣ ପାଇଁ ବ୍ୟବହୃତ ପ୍ରାୟ ସମସ୍ତ ଇଲେକ୍ଟ୍ରୋନିକ୍ ଉପାଦାନ ଚୀନ୍‌ରୁ ଆମଦାନୀ କରାଯାଏ। ବାସ୍ତବରେ, ଆଲିବାବା ଗ୍ରୁପ୍ କିମ୍ବା ଆଲିଏକ୍ସପ୍ରେସ୍ ଭଳି ୱେବସାଇଟ୍‌ରୁ ଗୋଟିଏ ଇ-ରିକ୍ସା ଆସେମ୍ବଲ୍ କରିବା ପାଇଁ ଆବଶ୍ୟକ ପ୍ରାୟ ସମସ୍ତ ଅଂଶ ଅର୍ଡର କରାଯାଇପାରିବ । ଅଧିକାଂଶ ନିର୍ମାତା ଇ-ରିକ୍ସା ଆସେମ୍ବଲ୍ କରିବା ପାଇଁ ଆବଶ୍ୟକ ଇଲେକ୍ଟ୍ରୋନିକ୍ ଉପାଦାନଗୁଡ଼ିକୁ ଚୀନ୍‌ରୁ ଶସ୍ତାରେ ଆମଦାନୀ କରନ୍ତି ଏବଂ କେବଳ ଆଲୁମିନିୟମ୍ ଫ୍ରେମ୍ ଏବଂ ଚେସିସ୍‌ର ଫ୍ୟାବ୍ରିକେସନ୍ ଭାରତରେ କରାଯାଇଥାଏ । ଫଳସ୍ୱରୂପ, ଶସ୍ତା ଇଲେକ୍ଟ୍ରୋନିକ୍ସ ବ୍ୟବହାର କାରଣରୁ ସାଇବର ସୁରକ୍ଷା ପ୍ରତି ସମ୍ପୂର୍ଣ୍ଣ ଅବହେଳା କରାଯାଉଛି, ଯାହାକି ଏକ ବୃହତ୍ତର ନୀତିଗତ ବିଫଳତା ଅଟେ ।

ଯେତେବେଳେ ଏହିଭଳି କୌଣସି ସିଷ୍ଟମ୍‌ଗତ ଦୁର୍ବଳତା ପଦାକୁ ଆସେ, ସରକାର ମୂଳ କାରଣ ଖୋଜିବା ପରିବର୍ତ୍ତେ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକୁ ଦୋଷ ଦେବାକୁ ତତ୍ପର ହୋଇଉଠନ୍ତି । ଉଦାହରଣସ୍ୱରୂପ, ନିକଟରେ ହୋଇଥିବା ରି-ନିଟ୍ (**Re-NEET**) ପରୀକ୍ଷା ସମୟରେ ଟେଲିଗ୍ରାମ୍ ଆପ୍‌କୁ ବ୍ଲକ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ଯାହାର ଉଦ୍ଦେଶ୍ୟ ଥିଲା ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ବିକ୍ରି କରୁଥିବା ଠକମାନଙ୍କୁ ରୋକିବା। ସେହିପରି, ଏହି ଭାଇରାଲ୍ 'ପ୍ରାଙ୍କ୍' ଘଟଣା ପରେ ସରକାର ଗୁଗୁଲ୍ ଏବଂ ଆପଲ୍‌କୁ ସେମାନଙ୍କ ଆପ୍ ଷ୍ଟୋରରୁ **BAT-BMS** ସମେତ ଅନେକ ଲୋକପ୍ରିୟ ବ୍ୟାଟେରୀ ପରିଚାଳନା ଆପ୍ ଅପସାରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉଭୟ କ୍ଷେତ୍ରରେ ସରକାର ମୂଳ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଆପ୍ଲିକେସନ୍‌ଗୁଡ଼ିକ ଉପରେ କଟକଣା ଲଗାଇବାକୁ ବାଛିଛନ୍ତି। ସରକାର ଭାବୁଛନ୍ତି ଯେ ଯେତେବେଳେ କୌଣସି ଜ୍ଞାନକୌଶଳ କ୍ଷତି ସହିତ ଜଡ଼ିତ ହୁଏ, ସେହି ଜ୍ଞାନକୌଶଳ ଉପରେ କଟକଣା ଲଗାଇବା ଦ୍ୱାରା କ୍ଷତିକୁ ରୋକାଯାଇପାରିବ । କିନ୍ତୁ ଏହି ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ଅବାସ୍ତବ ଅଟେ । ଯଦି ନିଟ୍ ପରୀକ୍ଷାରେ କୌଣସି ତ୍ରୁଟି ହୁଏ, ତେବେ ତାହା ପ୍ରଶ୍ନପତ୍ର ପ୍ରସ୍ତୁତି କିମ୍ବା ପରିବହନ ସମୟରେ ହିଁ ହୋଇଥାଏ, ଟେଲିଗ୍ରାମ୍ ପ୍ଲାଟଫର୍ମରୁ ନୁହେଁ । ସେହିପରି, ବ୍ୟାଟେରୀ ପରିଚାଳନା ଆପ୍‌ଗୁଡ଼ିକୁ ନିଷିଦ୍ଧ କରିବା ଦ୍ୱାରା ରାସ୍ତାରେ ଥିବା ଲକ୍ଷ ଲକ୍ଷ ଦୁର୍ବଳ ବିଏମଏସ୍ ମଡ୍ୟୁଲ୍ ହଠାତ୍ ସୁରକ୍ଷିତ ହୋଇଯିବେ ନାହିଁ । ଓଲଟା, ଏହା ସେହି ବ୍ୟବହାରକାରୀ ଏବଂ ଟେକ୍ନିସିଆନ୍‌ମାନଙ୍କ ପାଇଁ ଅଧିକ ଅସୁବିଧା ସୃଷ୍ଟି କରିବ, ଯେଉଁମାନେ ପ୍ରକୃତରେ ନିଜ ଯାନର ମରାମତି କରିବାକୁ ଚେଷ୍ଟା କରୁଛନ୍ତି। ଯେପର୍ଯ୍ୟନ୍ତ ଗାଡ଼ି ଭିତରେ ଥିବା ବ୍ୟାଟେରୀ ସିଷ୍ଟମ୍ ବିନା ପାସ୍‌ୱାର୍ଡରେ ଖୋଲା ରହିଥିବ, ସେପର୍ଯ୍ୟନ୍ତ ଅନ୍ୟ କୌଣସି ଉପାୟରେ ମଧ୍ୟ ଏହାକୁ ନିୟନ୍ତ୍ରଣ କରାଯାଇପାରିବ ।

ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠେ ଯେ, ଯୋଗାଣ ଶୃଙ୍ଖଳା **(Supply chain)** ନିୟମାବଳୀ କିପରି ଗଠନ କରାଯିବା ଉଚିତ୍ । ସାଧାରଣ ଧାରଣା ବିପରୀତରେ, ଇ-ରିକ୍ସା ପରିଚାଳନା ପାଇଁ ନିୟମାବଳୀ ରହିଛି । ଗେଜେଟ୍ ବିଜ୍ଞପ୍ତି **GSR 709(E)** ଏବଂ **S.O. 2590(E)** ଯାନର ଆକାର, ଟାୟାର, ବ୍ରେକ୍, ହର୍ଣ୍ଣ ଏବଂ ଯାନ ଚିହ୍ନଟ ନମ୍ବର ମାନକ ସମ୍ବନ୍ଧୀୟ ଆବଶ୍ୟକତାକୁ ବ୍ୟାଖ୍ୟା କରେ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଏହି ନିୟମଗୁଡ଼ିକରେ ଇଲେକ୍ଟ୍ରୋନିକ୍ ଉପାଦାନ ଏବଂ ସଫ୍ଟୱେର୍ ସୁରକ୍ଷା ପାଇଁ ବିସ୍ତୃତ ମାନଦଣ୍ଡର ଘୋର ଅଭାବ ରହିଛି । ବିଶ୍ୱସ୍ତରରେ, ଯେହେତୁ ଯୋଗାଣ ଶୃଙ୍ଖଳା ସହିତ ସୁରକ୍ଷା ବିପଦ ବୃଦ୍ଧି ପାଉଛି, କୌଣସି ଉତ୍ପାଦ ଆସେମ୍ବଲି ଲାଇନ୍‌ରେ ପହଞ୍ଚିବା ପୂର୍ବରୁ ତ୍ରୁଟିଗୁଡ଼ିକର ସମାଧାନ ପାଇଁ ବିଭିନ୍ନ ରଣନୀତି ଗ୍ରହଣ କରାଯାଉଛି । ଏଥିରେ ଯୋଗାଣକାରୀଙ୍କ ଯାଞ୍ଚ, ଇଲେକ୍ଟ୍ରୋନିକ୍ ଉପାଦାନଗୁଡ଼ିକର ଫର୍ମୱେର୍ ଅଡିଟ୍ କରିବା ଏବଂ ବ୍ୟକ୍ତିଗତ ଅଂଶଗୁଡ଼ିକର ଉତ୍ପତ୍ତିକୁ ଟ୍ରାକ୍ କରିବା ଅନ୍ତର୍ଭୁକ୍ତ । ଏହିଭଳି ପଦକ୍ଷେପଗୁଡ଼ିକୁ ସରକାରୀ ନିୟମ ମାଧ୍ୟମରେ ବାଧ୍ୟତାମୂଳକ କରାଯାଇପାରିବ । ସାତ ବର୍ଷ ପୂର୍ବେ କରାଯାଇଥିବା ଏକ ସାଧାରଣ ଗୁଗୁଲ୍ ସର୍ଚ୍ଚ ମଧ୍ୟ ଇ-ରିକ୍ସା ନିର୍ମାତାମାନଙ୍କୁ ସେମାନେ ବ୍ୟବହାର କରୁଥିବା ବିଏମଏସ୍ ମଡ୍ୟୁଲ୍‌ରେ ଥିବା ସୁରକ୍ଷା ସମସ୍ୟା ବିଷୟରେ ସତର୍କ କରାଇପାରିଥାନ୍ତା । ଯେଉଁ ଢାଞ୍ଚାଗୁଡ଼ିକ ନିର୍ମାତାମାନଙ୍କ ପାଇଁ ମାନଦଣ୍ଡ, ଦାୟିତ୍ୱ ଏବଂ ଜବାବଦେହିତା ସ୍ଥିର କରେ, ତାହା କେବଳ ଯାନ ପାଇଁ ସୀମିତ ନ ରହି ଇଲେକ୍ଟ୍ରୋନିକ୍ ଉପାଦାନ ଥିବା ସମସ୍ତ ଉତ୍ପାଦ ପାଇଁ ଲାଗୁ ହେବା ଉଚିତ୍। ସବୁଠାରୁ ଶସ୍ତା ଉତ୍ସରୁ ଯନ୍ତ୍ରାଂଶ ସଂଗ୍ରହ କରିବା ଏକ ଦ୍ରୁତ ପ୍ରୋଟୋଟାଇପ୍ ତିଆରି କରିବା ପାଇଁ ଉପଯୁକ୍ତ ହୋଇପାରେ, କିନ୍ତୁ ଦୀର୍ଘକାଳୀନ ଉତ୍ପାଦନ ପାଇଁ ଉପଯୁକ୍ତ ଯାଞ୍ଚର ଆବଶ୍ୟକତା ରହିଛି । କେବଳ ଆପ୍ ବ୍ୟାନ୍ କରିଦେଲେ ସମସ୍ୟାର ସମାଧାନ ହେବ ନାହିଁ, ବରଂ ଇଲେକ୍ଟ୍ରୋନିକ୍ ଯନ୍ତ୍ରାଂଶର ମାନ ନିର୍ଦ୍ଧାରଣ କଲେ ହିଁ ଭବିଷ୍ୟତରେ ଏଭଳି ଡିଜାଇନ୍‌ଗତ ଦୁର୍ବଳତାକୁ ଏଡାଇ ଦିଆଯାଇପାରିବ ଏବଂ ଏକ ସୁରକ୍ଷିତ ପରିବହନ ବ୍ୟବସ୍ଥା ସୁନିଶ୍ଚିତ ହୋଇପାରିବ ।

## ସୃଜନ ପ୍ରତିଧ୍ୱନି

# ବ୍ୟାସ-ଭୂମିର ବନ୍ଧନ



## ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଏ ପୃଥିବୀରେ ଭାବର ବନ୍ଧନକୁ ପ୍ରାଣପୂର୍ଣ୍ଣ ଭାବରେ ଉପଲବ୍ଧି କରିବା ପାଇଁ ହିଁ ମଣିଷର ଜନ୍ମ। କିନ୍ତୁ ଏହି ମୂଳ ଲକ୍ଷ୍ୟଟିକୁ ଯେ ମଣିଷ ବିସ୍ମୃତ ହୋଇଯାଏ ତାହା ହିଁ ଦୁର୍ଭାଗ୍ୟଜନକ। ଫକୀରମୋହନ ସେନାପତି ବ୍ୟକ୍ତିଗତ ସ୍ୱାର୍ଥ ସକାଶେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ନିଜକୁ ଉତ୍ସର୍ଗ କରିଦେଇନଥିଲେ। ନିଜ ହୃଦୟର ଆହ୍ୱାନ ଅନୁଯାୟୀ ରେବତୀକୁ ରୂପାୟିତ କଲେ। ଲେଖିଲେ 'ଛ ମାଣ ଆଠଗୁଣ୍ଠ' ଉପନ୍ୟାସ। ତାଙ୍କର ସମଗ୍ର ଜୀବନ ଓ ସାହିତ୍ୟ ସାଧନା ଏହି ନିବିଡ଼ ଭାବ-ସମ୍ପର୍କର ହୃଦୟସ୍ପର୍ଶୀ ଗାଥା। ତାଙ୍କରି ଅପାର କରୁଣା ବଳରେ ବାଲେଶ୍ୱର ମାଟିର ଏକ ସାମାନ୍ୟ ଧୂଳିକଣା ହୋଇ ରହିବାର ଯେଉଁ ଅପୂର୍ବ ସୁଯୋଗ ମିଳିଲା ମୋତେ ପ୍ରାୟ ଚାରିବର୍ଷ କାଳ, ତାହା ମୋ ସକାଶେ ଚାଳିଶ ବର୍ଷଠାରୁ ଅଧିକ। ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ଆରମ୍ଭ କରି ବାଲେଶ୍ୱରର ସୁଧୀ ସମାଜରୁ ଯେଉଁ ବିରଳ ସ୍ନେହ ଲାଭ କରିଛି, ସେଥିରୁ ମୁଁ ମୁକୁଳି ପାରି ନାହିଁ, ପାରିବି ନାହିଁ କିମ୍ବା ତାହା କେବେ ଚାହିଁବି ନାହିଁ ମଧ୍ୟ। ୨୦୨୩ ମସିହା ଜୁନ ୩୦ ତାରିଖ ଦିନ ଅବସର ଗ୍ରହଣ କରିଥିଲି। ଏବେ ତିନି ବର୍ଷ ସମ୍ପୂର୍ଣ୍ଣ ହୋଇଗଲା। ଏହି ଏକାନ୍ତ ସ୍ମରଣୀୟ ମୁହୂର୍ତ୍ତରେ ବାଲେଶ୍ୱରର ମାଟି, ପାଣି, ପବନ ଓ ସାରସ୍ୱତ ସାନ୍ନିଧ୍ୟ ଲାଭର ସ୍ପନ୍ଦନରେ ମୋ ହୃଦୟ ଆଲୋଡ଼ିତ ହେବା ସ୍ୱାଭାବିକ। ଭଗବାନଙ୍କ ଇଚ୍ଛା ଥିଲେ, ବଂଚିଥିବା ପର୍ଯ୍ୟନ୍ତ ସାହିତ୍ୟ -ତୀର୍ଥ ବାଲେଶ୍ୱର ବିଷୟରେ ଲେଖନୀ ଚାଳନା ଅଟକି ଯିବ ନାହିଁ କେବେ। ଜଣେ ଜଣେ ମହାପୁରୁଷଙ୍କ ପାଇଁ ସେଇ ଅଞ୍ଚଳର ଧୂଳି ମାଟି ବି ପରିଣତ ହୋଇଯାଏ ତିଳକ ଚନ୍ଦନରେ। ପ୍ରତିଷ୍ଠିତ ସାହିତ୍ୟ ସ୍ରଷ୍ଟାମାନଙ୍କ ଭିତରେ କେବଳ ନୁହେଁ, ସାଧାରଣ ମଣିଷମାନଙ୍କ ମଧ୍ୟରେ ବି ନିଃସ୍ୱାର୍ଥ ଭାବର ଦ୍ୟୁତି କିପରିମୋତେ ମୁଗ୍ଧ କରିଦେଇଛି ତାହାର ସାମାନ୍ୟ ଆଭାସ ଦେବା ମୋର ପବିତ୍ର କର୍ତ୍ତବ୍ୟ ବୋଲି ମନେ କରୁଛି। କାରଣମୋ ନିମନ୍ତେ ତାହା ପରମ ଶାନ୍ତିର ସୁଶୀତଳ ପ୍ରଲେପ, ସ୍ୱଚ୍ଛ ଆକାଶ ବକ୍ଷର ଅନନ୍ତ ଉଦାରତା, କାଶତଣ୍ଡିର ଶୁଭ୍ର ସତେଜତା।

ଏଡିକି ସେ ଅମାନିଆଁ ପିଲା :

ଯେତେବେଳେ ଯେଉଁଠି ସପରିବାର ମୁଁ ରହେ, ସେଠି ଔଷଧ ଦୋକାନଟିଏ ଅବଶ୍ୟ ଥାଏ। ଆଉ ଆଶ୍ଚର୍ଯ୍ୟର କଥା ହେଉଛି ଯଦି ତାହା ନଥାଏ, କେହିଜଣେ ମେଡ଼ିସିନ ଷ୍ଟୋର ଟିଏ ଆରମ୍ଭ କରନ୍ତି। ବାଲେଶ୍ୱରକୁ ଆସି ସାନପୁରୁଷୋତ୍ତମ ପୁରରେ ଯେଉଁ ଭଡ଼ା ଘରେ ରହୁଥିଲୁ ସେଇ ପାଖରେ ଆଦୌ ନଥାଏ ଔଷଧ ଦୋକାନ। ଦିନେ ବ୍ୟାସବିହାରରୁ ସନ୍ଧ୍ୟାରେ ଫେରିବାବେଳେ ଦେଖିଲି ଠିକ ଘର ପାଖରେ ନୂଆଁ ଦୋକାନଟିଏ ଆରମ୍ଭ ହେଉଛି। କି ଦୋକାନ ହେବ ଜାଣି ନଥାଏ। ଦୋକାନ କଡରେ ଥିବା ସିମେଣ୍ଟ ବେଞ୍ଚ ଉପରେ ବସିଥାଏ ପ୍ରାୟ କୋଡିଏ ବର୍ଷର ସ୍ଫୂର୍ତ୍ତି-ଉଚ୍ଛଳ ଯୁବକଟିଏ। ପାଖକୁ ଡାକିଲି। ପଚାରିଲି : ତୁମ ନାଁ କଣ? ସେ କହିଲା :' ଚନ୍ଦନ'। ହଠାତ ମୋ ମୁହଁରୁ ବାହାରି ପଡିଲା : 'ଆରେ ଚନ୍ଦନ! ତୁମେ ତ ଆମ ଘରର ପୁଅ। ଏଠି କଣ ବସିଛ? 'ମୋ କଥା ଶୁଣି ହସିଲା ସେ। ଜାଣିଲି ସେଠି ଔଷଧ ଦୋକାନ ଆରମ୍ଭ ହେଉଛି। କି ଅଦ୍ଭୁତ କଥା ! ଯେଉଁ ପଦକ କଥା କହିଥିଲି, ଚନ୍ଦନ ସେ ଦିନ ଠାରୁ ଆମ ପୁଅ ହୋଇ ରହିଲା। ଯେତେବେଳେ ମୁଁ ହେଲି କରୋନା ଆକ୍ରାନ୍ତ, ଭୟରେ ଯେତେବେଳେ ବହୁ ହିତାକାଂକ୍ଷୀ ବି ଦୂରେଇ ରହିଲେ, ଚନ୍ଦନ ବାରମ୍ବାର ଆସୁଥାଏ ମୋ ପାଖକୁ। ମୁଁ ବି ସେହିପରି ବାରମ୍ବାର ତାକୁ ମନା କରୁଥାଏ। ବାଜିରାଉତର ବ୍ୟକ୍ତିତ୍ୱକୁ ରୂପ ଦେଇଥିବା କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ଭାଷାରେ : 'ଏଡିକି ସେ ଅମାନିଆଁ ପିଲା !!' ମୋତେ ହସ୍ପିଟାଲ ନେବାରେ ଆଉ ପାଖରେ ବସିରହି ସେ ପ୍ରମାଣ କରୁଥିଲା ଯେ କରୋନା ଠାରୁ ଅଧିକ ସଂକ୍ରମଣ-କ୍ଷମ ହେଉଛି ଆନ୍ତରିକ ସ୍ନେହର ବନ୍ଧନ । କରୋନା ତାକୁ ଯେ, ସ୍ପର୍ଶ ସୁଦ୍ଧା କଲା ନାହିଁ ସେଥିପାଇଁ ଭଗବାନଙ୍କ ନିକଟରେ ମୁଁ କୃତଜ୍ଞ। ଏବେ ସୁଦ୍ଧା ତା ସହ ଆମର ସେହି ସମାନ ସମ୍ପର୍କ ଅବ୍ୟାହତ। ସେ ଆସିଲେ ଆମକୁ ଲାଗେ ଏକ ଉତ୍ସବ ଆରମ୍ଭ ହେଲା।

ନୀର ନୁହେଁ ଜନନୀର କ୍ଷୀର ପ୍ରତ୍ୟକ୍ଷେ :

ବ୍ୟାସବିହାରକୁ ଗାଡ଼ିରେ ଗଲାବେଳେ ଇମାମି ଜଗନ୍ନାଥ ମନ୍ଦିରର ସମ୍ମୁଖରେ ପଇଡ଼ ପିଇବା ପାଇଁ ଅଟକିଯାଏ ପ୍ରତ୍ୟହ। ଯେଉଁ ମାଉସୀ ମଉସା ଅତି ଆଗ୍ରହରେ ପଇଡ଼ କାଟି ଅତି ଶ୍ରଦ୍ଧାରେ ମୋ ହାତକୁ ବଢ଼ାଇ ଦିଅନ୍ତି ସେମାନେ କଣ କେବଳ ତୁଚ୍ଛା ବ୍ୟବସାୟ କରନ୍ତି? ଦିନେ ଆମର ଗାଡି ଚାଳକ ପରାମର୍ଶ ଦେଲେ : 'ସାର! ଏଠୁ ଆଉ ପଇଡ଼ ପିଇବା ନାହିଁ। କରୋନା ଭୂତାଣୁ ସଂକ୍ରମଣର ଆଶଙ୍କା ଅଛି।' ଆମ ଗାଡି ଆଉ ଅଟକେ ନାହିଁ ତାଙ୍କ ପାଖରେ। ମୁଁ ଦେଖେ ମଉସା ମାଉସୀ ବଡ଼ କରୁଣ ଦୃଷ୍ଟିରେ ଅନାଇ ରହିଛନ୍ତି ଆମ ଗାଡ଼ି ଉଦ୍ଦେଶ୍ୟରେ। ଅନ୍ୟ କାରଣରୁ କରୋନା ସଂକ୍ରମିତ ହେଲି। ସୁସ୍ଥ ହେବା ପରେ ସେଇ ରାସ୍ତାରେ ଗଲାବେଳେ ପୁଣି ଯେତେବେଳେ ଅଟକିଲି ପଇଡ଼ ପାଇଁ, ଦେଖିଲି ମଉସା ମାଉସୀ ଉଭୟଙ୍କ ଆଖି ଛଳ ଛଳ। ବାଷ୍ପରୁଦ୍ଧ କଣ୍ଠରେ ଯାହା ସେମାନେ ପ୍ରକାଶ କଲେ, ତାକୁ ବର୍ଣ୍ଣନା କରିବାକୁ ଚିରକାଳ ଅସମର୍ଥ ମୁଁ।'ତପସ୍ୱିନୀ' କାବ୍ୟରେ ତମସା ନଦୀ ଉଦ୍ଦେଶ୍ୟରେ ସୀତା କହିଛନ୍ତି –'ମଧୁର ଏ ସ୍ୱଚ୍ଛ ନୀର, ନୀର ନୁହେଁ ଜନନୀର କ୍ଷୀର ପ୍ରତ୍ୟକ୍ଷେ /ଓହୋ ! ତୁ ତ ମୋ' ମା' ଏ ଦେଶେ, ମୋ ଦୁଃଖେ ବିଦୀର୍ଣ୍ଣ ବକ୍ଷା ତମସା ବେଶେ। 'ମାଉସୀ ମଉସାଙ୍କ ହାତରୁ ସେହିଭଳି ଅମୃତ ପାନ ମୋ ଭିତରେ ସଂଚାର କରିଥିଲା ନବ ଜୀବନ ।

ମହତ ନିକଟେ ମହାଦ୍ରବ୍ୟ ଥାଏ :

ଜଣେ ଭଦ୍ରବ୍ୟକ୍ତି ଏକ ସଭାରେ ମୁଖ୍ୟ ଅତିଥି ଭାବରେ ନିମନ୍ତ୍ରଣ କରିବା ପାଇଁ ଆସିଲେ ଆମ ବିଭାଗକୁ। ମୋର ସ୍ୱାସ୍ଥ୍ୟ ପ୍ରତିକୂଳ। ବାଧ ହୋଇ ମନାକଲି। ଘରକୁ ଫେରି ଆସିଲି ସନ୍ଧ୍ୟାରେ। ଶୋଇ ରହି ଥାଏ ଯନ୍ତ୍ରଣାରେ କଷ୍ଟ ପାଇ। କେହି ଜଣେ ପୁଅ ଆସି ମିଠା ପ୍ୟାକେଟଟିଏ ଦେଇଗଲେ। ପରେ ଜାଣିଲି ଯେଉଁ ଭଦ୍ରବ୍ୟକ୍ତିଙ୍କ ସଭାକୁ ଯିବା ପାଇଁ ଅନିଚ୍ଛା ପ୍ରକାଶ କରିଥିଲି ସିଏ ତାଙ୍କ ପୁଅ ହାତରେ ପଠାଇ ଦେଇଛନ୍ତି ଏଇ ଉପହାର। ଗଙ୍ଗାଧର ମେହେର ତାଙ୍କ ରଚିତ 'ମହିମା' କବିତାରେ କହିଛନ୍ତି –'ମହତ ନିକଟେ ମହାଦ୍ରବ୍ୟ ଥାଏ'। ବାଲେଶ୍ୱର ମାଟିର ସୁସନ୍ତାନମାଙ୍କ ପାଖରେ କେଉଁ ପର୍ଯ୍ୟାୟର ମାନବିକ ସଂସ୍କୃତି ସଂରକ୍ଷିତ ଏହା ତାହାର ଏକ କ୍ଷୁଦ୍ର ଦୃଷ୍ଟାନ୍ତ ମାତ୍ର।

କ୍ଷୀରଚୋରାଙ୍କ ଚୋରା ପ୍ରସାଦ :

ରେମୁଣାସ୍ଥିତ କ୍ଷୀରଚୋରା ମନ୍ଦିର ନିକଟରେ ପୁଣି କଟିଲା ଅନେକ ଦିନ। ଏତେ ପାଖରେ ଥାଇ ବି ସେଇ ଏକା ସ୍ୱାସ୍ଥ୍ୟ ସମସ୍ୟାରୁ କ୍ଷୀରଚୋରା ଠାକୁର ଗୋପୀନାଥଙ୍କ ପାଖକୁ ମୁଁ ଯାଇ ପାରେନାହିଁ। କିନ୍ତୁ କି ଆଶ୍ଚର୍ଯ୍ୟ ଜନକ କଥା!! ପରିଚିତ ଅପରିଚିତ ଯେକୌଣସି ଅତିଥିଙ୍କ ହାତରେ ସେ ପଠାଇ ଦେଇଛନ୍ତି ରାବିଡି ଭୋଗ। ସେ ଆଉ କଣ ଜାଣି ନାହାନ୍ତି ମୁଁ କେତେ ରାବିଡି ପ୍ରିୟ! ଛୋଟବେଳେ ନିଛାଟିଆ ଦି ପହର ବେଳାରେ ମୁଁ କିପରି ରୋଷେଇ ଘରକୁ ଯାଇ ମାଟିପତ୍ରରେ ସିଝି ଯାଇଥିବା ଖାଣ୍ଟି କ୍ଷୀର ଆଉ ତା ଉପରେ ମୋଟା ସ୍ତରର ସର କିପରି ଚୋରି କରି ମୁଁ ଖାଉଥିଲି। ମୁଁ ସିନା ନିଜ ପାଇଁ ଚୋରି କରୁଥିଲି। କିନ୍ତୁ ଠାକୁର ଯେ ଅନ୍ୟମାନଙ୍କ ପାଇଁ ଚୋରି କରନ୍ତି, ଏହା କିଏ ଅବା ଜାଣି ନାହାନ୍ତି? ତାଙ୍କ ପ୍ରିୟ ଭକ୍ତ ପାଇଁ ସେ କଣ ବା କରିନପାରନ୍ତି? ମୋ ପାଖକୁ ଆସୁଥିବା ପରିଚିତ ଅପରିଚିତ ଅତିଥିଙ୍କ ହାତରେ ଛୋଟ ଛୋଟ ମାଟି ପାତ୍ରରେ ରାବିଡି ସବୁ ସେ ଯେ ମୋ ପାଇଁ ଚୋରିକରି ପଠାଇ ଦିଅନ୍ତି, ଏଥିରେ ଆଉ ସନ୍ଦେହ କାହିଁ? ଠାକୁର ମୋ ପରି ଅଧମ ଭକ୍ତ ପାଇଁ ବି କରୁଣା ବର୍ଷା କରିଦେଇଛନ୍ତି।

କାବୁଲିବାଲାର ମିନି ଠାରୁ ମହନୀୟା: ଆମ ବିଭାଗର ଅଧ୍ୟାପିକା ଡକ୍ଟର ହେମଲତା ବେହେରା ମୋର ଆଦରଣୀୟ ଭଉଣୀ। ତାଙ୍କ ସ୍ୱାମୀ ଲଳିତ ବାବୁ କମ୍ପ୍ୟୁଟର ବିଭାଗରେ କାର୍ଯ୍ୟରତ। ସେମାନଙ୍କ ଟିକି ଝିଅ ହୋଇଗଲା ମୋର ମାମା। ବର୍ଷାଧିକ କାଳ ତା ସହ କି ମଜାଦାର ଖେଳରେ କଟିଯାଏ ସମୟ!! ମୋ ଟେବୁଲ ଉପରେ ବସି ଖେଳିବା, ମୋ କୋଳରେ ବସିବା ଆଉ ମୋ ସହ ଏମିତି ଭାବରେ ସେ ଲୁଚକାଳି ଖେଳେ ଯେ ମନେ ହୁଏ ସତେ କି ସେ ଆସିଛି ମା ବୀଣାପାଣିଙ୍କ ଦ୍ୱାରା ପ୍ରେରିତ ହୋଇ। ପୁଣି କି ହୃଦୟସ୍ପର୍ଶୀ ପ୍ରଣାମ ନିବେଦନ ତାର। ତାହା ଥରେ ରେ ସରିଯାଏ ନାହିଁ। ବାରମ୍ବାର ସାଷ୍ଟାଙ୍ଗ ପ୍ରଣିପାତ।ରବୀନ୍ଦ୍ରନାଥ ଙ୍କ କାବୁଲିୱାଲା ଗଳ୍ପର ମିନିକୁ ସିଏ ଜିତି ଯିବ ତାର ମମତାରେ। ତାର ସେଇ ନିଷ୍ପାପ ମମତାର ବନ୍ଧନରେ ମୁଁ ପରିଣତ ହୋଇଯାଉଥିଲି ଶିଶୁଟିଏ ହୋଇ।ତାକୁ ନେଇ ଯେଉଁ ଗଳ୍ପ ଲେଖିଲି ଶତାଧିକ ପାଠକଙ୍କ ଶ୍ରଦ୍ଧା ଭାଜନ ହୋଇଗଲି ତାର ଅନ୍ତର୍ନିହିତ କରୁଣା ଲାଭ କରି।

ଚାନ୍ଦିପୁର ସମୁଦ୍ର କୂଳ :

ଅନେକ ବର୍ଷ ଆଗରୁ ଆସି ଓଦା ହୋଇଥିଲି ତାର ସ୍ପର୍ଶରେ । କିନ୍ତୁ ପାଖରେ ଥାଇ ବି ଆଉ ଯାଇ ପାରେନା। ମାତ୍ର ସିଏ ବି କଣ ମୋ ପାଖକୁ ଆସିପାରେ? ଏପରି ମିଛ କାହା ପାଇଁ ବା ଗ୍ରହଣୀୟ ହେବ?

ତା ଭାଷାରେ ସେ କହିଦେଲା ସେ, 'ଯାହାକୁ ରାତିର ସ୍ୱପ୍ନ ବୋଲି ତୁ ଭାବୁଚୁ, ତାହା ହିଁ ପ୍ରକୃତ ଅନ୍ତର୍ସତ୍ୟ। ଯଦି ପୂର୍ବାହ୍ନ ବେଳକୁ ମୁଁ ଘୁଞ୍ଚି ଯାଇ ପାରୁଛି ଦଶ ପନ୍ଦର କିଲୋମିଟର ପଛକୁ ଆଉ ରାତିରେ ପୁଣି ଫେରି ଆସୁଛି ଚାନ୍ଦିପୁର କୂଳକୁ, ତାହେଲେ ତୋତେ ଛୁଇଁ ଦେବା ପାଇଁ ଆଉ ୨୦କିଲୋମିଟର କଣ ଅତିକ୍ରମ କରି ଆସିପାରିବାର ଶକ୍ତି ନାହିଁ ମୋର?'

ମୁଁ ବା ଏକଥାରେ ବିଶ୍ୱାସ ନ କରନ୍ତି କିପରି? ଶାନ୍ତିକାନନର କ୍ଷୁଦ୍ର ଶିଶିର ବିନ୍ଦୁ ହେଉ କି ଚାନ୍ଦିପୁରର ବିଶାଳ ସାଗର ବେଳାଭୂମି ସମସ୍ତେ କି ପ୍ରାଣୋଚ୍ଛଳ ମମତାରେ ମୋତେ ଆପଣାର କରି ନେଇଛନ୍ତି !! ତେଣୁ ବାଲେଶ୍ୱରର ଭାବ -ବଳୟରେ ମୋର ଅବସ୍ଥାନର ଅନ୍ତଃ ନାହିଁ। ସ୍ନେହରେ ତୃପ୍ତିର ଅବସାଦ କାହିଁ??

# ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଶାର ଭକ୍ତ କବି



## ଅଲେଖ ଚନ୍ଦ୍ର ସାମଲ

(ପୂର୍ବ ପ୍ରକାଶିତ ଉତ୍ତାରୁ..) ରାଧାମୋହନ ଗଡ଼ନାୟକ ହେଉଛନ୍ତି ଖ୍ରୀ:ଅ ୧୯୧୦ ସମୟର। ତାଙ୍କର ଉଲ୍ଲେଖନୀୟ କବିତାଟି ହେଉଛି 'ଶ୍ରୀୟା ଚଣ୍ଡାଳୁଣୀ'। ଯେଉଁଥିରେ ମାର୍ଗଶୀର ମାସର ମାହାତ୍ମ୍ୟ ଉଲ୍ଲେଖ କରିବା ସହ ଏ କଥା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଲକ୍ଷ୍ମୀଙ୍କର ମନସ୍କାମନା ପୂର୍ଣ୍ଣ ପାଇଁ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଭେଦାଭେଦ ଭୁଲି ସମସ୍ତେ ଏକମନ ଏକ ପ୍ରାଣରେ ସେହି ଚଣ୍ଡାଳ ହାତରୁ ମହାପ୍ରସାଦ ସେବନ କରିବେ ବୋଲି ଜଗନ୍ନାଥ କହିଛନ୍ତି। ଭକ୍ତକବି ନାରାୟଣାନନ୍ଦ ଅବଧୂତସ୍ୱାମୀ ହେଉଛନ୍ତି 'ରୁଦ୍ରାସୁଧାନିଧି'ର ଲେଖକ। ତାଙ୍କ ରଚନାରେ ଶୈବ, ଶାକ୍ତ, ବୈଷ୍ଣବ ତାନ୍ତ୍ରିକ ମତବାଦ, କାପାଳିକ ମତ, ପାଶୁପତ ମତ ଏବଂ ବୌଦ୍ଧମତ ମଧ୍ୟ ପ୍ରସଙ୍ଗକ୍ରମେ ଉତଥାପିତ ହୋଇ ଏକ ମନୋରମ ପରିବେଶ ସୃଷ୍ଟି କରିଛି। ସେ କେବଳ ଜଣେ ସାଧାରଣ କବି ବା ଭକ୍ତ ନଥିଲେ ସେ ଥିଲେ ଜଣେ ଦାର୍ଶନିକ, ଭକ୍ତକବି, ପଣ୍ଡିତ, ତାନ୍ତ୍ରିକ ଏବଂ ଧର୍ମ ପ୍ରବକ୍ତା ରୂପେ ଖ୍ୟାତି ଅର୍ଜନ କରିଛନ୍ତି।

ଭକ୍ତକବି ରାୟ ରାମାନନ୍ଦ ହେଉଛନ୍ତି ପ୍ରେମ ଭକ୍ତିର ସାଧକ। ତାଙ୍କ ଶ୍ରେଷ୍ଠ ରଚନା ଯାହା ସର୍ବ ପ୍ରଥମେ ସଂସ୍କୃତ ଭାଷାରେ ଲେଖା ହୋଇଥିଲା ତାହା ହେଉଛି 'ଜଗନ୍ନାଥ ବଲ୍ଲଭ' ଓ 'ଦଣ୍ଡାତ୍ମକ ଲୀଳା', 'ପଦ କଳ୍ପତରୁ', 'ମମ୍ମ ନିରୂପଣ' ପ୍ରମୁଖ। ଯେଉଁଥିରେ ପୂଜା ଉପାସନା ଓ ରାଧାକୃଷ୍ଣ ଲୀଳା ଉଲ୍ଲେଖ ରହିଛି।

ଭକ୍ତକବି ମାର୍କଣ୍ଡ ଦାସ ହେଉଛନ୍ତି ଓଡ଼ିଶାରେ ଏପରି ଜଣେ ପ୍ରାତଃ ସ୍ମରଣୀୟ କବି ଯିଏ କି ଏକାନ୍ତ ନୀରବରେ ଅନେକ ଭକ୍ତିର ଅଧିକାରୀ ଓ ତାଙ୍କ ଲେଖନୀ ଚଳଚଞ୍ଚଳ ହୋଇଥିଲେ ମଧ୍ୟ ତାଙ୍କ ସମ୍ପର୍କରେ ଅନେକ ଅନାଲୋଚିତ ତଥ୍ୟ ସବୁ ରହିଛି। 'କେଶବ କୋଇଲି' ଓଡ଼ିଆ ଶିଶୁର ନିତିଶୁଣା ଗାନ। ଓଡ଼ିଆ ବାଳକର ଅଭ୍ୟସ୍ତ ପଦ୍ୟ ଓ ଓଡ଼ିଆ ମାଆର ଅତ୍ୟନ୍ତ ପରିଚିତ ଗୀତିକା। ଚଉତିଶା ରୀତିରେ କୋଇଲିକୁ ସମ୍ବୋଧନ କରି ରଚିତ ଏହି ଗୀତିକାଟିର ଗାୟିକା ଯଶୋଦା ଆଜି ଏକ ନୁହେଁ, କୋଟି କୋଟି। ବାତ୍ସଲ୍ୟରସ ଏହି କବିତାର ମୁଖ୍ୟ ଆବେଦନ ହେଲେ ମଧ୍ୟ କରୁଣତା ଓ ଭକ୍ତି ଏହାର ମାର୍ମିକ ଆଭିମୁଖ୍ୟ। ବାସ୍ତବରେ ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି' ଏକ ଲଳିତ ପଦ ବିନ୍ୟାସର ସାବଲୀଳ ରଚନା।

ମାଧବୀ ଦାସୀ ହେଉଛନ୍ତି ଭକ୍ତି ମାର୍ଗର ଜଣେ ପରମ ଉପାସିକା ଯିଏ ପରବର୍ତ୍ତୀ ସମୟରେ ଶ୍ରୀଚୈତନ୍ୟଙ୍କ ସଂସ୍ପର୍ଶରେ ଆସିବା ପରେ ମହାପ୍ରଭୁଙ୍କ କୃପାପ୍ରାପ୍ତ ହୋଇଥିଲେ। ଷୋଡ଼ଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ପୁରୀ ଜିଲ୍ଲା ଅନ୍ତର୍ଗତ ବ୍ରହ୍ମଗିରି ଶାସନର ବେଣ୍ଟପୁର ଗ୍ରାମରେ ତାଙ୍କର ଜନ୍ମ। 'ଚୈତନ୍ୟ ଚରିତାମୃତ'ରେ ଉଲ୍ଲେଖ ଅଛି - 'ପ୍ରଭୁ ଲେଖା କରେ ଯାରେ ରାଧିକା ରମଣ, ଜଗତେର ମଧ୍ୟେ ପାତ୍ର ସାଢ଼େ ତିନିଜଣ। ସ୍ୱରୂପ ଗୋସାଇଁ ଆର ରାୟ ରାମାନନ୍ଦ ଶିଖି ମହାନ୍ତି ତିନି ତାର ଭାଗିନୀ ଅର୍ଦ୍ଧେକ।'

ବୈଷ୍ଣବକବି ଦାଶରଥି ଦାସ ହେଉଛନ୍ତି ଖ୍ରୀ: ୧୫୧୦ସମୟର। ତାଙ୍କ ଶ୍ରେଷ୍ଠ ରଚନା ହେଉଛି 'ବ୍ରଜବିହାର'। ସେ ଶ୍ରୀଚୈତନ୍ୟ କର୍ତ୍ତୃକ ପ୍ରଚାରିତ ପ୍ରେମଭକ୍ତି ମାର୍ଗୀ ବୈଷ୍ଣବ ଧର୍ମ ଧାରଣାକୁ ଓଡ଼ିଶା ମାଟିରେ ପ୍ରଚାର ପ୍ରସାର କରିଥିଲେ।

ସନ୍ଥକବି ମହାଦେବ ଦାସ ସମ୍ପର୍କରେ ତାଙ୍କ ପୁରାଣରେ ଖୋଦ ସେ ନିଜେ ଲେଖିଛନ୍ତି 'ଯେଉଁ ଦିନୁ ସୃଷ୍ଟି ଭିଆଇଲେ ଦୟାନିଧି, ଆପଣାର ଅଙ୍ଗରୁ ସେ ସୃଜି ଚାରି ଜାତି, ଶ୍ରୀମୁଖରୁ ବ୍ରାହ୍ମଣ ଯେ ଶ୍ରୀଭୁଜରୁ କ୍ଷତ୍ରୀ। ସୃଜିଲେ ସେ ନାଭି କମଳରୁ ବୈଶ୍ୟ ଜାତି, ଶ୍ରୀପାଦ ପଦ୍ମରୁ ଶୂଦ୍ର ସୃଜିଲେ ଶ୍ରୀପତି। ପାଦପଦ୍ମ ଯହୁଁ ଶୂଦ୍ର ହୋଇଲାକ ଜାତ, ପାଦପଦ୍ମ ମହିମା ସେ ଜାଣିଲେ କିଞ୍ଚିତ। ସେ ଶୂଦ୍ର କୁଳେ ଲକ୍ଷଣ ଦାସ ଉତପତ୍ତି, ମହାଦେବ ଦାସ ମୁଁ ଯେ ତାହାଙ୍କ ସନ୍ତତି।'

ମହାପ୍ରଭୁଙ୍କ ଲୀଳା ରଚନାରେ ଓଡ଼ିଶାରେ ଅନେକ କାଳଜୟୀ ଭକ୍ତକବିଙ୍କ ରଚନା ଭକ୍ତିବାଦ, ଭକ୍ତ ପରମ୍ପରାର ଏକ ବରିଷ୍ଠ ଧାରା। ପୁରୁଷୋତ୍ତମ କ୍ଷେତ୍ର, ଦାରୁ ଦେବତା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା ବର୍ଣ୍ଣନା ବିଭିନ୍ନ ସୃଷ୍ଟି ସମ୍ଭାରରେ ଉଲ୍ଲେଖିତ ହୋଇଛି। ଓଡ଼ିଶାରେ ଅନେକ ଭକ୍ତକବି ଭକ୍ତିବାଦର ପ୍ରସାର ସହିତ ଯେଉଁ ଅନବଦ୍ୟ ସାହିତ୍ୟ ସୃଷ୍ଟି କରିଯାଇଛନ୍ତି ତାହା ଓଡ଼ିଶାର ସାହିତ୍ୟର ଓ ଭାଷାକୁ ଯେ କିପରି ବଳିଷ୍ଠ ତଥା ଉନ୍ନତ କରିଛି ତାହା ଯେକେହି ଅନୁମାନ କରିପାରିବ। ଓଡ଼ିଶାର ଭକ୍ତକବିମାନେ ଭଜନ, ଜଣାଣ, ଚଉତିସା ଆଧାରରେ ସବୁ ଉଲ୍ଲେଖ କରିଛନ୍ତି। ବିଶେଷକରି ଷୋଡ଼ଶ ଶତାବ୍ଦୀ ସମୟରେ ଶ୍ରୀଜଗନ୍ନାଥ ଭକ୍ତି ଚେତନାକୁ ଅନେକ ସୃଷ୍ଟି କରିଥିବା ପ୍ରମୁଖ କବିମାନେ ହେଉଛନ୍ତି 'ସାଲବେଗ', 'କବିସୂର୍ଯ୍ୟ ବଳଦେବ', 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ', 'କବି ବନମାଳୀ', 'କବି ଦୀନକୃଷ୍ଣ', 'କବି ଅଭିମନ୍ୟୁ', 'କବି ଗୋପାଳକୃଷ୍ଣ' ପ୍ରମୁଖ। ମହାପ୍ରଭୁଙ୍କ ଲୀଳା ରଚନାରେ ଏହି କବିମାନଙ୍କ କାଳଜୟୀ ସୃଷ୍ଟି ଅନନ୍ତ କାଳ ପର୍ଯ୍ୟନ୍ତ ଭକ୍ତି ରସର ପ୍ଲାବନରେ ସମସ୍ତଙ୍କୁ ପ୍ଲାବିତ କରିବ। (ସମାପ୍ତ)

+ପୂର୍ବତନ ଡିଏଫଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨୩




## ପ୍ରିୟତମା ବର୍ଷା

### ଡ. ଦୀପକ କୁମାର ମିଶ୍ର



ମୋ ପାଇଁ ବର୍ଷା ଏକ ଗତାନୁଗତିକ
ଋତୁ ନୁହେଁ
ବରଂ ମନେଇ ମନକୁ ତରଳେଇ
ଫିକା ତାରୁଣ୍ୟର ବାବନା
ବାରସୀରେ ବର୍ଣ୍ଣ
ହୃଦୟରେ ଆବାହନ
କରିବାର ମାଙ୍ଗଳିକ ମଉଛବର
ପ୍ରେମ ସର୍ବସ୍ୱ ନିରୁତା ଋତୁଟିଏ ।

ଏଇ ଋତୁରେ ଆକାଶ
ସାଜେ ନିରବତାର ସାତ୍ୱିକ ସାଧକ
ବୈରାଗ୍ୟତାର ବୈଭବ ନିମନ୍ତେ
ମେଘମାନଙ୍କୁ ଓହ୍ଲେଇଦିଏ
ଗାଁ ପାଖ ପାହାଡ଼ ଉପରେ
ମେଦୁର ମେଘ ଭାବମୟ
ସନ୍ତକର ସନ୍ତୁଷ୍ଟିରେ
ଭେଟିଦିଏ ସୁଖଦ ବାରିଧାରାରେ
ସ୍ନିଗ୍ଧ ଛିଟାମାନଙ୍କୁ ।

ଭୂମିଷ୍ଠ ବର୍ଷାର ଚିନ୍ମୟ
ଚେତନାରେ ନବନିର୍ମାଣ ହୁଏ ସୃଷ୍ଟି
ସର୍ଜନାର ବୀଜମନ୍ତ୍ରରେ
ରଙ୍ଗମୟ ହୁଏ ପ୍ରୀତି ପ୍ରଜାପତି
ପରାଗ ସଙ୍ଗମର ଅନୁଚିନ୍ତାରୁ ଓହରି
ଫୁଲମାନେ ସ୍ୱାଗତ କରନ୍ତି
ଶୁଶ୍ରୀ ଶ୍ରାବଣୀର କ୍ଷରିତ ରଙ୍ଗ ପସରା
ଆବେଗମୟ ପ୍ରେମ
ପରିଭାଷାର ପର୍ଯ୍ୟାଲୋଚନାରେ
ଉର୍ଦ୍ଧିମାରେ ସ
ର୍ବସ୍ୱାନ୍ତ ଅହଙ୍କାରମାନଙ୍କର
ଅନୁରାଗମୟ ଅନୁବାଦିତ
ଅଦ୍ଭୁତ ଆଭାବିନ୍ଦୁ ।

ମୋ ଦେହରେ ବର୍ଷାଛିଟା ପଡିଲେ
ମନେପଡ଼େ ପାହାନ୍ତିଆ ଅଗଣାରେ
ମୁରୁଜ ଆଙ୍କୁଥିବା ସାମ୍ନାଘରର ସେହି
ସୌଖିନ ଲାଜକନ୍ୟା
ଯିଏ ଏବେ ଆଷାଢ଼ି ଆଶାର ଅସଜଡ଼ା
ସୌଜନ୍ୟତାରୁ
ବୁଝିପାରେନା ପୁଣିଥରେ
ବର୍ଷାରେ ଭିଜିବାର ମଜା ।


ବର୍ଷା ଏକ ବୟସ
ଯିଏ ଅବମାନନା କରେ
ଅଯଥାରେ ଲଦିହେଉଥିବା
ଧୃଷ୍ଟତାର ଅପବାଦମାନଙ୍କୁ
ଯିଏ ହଜିଯିବାକୁ ଚାହେଁ
ଭାବତରଙ୍ଗରେ
ସନ୍ନିବେଶିତ ବାସ୍ନାମୟ ହୃଦବନର
ସାବ୍ଲୀ ସନ୍ତରଣରେ ।

ମୁଁ ବର୍ଷାକୁ ଭଲପାଏ
ହେଲେ ବର୍ଷା ମତେ ଭଲପାଇଲା
ବେଳକୁ
ସମ୍ପୂର୍ଣ୍ଣ ବୁଡ଼ିସାରିଥାଏ
ମୋ ବତୁରା ପ୍ରେମର
ପୁରୁଣା କାଗଜଡ଼ଙ୍ଗା ଖଣ୍ଡିକ ।
ଝଝଝଝ

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## କାଳିଆ ସୁନା

### ଦିବାକର ନାୟକ



କେଉଁ ହାତେ ତୋତେ କିସ ମୁଁ ମାଗିବି
କେଉଁ ହାତରେ ତୁ ଦେବୁ
ବେଳ ସରିଯାଏ କାଳିଆ ସୁନା ମୋ
ଏଇ କଥା ଭାବୁଭାବୁ (୦)

ନିରିମାଲ୍ୟ ପାଇଁ ତୋ ବଡ଼ଦାଣ୍ଡରେ
ହାତ ପାତିଲେ ମୁଁ ବସି
ପାଦ ତୋର ନାହିଁ କେମିତି ତୁ ଦେବୁ
ପାଖକୁ ମୋହର ଆସି

କେଉଁ ଭାବେ ତୋତେ ଦୁଃଖ ମୁଁ କହିବି
କେଉଁ କାନେ ଶୁଣିନେବୁ..
ବେଳ ସରିଯାଏ କାଳିଆ ସୁନା ମୋ
ଏଇ କଥା ଭାବୁଭାବୁ (୧)

ଯୁଗ ଯୁଗ ଧରି ଭାବିଲେ ଏମିତି
ବୁଝିବ କିଏ ବା ତୋତେ
ଅରୂପେ ସ୍ୱରୂପ ଭାବର ଦିଅଁ ତୁ
ପୂର୍ଣ୍ଣବ୍ରହ୍ମ ପୁଣି ସତେ

ଯେମିତି ଭାବନା ସେମିତି ତୋ ରୂପ
ଜାଣିଲି ଏବେ ମୁଁ ସବୁ..
ବେଳ ସରିଯାଏ କାଳିଆ ସୁନା ମୋ
ଏଇ କଥା ଭାବୁଭାବୁ (୨)

+ଆକାଶବାଣୀ ଗୀତିକାର
ପାଟପୁର, କନିସି-୭୬୧୦୦୮
ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୬୧୯୯୮୧

# କବିତାମାଳା

## ବରଷା ରାଣୀ
### ସୁରାତ୍ରୀ ପ୍ରଧାନ



କଳାମେଘି ପାଟ ମୁଣ୍ଡରେ ପକାଇ
ଆସିଛି ବରଷା ରାଣୀ
ଭିଯାଇ ଦେଇଛି କାନି ପଣତକୁ
ଅପୂର୍ବ ତାହାର ଠାଣି ।

ଆଷାଢ଼ ଆକାଶେ ଖଣ୍ଡ ଖଣ୍ଡ ମେଘ
ଭାସୁଛି ବଉଦ ମାଳ
ଝିପି ଝିପି ବର୍ଷା କୋହଲା ପାଗରେ
ଢାଳି ଦେଉଅଛି ଜଳ ।

ଘଡଘଡି ସଙ୍ଗେ ବିଜୁଳି ଚମକ
ଡିଣ୍ଡିମ ବାଜା ବଜାଇ
ସତେକି ଆସୁଛି ମେଘ ପଟୁଆର
ବିବାହ ରୋଷଣୀ ନେଇ ।

ହସୁଛି ଧରଣୀ ହସେ ବନ ଗିରି
ଶୀତଳ ସମୀର ଆଭା
ସବୁଜ ପତରେ ହସୁଅଛି ତରୁ
ଆହା କେଡେ ମନ ଲୋଭା ।

ମାଟି, ଆକାଶର ଅପୂର୍ବ ମିଳନ
ଆସେ ଯେବେ ବରଷାରେ
ସଭିଏଁ ଖୁସିରେ ବିଭୋର ହୁଅନ୍ତି
ଆନନ୍ଦ ଓ ଓଲ୍ହାସରେ ।

+ କୁଶୁପୁର, ଗୋପ, ପୁରୀ

## ଶ୍ରୀମନ୍ଦିର ଆଜି ଶ୍ରୀହିନ ଦିଶଇ
### ପ୍ରଶାନ୍ତ କୁମାର ନାୟକ



ନାହୁଁବୋଲି ତୁହି ରତ୍ନ ସିଂହାସନେ
ଦେଖି ପାରୁନାହିଁ ତୋତେ,
କୃପାକରି ଥରେ ଦିଅ ପହଞ୍ଚାଇ
ଅଲାର ନାଥରେ ମୋତେ ।

ସେଠାକୁ ଯାଇ ମୁଁ ଦେଖିବିରେ ତୋତେ
କେତେ ଆତୁର ମୋ ମନ,
ତୋ ଅସୁସ୍ଥ ଲାଗି ମୁଁ ପରା ଅସୁସ୍ଥ
ତୁଉ ମୋ କାଳିଆ ଧନ ।

ଶୁଣିଛି ଭକତ ପ୍ରେମରେ ତୁ ଅନ୍ଧ
ଭକ୍ତ ଯେ ତୋହର ପ୍ରାଣ ,
ଭକତ ଭାବରେ ବନ୍ଧା ତୁ କାଳିଆ
ଆହେ ପ୍ରଭୁ ଆର୍ତ୍ତତ୍ରାଣ ।।

ହସନାହିଁ ଆଉ ଶ୍ରୀମୁଖରେ ତୋର
ଜ୍ୱରରେ କମ୍ପି ଥରୁଛୁ,
ଷାଠିଏ ପଉଟି ଖିଆପିଆ ଛାଡି
ଶୁଖିଲା ଭଳି ଦିଶୁଛୁ।

ଜନମ ବେଦିରେ ମାଆ ସାଆନ୍ତାଣୀ
ଅଧିର ଚିତ୍ତରେ ଚାହିଁଛି,
ମାଉସୀ ବସିଛି ପୋଡ଼ପିଠା କରି
ସେକଥା ମନେ ନାହିଁକି ।

ଶ୍ରୀମନ୍ଦିର ଆଜି ଶ୍ରୀହିନ ଦିଶଇ
ନାହିଁତ ଭକ୍ତଙ୍କ ଗହଳି,
ଶୀଘ୍ର ସୁସ୍ଥ ହୋଇ ଫେରିଆ ଜଗାରେ
ଭକ୍ତ ମନ ହୁଏ ଭାଳି ।

ୟୁନିଟ୍-୦୫; ଭୁବନେଶ୍ୱର
ଫୋନ୍-୮୨୪୯୬୫୦୪୧୪

## ଏତିକି ମିନତି ପରା...
### ନଗେନ୍ଦ୍ର ନାଥ ପଟ୍ଟନାୟକ



ସୁନାକୂଅ ଜଳେ ସ୍ନାନ ସାରି ଜଗା
ଦେହେ ଖଇଫୁଟା ଜର
ବିଶ୍ରାମ ନେଇଛି ତାଟିଘରେ ସିନା
ଚାଲିଛି ତା' ଉପଚାର ।

ଫୁଙ୍ଗୁଳା ପଡିଛି ରତ୍ନସିଂହାସନ
ପଟିଦିଅଁ ପୂଜା ପାଏ
ଜଗା ନାଇଁ ବୋଲି ବଡ ଦେଉଳରେ
ଖାଁ ଖାଁ ଲାଗୁଥାଏ ।

ଅଲାର ନାଥଙ୍କ ଦରଶନ ପାଇଁ
ଭକତ ଗହଳି ଜମେ
କାଳିଆ ସାଆନ୍ତେ ଦର୍ଶନ ଦିଅନ୍ତି
ଅଲାର ନାଥଙ୍କ ନାମେ ।

ବୈଷ୍ଣବ ପୀଠ ନାମେ ପରା ଖ୍ୟାତ
ପ୍ରତୀକ ଦିଅଁ ଯେ ଉଭା
ନାନା ରୂପେ ଦିଅନ୍ତି ଦର୍ଶନ
ଶୋଭା ଅତି ମନଲୋଭା ।

ଖିରି ଭୋଗ ଖାଇ ଭକତ ଶ୍ରଦ୍ଧାଳୁ
ଲଭନ୍ତି ପରମ ତୃପ୍ତି
ଗୁହାରି କରନ୍ତି ଅଲାର ନାଥଙ୍କୁ
ଅରପି ଭାବ ଭକତି ।

ଧନ୍ୟ ପ୍ରଭୁ ତୁମ ମହିମା ଅପାର
ଧନ୍ୟ ତୁମ ଲୀଳାଖେଳା
ତୁମ ନାମ ଜପି କଟିଯାଉ ଦିନ
ଏତିକି ମିନତି ପରା ।

+ଓସ୍କାର ସିଟି, ଲକ୍ଷ୍ମୀ ସାଗର
କେନାଲ ରୋଡ
ଭୁବନେଶ୍ୱର
ମୋ - ୯୪୩୮୩୩୨୧୩୮

## ଭ୍ରମ
### ଅରୁଣ କୁମାର ଦାସ

ବେଳେ ବେଳେ ଧରି ନେଇ ଥାଉ
ଦୂରରୁ ଆସୁଥିବା ଲୋକଟି ଆମ ନିଜର
ଆମ ଧାରଣା ବଦଳି ଯାଏ
ନା ଥାଏ ଆପଣାର ଅବା ପର ।

ମଣିଷ ଖୋଳପା ତଳେ ଥାଏ ପାଶବିକ ଗୁଣ
ଚିହ୍ନା ଲୋକ ହୋଇ ଥାଏ ଅଚିହ୍ନା
ଅଚିହ୍ନା ହୁଏ ଚିହ୍ନା
ଯେସନ ହାଣ୍ଡି ଖାଇ ଯାଏ ଲୁଣ ।

ସରଳତା ପଛରେ ଲୁଚି ଥାଏ ଜଟିଳତା
ନିରିହ ମୁହଁ ରେ ଭରି ଥାଏ କୁଟିଳତା
ସଦା ସର୍ବଦା ଆଚ୍ଛନ୍ନ କରେ ଦୁର୍ବଳତା
ଫାଇଦା ଉଠାଉଛନ୍ତି ନେଇ ମୋ ସରଳତା।

ଧୂଳି ଧୂସରିତ ଧୂମ୍ରାଭ ଦିଗନ୍ତ
କିଛି ମିଳେନା ଆଦି ଅନ୍ତ
ସବୁ ବିଲୀନ ହୋଇଯିବ ଅନନ୍ତ
ଏଠି ଜଳି ପାଉଁଶ ହୁଏ ସବୁ ଜୀବନ୍ତ ।

ତତଲା ବାଲିର ସେଇ ମରିଚୀକା
ଆମକୁ ଅଜାଣତେ ଆଗକୁ ବାଟ କଢାଇ ନିଏ
ନା ମେଣ୍ଟେ ଶୋଷ
କେବଳ ରହିଯାଏ ଅବଶୋଷ ।

ଠାକୁରା, ପୁରୁଣା ବଉଳମାଳ,
ଧର୍ମଶାଳା, ଯାଜପୁର
ମୋ: ୯୯୩୮୭୩୩୦୭୫

## ମିଛ
### ଗୌରୀ ମେହେର



ଆସିଲା ବରଷା
ଆସିଲା ବର୍ଷା, ହସିଲା ଧରଣୀ
ହସିଲା କୃଷକ ଭାଇ,
ହସି ଉଠିଲା ସବୁରି ମନ
ତାତି ଖରାରୁ ଉଦ୍ଧାର ପାଇ।

ବେଙ୍ଗୁଲି ନାନି ଗୀତ ଗାଉଛି
କରି କେଁ କେଁ କେଁ କଟର,
ଝିଙ୍କାରି ଆସି ବେଙ୍ଗୁଲି ସାଥେ
ଝିଂ ଝିଁ କରେ ଦେଖି ତଳ ଉପର।

ମେଘ ଗରଜେ ବାଜା ବଜାଇ,
ପବନ ଗୀତ ଗାଏ ,ସାଇଁ ସାଇଁ,
ବରଷା ପଡେ, ଟପ୍ ଟପ୍ ଟପ୍,
ତାଳ ରେ ତାଳ ମିଶେଇ।

ମଝି ମଝି ରେ ବିଜୁଳି ଆସି,
ଚକ୍ ମକ୍ ଆଲୁଅ ଦିଏ ଯାଚି,
ଗୀତ, ଆଲୁଅ, ବାଜା ଶବଦେ
ଧରଣୀ ଖୁସିରେ ଉଠେ ନାଚି।

ଧରଣୀ କୋଳେ ବରଷା ଧାର,
ଖିଲି ଖିଲି ବୋହୁଥାଏ
କୁନା, ମୁନା ସବୁ ଡଙ୍ଗା ଭସେଇ,
ଖେଳନ୍ତି ସାଙ୍ଗ ମେଳରେ।

ବିଲର ପାଣି ତଳ ବିଲକୁ,
ବୋହୁଥାଏ ଖଳଖଳ,
ଘାସ, ବୁଦାରେ ପାଣିର ଟୋପା,
ହୋଇ ରହି ଥାଏ ଢଳ ଢଳ।

କି ସୁନ୍ଦର ସତେ ବରଷା ଦିନ
କି ମନୋହର ତା ଚେହେରା
ମନରେ ଅଜଣା ଖୁସିଟିଏ ହୋଇ
ରହିଯାଏ ହୋଇ ଅପାସୋରା।

, ଗମ୍ଭାରୀଗୁଡ଼ା, ନୂଆପଡା
ମୋ: ୯୧୭୮୭୪୧୩୩୬

## ମିଛ
### ଗଜାନନ ମିଶ୍ର

ମୁଁ ତୁମର, ତୁମେ ମୋର
କହିବା ଇ ପୂରା ମିଛ।

ବର୍ଷା ବିପ୍ଲାତରେ
ଭାସେ ବୁଡେ ଘରଦ୍ୱାର
ସହର ବଜାର ରାସ୍ତାଘାଟ
ଆଉ ତୁମେ ଛଟପଟ !

ଜିଅନ୍ତା ଲୋକ ମାରେଁ,
ମନ୍ଦିରରେ ମୂର୍ତ୍ତି ପୂଜି
କାଠ ପଥର ଲୁହା ପିତଳ !

ଉଡାଏଁ ପତାକା,
ତଳେ ପଡିଥିବା ଲୋକଙ୍କ
ଉପରକୁ ଚଢି ମାଡି ଦଳି !

ଛାତ ଉପରେ ପ୍ରେମ କରୁଥିବା
ପକ୍ଷୀକୁ କରେଁ ବ୍ୟତିବ୍ୟସ୍ତ !

କହେଁ ସମାଜସେବକ, ଧାର୍ମିକ
ଦେଶଭକ୍ତ ଆଉ ପ୍ରେମିକ ମୁଁ!

+ ତପୋବନ, ଟିଟିଲାଗଡ, ବଲାଙ୍ଗିର
ମୋ: ୯୪୩୭୩୬୬୬୪୪

## ଫୁଲ ତୁମେ ଯେମିତି ସେମିତି ଥାଅ
### ସିଦ୍ଧେଶ୍ୱର ତ୍ରିପାଠୀ



ଥରେ ନୁହଁ ହଜାର ଥର କହିଛି
ତୁମ ଓଠରେ ମାଖିବନି
ସେ କୃତ୍ରିମ ନାଲିରଙ୍ଗ
ଆଖି ଧାରେ ମାଖିବନି କଳା
ଯାହା ଯେମିତି ସେମିତିକା ଥାଉ
ଏତିକିରେ କୋଟିଏ ହୃଦୟତ
ହୁଅନ୍ତି ବାଉଳା।
ନାଲି ଚୁଡ଼ି ନାଲି ପାଟ
ନାଲି ସେଇ ଅଳତାର ଗାର
ଏମିତିକା ବେଶ ହୋଇ ଆସିବନି ଜମା
ତୁମ ପାଇଁ ଧାଡ଼ିହେବେ
ସପନର କେତେ ସୌଦାଗର।
ଆସିବତ ଆସ ଠିକ୍ ତୁମରସେ
ନିଆରା ରୂପରେ
ନିରୋଳା ସମୟ
ଆଉ ନିଶବ୍ଦ ପ୍ରହରେ
ଯୋଉଠି ଖାଲି ତୁମେ ଥିବ
ଆଉ ମୁଁ ଥିବି
ଭିଜୁଥିବା ହଜୁଥିବା ମଜୁଥିବା
ଆମେ ଦୁହେଁ
ଆଖି ପଲକରେ
ଆମେ ଦୁହେଁ ଆଖି ପଲକରେ ।

+ଖୋର୍ଦ୍ଧା

## ଚିହ୍ନ
### ଦୁଷ୍ମନ୍ତ ବେହେରା



ସକଳ ମେଳଣରେ
ଦରଦ ଚିହ୍ନ......!!
ବେଳ ଲେଉଟାରେ
ଅମେଳ ମନ.....!!
ଶରୀର ସୁନ୍ଦରରେ
ଘନ ଯୌବନ....!!
ହସି କହେ ଦେଖରେ
ସଜ ଫୁଲ ସଅଁଳ....!!

ଖେଳ ସରି ଗଲେ ସମୟ
ହସେ ଦେଖି ଟକଳ......!!
ମନ ବନରେ ସଂସାର ଲୋଭ
ଏକା ଯିବୁରେ ମାଟିର ପାଶେ.....!!
ଚଉଦିଗରେ ମାନବ ଥିବେ

ଦେଖି କହୁଥିବେ ଗଲାରେ.....!!
ସମୟ ନଥିବ ଚିହ୍ନରେ ସତେ
ଯିବା ବେଳରେ ଏକା ଯିବୁରେ....!!
ଯାହା ପାଇଲୁ ଦୁନିଆରୁ ଯେତେ
ମିଶି ଯିବୁରେ ପାଉଁଶ ପାଶେ....!!
ଶରୀର ନଥିବ ଯୌବନ ନଥିବ
ଥିବ ମାଟିରେ ଚିହ୍ନ ତୋର.....!!

+ ରାସୋଳ-ମୁଣ୍ଡିଆପଶି
ଢେଙ୍କାନାଳ
ମୋ ନଂ-୮୮୯୫୦୯୦୧୬୩

## ଏକାଦଶାହ
### ରାଖାଲ ଚନ୍ଦ୍ର ସ୍ୱାଇଁ



ଯେ ... ଲେ
ତାଙ୍କ ମନକୁ ବୁଝି, କ୍ଷୀର ଟୋପାଏ
ଦେବାକୁ ଆମେ କୁଣ୍ଠିତ ଥିଲୁ।

ଯେବେ ସେ ନାହାନ୍ତି,
ତାଙ୍କ ସ୍ମୃତିରେ
କ୍ଷୀରି ମାଲପୁଆରେ ଭସେଇ ଦେଉଛୁ
ସାରା ପଞ୍ଚାୟତ।

ଜୀବିତ ବେଳେ ଆମେ
'ଶ୍ରଦ୍ଧା' ବାଢ଼ିପାରିଲୁ ନାହିଁ।
ଏବେ ତାକୁ ବାଢୁଛୁ 'ଶ୍ରାଦ୍ଧ'ରେ।

ଆଜି ସେ ନାହାନ୍ତି—
ତାଙ୍କ ଏକାଦଶାହରେ
ପତ୍ର ଉପରେ ପତ୍ରର ପାହାଡ଼
ଆଉ ପରଷା ଚାଲିଛି ମନଇଚ୍ଛା ବ୍ୟଞ୍ଜନ।

କେଡ଼େ ବଡ଼ ପ୍ରହସନ
ଏଇ ମୃତ୍ୟୁର ଉତ୍ସବ !

'ଲୋକେ ବୋଲିବେ କ'ଣ'ର
ଲୋକାଚାର ଚାପରେ
ନିଜର 'ସମ୍ମାନ'କୁ
ପରଷୁଛୁ ପତ୍ର ମାଧ୍ୟମରେ।

ହେଲେ ଯିଏ ଖାଇବା କଥା,
ସେ ତ ଅଦୃଶ୍ୟ।

କାହା ସନ୍ତୋଷ ପାଇଁ ଏଇ ଆୟୋଜନ ?
ପେଟର ଭୋକ ଯେତେବେଳେ
ଲାତ ମାରୁଥିଲା,
ଆମେ ଖୋଜୁଥିଲୁ ହିସାବର କାଗଜ।

ଆଜି ସେ ପ୍ରାଣହୀନ
ତଥାପି ଆମେ ସଜାଉଛୁ
ଭୋଜିର ମାହୋଲ।

ସତରେ,
ମଣିଷ ବଞ୍ଚିଥିବା ବେଳ ଅପେକ୍ଷା
ମରିବା ପରେ ବେଶି ଦାମିକା ହୋଇଯାଏ।

ଥରେ ଝାଉଁଳା ମୁହଁକୁ ପଢ଼ି ଶିଖ।
ଲୋକ ଦେଖାଣିଆ
ମୁଠାଏ ଶ୍ରାଦ୍ଧ ଆୟୋଜନରେ
ଆତ୍ମାକୁ ଶାନ୍ତି ମିଳେନି,
ବରଂ ଜୀବିତ ଥିବା ବେଳର ମୁଠାଏ
ଶ୍ରଦ୍ଧାରୁ ହିଁ ମିଳେ ଅସଲ ତୃପ୍ତି।

+ଭଦ୍ରକ
ମୋ: ୯୩୩୭୬୨୩୬୮୫

## କଲମ କ୍ରାନ୍ତି
### ବସନ୍ତ କୁମାର ପ୍ରଧାନ

ଅସି ଠାରୁ ମସୀ ଅଟେ ଶକ୍ତିଶାଳୀ
ଆଣିପାରେ ସେହି କ୍ରାନ୍ତି
ସଦଭାବନାର ଦିଗ୍ ଦର୍ଶନରେ
ଆଣଇ ଶାନ୍ତି ପ୍ରଗତି ।
ଅନ୍ୟାୟ ଅନୀତି କୁସଂସ୍କାର ଦେଖି
କରେ ସ୍ୱର ଉତ୍ତୋଳନ
ସତ୍ୟ ନ୍ୟାୟର ତୂର୍ଯ୍ୟ ନାଦରେ
ଆଣଇ ପରିବର୍ତ୍ତନ ।
ସତ୍ୟ ଧର୍ମ ନ୍ୟାୟ ପ୍ରେମ ମୈତ୍ରୀ ଭାବ
ଜାଗରଣେ ହୁଏ ବ୍ରତୀ
ମାନବିକତାର ମହାମନ୍ତ୍ରରେ
ପ୍ରତିଷ୍ଠା କରଇ ଶାନ୍ତି ।
ଅମୃତ ବରଷା କରିପାରେ ସେହି
ଜାଳେ ବିଦ୍ରୋହର ବହ୍ନି
ଜନ ମାନସରେ ନବ ଚେତନାର
ବୀଜ ଦେଇପାରେ ବୁଣି ।
ଅତ୍ୟାଚାରୀର ସାମ୍ରାଜ୍ୟକୁ ସେହି
କରିପାରେ ଧୂଳିସାତ
ପ୍ରେମ ପ୍ରତୀତିର ଝରକୁ ବୁହାଇ
ସାଜି ପାରେ ଶାନ୍ତି ଦୂତ ।
କଲମ କ୍ରାନ୍ତି ହେଉ ଶ୍ରେଷ୍ଠ ଶକ୍ତି
ଆଣି ଦେଉ ବିଶ୍ୱ ଶାନ୍ତି
ଦୁର୍ବଳର ମଥା କରି ସେ ସବଳ
ଅନ୍ଧକାରେ ଜାଳୁ ଜ୍ୟୋତି ।
ସତ୍ ସାହାସୀ ଏକା କଲମ ମୁନରେ
ଆଣଇ ପରିବର୍ତ୍ତନ
କଲମ ଯେ ଆଜି ନୀରବି ଯାଉଛି
ହରାଉଛି ଦମ୍ଭ ପଣ ।
ହେ କଲମଧାରୀ ଯାଅ ନାହିଁ ଡରି
ଦେଖି ଅତ୍ୟାଚାରୀ ଭୟ
ତୁମରି କଲମ ମୁନରେ ଯେ ହେଉ
ଏ ସୃଷ୍ଟି ମଙ୍ଗଳମୟ ।

+ହରିହରପୁର, ଛେଣ୍ଡିପଦା, ଅନୁଗୋଳ
ମୋ -୭୭୩୫୬୧୧୪୮୪

## ବରଷା ଆସିଲା ଧରାକୁ ଧାଇଁ
### ପ୍ରଫୁଲ୍ଲ କୁମାର ସାହୁ

ସରି ସରି ଗଲା ଖରାର ରାଜୁତି
ବରଷା ଆସିଲା ଧରାକୁ ଧାଇଁ,
ଧାର ଧାର ଧାର ବରଷା ଜଳରେ
ଉଛୁଳି ଉଠିଲା ଶୁଖିଲା ନଈ ।

ଝର ଝର ଝର ଝରିଲା ଆକାଶୁ
କଳା ବଉଦରୁ ବରଷା ଧାର,
ଧୂସର ଧରାଟି ହୋଇଲା ଶୀତଳ
ଗିରିଷମ ତାପ ହୋଇଲା ଦୂର ।

ବରଷା ଜଳରେ ଭିଜି ଗଛଲତା
ଦିଶୁଛନ୍ତି ଦେଖ କେଡେ ସୁନ୍ଦର,
ଥୁଣ୍ଟା ଗଛ ଦେହେ ସବୁଜ ପତର
କଅଁଳି ଦିଶଇ କି ମନୋହର ।

ଚାଷୀଭାଇ ମନେ ନୂଆ ଆଶା ନେଇ
ନିଜର ସାଥୀଙ୍କୁ ଏକାଠି କରି,
କ୍ଷେତ ଚାଷ ପାଇଁ ଯାଉଛି କ୍ଷେତକୁ
ମନରେ ଅସୀମ ସାହସ ଭରି ।

'ବନ ମହୋତ୍ସବ ' ହେଉଛି ପାଳନ
ସବୁଠାରେ ପୋତା ହେଉଛି ଚାରା,
ଯତନ ନେଲେ ତା 'ଦିନ କେତୋଟିରେ
ସବୁଜ ସୁନ୍ଦର ଦିଶିବ ଧରା ।

ଆସ ଆସ ଆମେ କରିବା ଶପଥ
ହାତରେ ମିଳାଇ ସଭିଏଁ ହାତ,
ଗୋଟି ଗୋଟି ଚାରା ଲଗାଇ ବାଡିରେ
ହେବା ଜଣେ ଜଣେ ସବୁଜ ମିତ ।

+ପ୍ରଧାନ ଶିକ୍ଷକ, ନାହାଙ୍ଗ ସରକାରୀ
ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ମାହାଙ୍ଗା, କଟକ - ୭୫୪୨୦୭
ମୋ: ୭୬୦୯୦୪୪୩୮୩

## ମୋକ୍ଷ
### ଡ. ପୁରୁଷୋତ୍ତମ ଧଳ



ନଦୀଟିଏ ଧାଁଏ
ମିଶିବାକୁ ସମୁଦ୍ରରେ
ଠିକ ସେମିତି,
ମଣିଷ ଚାହେଁ
ମିଶିବାକୁ ପରମାତ୍ମାଠାରେ ।

ବହୁ କଙ୍କରିତ ପଥ ଦେଇ
କେତେ ଦୁଃଖ କଷ୍ଟ ସହି
ନଦୀ ପହଂଚି ଯାଏ
ତା ଲକ୍ଷ୍ୟ ସ୍ଥଳରେ ।

ଠିକ ସେମିତି, ମଣିଷ
ଲୋଭ, ମୋହ, ମାୟା ସହିତ
ସଂଗ୍ରାମ କରି ଅହରହ
ପହଂଚି ଥାଏ ସେଇଠି
ଯେଉଁଠି ଥାଏ
ଶାନ୍ତି, ମୁକ୍ତି ଓ ମୋକ୍ଷ।

+ ପଦିନାରାୟଣପୁର,
ବାରିକପୁର ବଜାର, ଭଦ୍ରକ
ମୋ : ୮୯୧୭୬୬୭୦୬୦

## ଆଖିତ ଦେଖାଏ ପ୍ରିୟାର ମୁହଁ
### ପ୍ରଶାନ୍ତ କୁମାର ଦାଶ



ଆଖିତ ଦେଖାଏ ପ୍ରିୟତମା ଗଭା
ଦିଶେ ସେ ସୁନ୍ଦର୍ ମତେ
ଦୂରରେ ରହିଲେ ପ୍ରିୟତମା ଲୁଚି
ଦୁଃଖ ପାଏ ପୁଣି କେତେ ।।

ଆଖିର ଅସରା ଲୁହର ଶ୍ରାବଣ
ଯେବେ ଛମଛମ ନାଚେ
ଅଙ୍କା ବଙ୍କା ନଈ ଧାରେ ସେ ସ୍ମୃତିକୁ
ନିଜର କରି ମୁଁ ବଞ୍ଚେ ।।

ଆଖିତ ଦିଅଇ ପ୍ରୀତିର ପରଶ
ତାକୁ ମୁଁ ପାରେନା ଠକି
ଥାଏ ଅନୁରାଗ ମତେ ପର କରି
ଚାଲିଯାଏ ପ୍ରିୟ ସଖୀ ।।

ଆଖିରେ ଦେଖିଲି ଜହ୍ନ ଆଲୁଅରେ
ଯେବେଠୁ ପ୍ରିୟାର ମୁହଁ
ସେଦିନୁ ଛୁଟୁଛି ଆଖି ତଟିନୀରୁ
ବିଚ୍ଛେଦ ବେଦନା ଲୁହ ।।

ନାହିଁ ଏ ଜୀବନେ ଲୋଡ଼ା ଆଉ କିଛି
ଲୋଡ଼ାତ ପ୍ରିୟାର ପ୍ରୀତି
ତାର ହସ ସାଥେ ମିଳନ କୁଞ୍ଜରେ
ହେଉ ମୋ ଜୀବନ ଇତି ।।

ଚାଲୁଛି ଚାଲିବି ପଡ଼ିବିନି ଥକି
ଜୀବନର ଚଲାପଥେ
ପ୍ରିୟା ବିନା ଆଉ ଲୋଡ଼ାନାହିଁ ଜମା
ଜୀବନର ପୁଣ୍ୟ ତୀର୍ଥ ।।

+କୁଞ୍ଜର -ସଙ୍ଗଲାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

# କନ୍ଧମାଳରେ ସ୍ୱତନ୍ତ୍ର ସଘନ ସଂଶୋଧନ ନେଇ ସର୍ବଦଳୀୟ ବୈଠକ

କନ୍ଧମାଳ, ୦୬/୦୭ (ନି.ପ୍ର): ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ (ଏସ୍ ଆଇ ଆର), ୨୦୨୬ ଅନ୍ତର୍ଗତ ଚିଠା ଭୋଟର ତାଲିକା ପ୍ରକାଶ ଉପଲକ୍ଷେ ରବିବାର ପୂର୍ବାହ୍ନ ୧୧ଟାରେ ସଦଭାବନା ସଭାଗୃହ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କନ୍ଧମାଳ ଠାରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଶ୍ରୀ ବେଦଭୂଷଣଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଚିଠା ଭୋଟର ତାଲିକା ପ୍ରକାଶ, ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ଏବଂ ଜନସଚେତନତା ସୃଷ୍ଟି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ଶ୍ରୀ ବେଦଭୂଷଣ କହିଥିଲେ ଯେ, ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ନିର୍ଭୁଲ ଓ ତ୍ରୁଟିମୁକ୍ତ କରିବା ଭାରତୀୟ ନିର୍ବାଚନ କମିଶନଙ୍କ ପ୍ରାଥମିକତା। ଏଥିପାଇଁ ରାଜନୈତିକ ଦଳ, ଜନପ୍ରତିନିଧି, ବୁଥ୍ ସ୍ତରୀୟ ଅଧିକାରୀ ଏବଂ ଗଣମାଧ୍ୟମର ସକ୍ରିୟ ସହଯୋଗ ଅପରିହାର୍ଯ୍ୟ। ସେ ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଚିଠା ଭୋଟର ତାଲିକାକୁ ଭଲଭାବେ ଯାଂଚ୍ କରି ଯୋଗ୍ୟ ଭୋଟରଙ୍କ ନାମ ସଂଯୋଜନ, ଅଯୋଗ୍ୟ ଭୋଟରଙ୍କ ନାମ ବିଲୋପ ଓ ତ୍ରୁଟି ସଂଶୋଧନ ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ଓ ଆପତି ଦାଖଲ କରିବା ସହ କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାରରେ ସହଯୋଗ କରିବାକୁ ଆହ୍ୱାନ ଜଣାଇଥିଲେ। ବୈଠକରେ ସୂଚନା ଦିଆଯାଇଥିଲା ଯେ, କନ୍ଧମାଳ ଜିଲ୍ଲାର ମୋଟ ୫,୭୦,୮୯୮ ଜଣ ଭୋଟରଙ୍କ ମଧ୍ୟରୁ ୫,୩୧,୮୪୨ ଜଣ ଏନୁମେରେସନ ଫର୍ମ ଦାଖଲ କରିଥିବାବେଳେ ୩୯,୦୫୬ଟି ଫର୍ମ ମୃତ, ସ୍ଥାନାନ୍ତରିତ, ଡୁପ୍ଲିକେଟ୍ କିମ୍ବା ଅନୁପସ୍ଥିତ ଭୋଟରଙ୍କ କାରଣରୁ ସଂଗ୍ରହ ହୋଇପାରିନାହିଁ। ଭାରତୀୟ ନିର୍ବାଚନ କମିଶନଙ୍କ ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ ବର୍ତ୍ତମାନ ପ୍ରତ୍ୟେକ ଭୋଟଗ୍ରହଣ କେନ୍ଦ୍ରରେ ସର୍ବାଧିକ ୧,୨୦୦ ଜଣ ଭୋଟର ରହିବେ। ପୂର୍ବରୁ ଗୋଟିଏ ବୁଥ୍ରେ ପ୍ରାୟ ୧,୫୦୦ ଜଣ ଭୋଟର ରହୁଥିବା ବ୍ୟବସ୍ଥାକୁ ପରିବର୍ତ୍ତନ କରାଯାଇଥିବାରୁ ଜିଲ୍ଲାରେ ୧୫୧ଟି ନୂତନ ଭୋଟଗ୍ରହଣ କେନ୍ଦ୍ର ସୃଷ୍ଟି କରାଯାଇଛି। ଏହାଫଳରେ ଜିଲ୍ଲାର ମୋଟ ବୁଥ୍ ସଂଖ୍ୟା ୬୬୧ରୁ ବୃଦ୍ଧି ପାଇ ୮୧୨ରେ ପହଂଚିଛି। ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ-୨୦୨୬ର କାର୍ଯ୍ୟସୂଚୀ ସମ୍ପର୍କରେ ମଧ୍ୟ ବୈଠକରେ ସୂଚନା ଦିଆଯାଇଥିଲା। ୦୫ ଜୁଲାଇ ୨୦୨୬ରେ ଚିଠା ଭୋଟର ତାଲିକା ପ୍ରକାଶ କରାଯାଇଥିବାବେଳେ ୦୫ ଜୁଲାଇ ୨୦୨୬ରୁ ୦୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତି ଗ୍ରହଣ କରାଯିବ। ୦୫ ଜୁଲାଇ ୨୦୨୬ରୁ ୦୨ ସେପଟ୍ମେର ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତିର ଶୁଣାଣି ଏବଂ ସମାଧାନ କରାଯିବ। ଏହାପରେ ୦୬ ସେପଟ୍ମେର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ। ବୈଠକରେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପ-ଜିଲ୍ଲାପାଳ, ଫୁଲବାଣୀ ଭିକାରୀ ସାହୁ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀମତୀ କୁମୁଦିନୀ ମଲ୍ଲିକ, ଡେପୁଟି କଲେକ୍ଟର ଅଙ୍କିତ ଜେନା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅତିନିଆଲ ନାଇକା, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଏବଂ ନିର୍ବାଚନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ରାଜନୈତିକ ଦଳକୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ପାଳନ କରି ସ୍ୱଚ୍ଛ, ନିର୍ଭୁଲ ଓ ଅନ୍ତର୍ଭୁକ୍ତିମୂଳକ ଭୋଟର ତାଲିକା ପ୍ରସ୍ତୁତିରେ ସହଯୋଗ କରିବାକୁ ଆହ୍ୱାନ କରାଯାଇଥିଲା।

# ଓଡିଶା ରକ୍ତଦାତା ସଂଘର ରାଜ୍ୟ ସଭାପତିଙ୍କ ଚାକିରୀରୁ ଅବସର ପରିପ୍ରେକ୍ଷୀରେ ରକ୍ତଦାନ ଶିବିର ଆୟୋଜିତ

ଜୟପୁର, ୦୬/୦୭ (ନି.ପ୍ର): ଓଡିଶା ରକ୍ତଦାତା ସଂଘ କୋରାପୁଟ ଶାଖା ତରଫରୁ ସିମିଳିଗୁଡା ପ୍ରେସ କ୍ଲବର ପଶ୍ଚାତ ଇ-ଲାଇବ୍ରେରୀ ଠାରେ ଓଡିଶା ରକ୍ତଦାତା ସଂଘର ରାଜ୍ୟ ସଭାପତିଙ୍କ ଚାକିରୀରୁ ଅବସର, ପରିପ୍ରେକ୍ଷୀରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ପ୍ରବଳ ବର୍ଷା ସତ୍ୱେ ୪୬ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ଏହି ଶିବିରକୁ ସଂଘର ଉପଦେଷ୍ଟା ଡକ୍ଟର ଚିତରଞ୍ଜନ ମିଶ୍ର ଓ ଏଫବିଡିଓର ରାଜ୍ଯ କାର୍ଯ୍ଯକାରୀ ସଭାପତି ଡକ୍ଟର ନରେଶ ଚନ୍ଦ୍ର ସାହୁ ଉଦଘାଟନ କରିଥିଲେ। ଏହାପରେ ନରେଶ ସାହୁଙ୍କୁ ସଂଘ ତରଫରୁ ଉପଢୌକନ ଓ ଫୁଲତୋଡା ଦେଇ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ସଂଘର ସାଧାରଣ ସମ୍ପାଦିକା ଶ୍ରୀମତୀ ସ୍ନିଗ୍ଧାରାଣୀ ମିଶ୍ର, ଉପଦେଷ୍ଟା ଡକ୍ଟର ଚିତରଞ୍ଜନ ମିଶ୍ର, ସଭାପତି ବିଜୟ ସାହୁ ଅଭିଭାଷଣ ପ୍ରଦାନ କରି ରକ୍ତଦାନ କ୍ଷେତ୍ରରେ ଡକ୍ଟର ସାହୁଙ୍କ ଭୂମିକା ବର୍ଣ୍ଣନା କରିଥିଲେ। ଏହାପରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଦୁଇଟି ଦମ୍ପତିଙ୍କ ସହ ତିନୋଟି ପରିବାରର ସବୁ ସଦସ୍ଯ ରକ୍ତଦାନ କରିଥିଲେ। ଲଗାଣ ବର୍ଷା ସତ୍ୱେ କୋରାପୁଟ, ଦାମନଯୋଡି, ସୁନାବେଡାରୁ ଆସି ଲୋକ ରକ୍ତଦାନ କରିଥିଲେ। ପ୍ରଥମ ରକ୍ତଦାତା ଭାବେ ଅମିତ୍ ଅଗ୍ରୱାଲ ସସ୍ତ୍ରୀକ ଏବଂ ତାଙ୍କ ପରିବାରରୁ ଛଅ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ ଓ ସେହିଭଳି ଆନନ୍ଦ ମଉଳି ପଟନାୟକ ଶେଷ ରକ୍ତଦାତା ଭାବେ ରକ୍ତଦାନ କରିଥିଲେ।
ଶିବିରରେ ଦୀକ୍ଷା, ଅମିତ, ବିକି, ଚୈତନ୍ୟ, ଆଶୀଷ, ବିମଲ, ନାରାୟଣ, ସରୋଜ, କେଦାର, ରଣପ୍ରୀତ, ରାଜଶ୍ରୀ, ସୁନୀଲ୍, ସଂଜୟ, ଶିବ, ସୂଜୀତ, ସୁନୀଲ, ଉମାକାନ୍ତ, ବୁଦା, ସୁକାନ୍ତି, ରଘୁନାଥ, ଚନ୍ଦନ, ରୀତାଞ୍ଜଳୀ, ଶାନ୍ତନୁ ନାୟକ, ହରେକୃଷ୍ଣ, ସୀମାଚଂଳ, ଶଶିକାନ୍ତ, ସୁଧାଂଶୁ, ରମେଶ, ମଂଟୁ, ବିକାଶ, ଜୀତେନ୍ଦ୍ର ସାହୁ, ମଦନ, ଦିବ୍ଯାଂଶୀ, ହୃଦାନନ୍ଦ, ଦିବ୍ଯ, ସୌଦାମିନୀ, ସତ୍ଯ, ଶ୍ରୀକାନ୍ତ, ଇଶ୍ୱର, ପ୍ରତିମା ଦେଇ, ହୃଷିକେଶ, ଆନନ୍ଦ, ଭାଗୁ, ଶଙ୍କର, ଦୀପକ, ଅଂଜନ ରକ୍ତଦାନ କରି ଜୀବନଦାତା ସାଜିଥିଲେ।ଅନ୍ୟମାନଙ୍କ ମଧ୍ୟରେ ସଂଘର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ତ୍ରିପାଠୀ, ଉପଦେଷ୍ଟା ଅଜୟ କୁମାର ସାହୁ, ଉପସଭାପତି ଜୟ ବାଡତ୍ୟା, ସଂଗଠନ ସଂପାଦକ ଆନନ୍ଦ ମୌଳି ପଟ୍ଟନାୟକ, କୋଷାଧକ୍ଷ ଗଣେଶ ସାହୁ, ଯୁଗ୍ମ ସଂପାଦକ ସ୍ୱସ୍ତିକ ମିଶ୍ର, ସଦସ୍ଯ ଜ୍ୟୋସ୍ନା ବାଡତ୍ୟା, ଆଶା ଶର୍ମା ଯୋଗଦେଇ ଥିଲେ। ଶିବଶକ୍ତି ବଣିକ ସଂଘର ସଭାପତି ଏମ୍.ଭି.ରମେଶଙ୍କୁ ସଂଘର ନୂତନ ସଦସ୍ଯ ଭାବରେ ଗ୍ରହଣ କରାଯାଇଥିଲା। ଗୋବିନ୍ଦ ବଲ୍ଲଭ ପାଢୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଓ ଅଜୟ ସାହୁଙ୍କୁ ଜନ୍ମ ଦିନ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। କୋରାପୁଟ ଶହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ରକ୍ତ କେନ୍ଦ୍ରର ଡାକ୍ତର ମଧୁସୂଦନ ବଳିୟାରସିଂହ ଓ କର୍ମଚାରୀ ଭି.ଗଂଗାଧର, କୈବଲ୍ୟ ଦାଶ,ଅଜିତ ଗୌଡ, ରବୀନ୍ଦ୍ର ମିଶ୍ର ରକ୍ତ ସଂଗ୍ରହ କରିଥିଲେ। ପ୍ରବଳ ବର୍ଷାରେ ମଧ ସମସ୍ତଙ୍କର ସହଯୋଗ ପାଇଁ ସଂପାଦିକା ଶ୍ରୀମତୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ ମହୋତ୍ସବ ଅବସରରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ବୃକ୍ଷରୋପଣ ଅଭିଯାନ

ଝାରସୁଗୁଡା, ୦୬/୦୭ (ନି.ପ୍ର): ପରିବେଶ ସୁରକ୍ଷା ଏବଂ ସବୁଜ ବସୁଧା ଗଠନର ବାର୍ତାକୁ ଜନସାଧାରଣଙ୍କ ନିକଟରେ ପହଂଚାଇବା ଉଦ୍ଦେଶ୍ୟରେ ବନ ମହୋତ୍ସବ ଅବସରରେ ରବିବାର ଝାରସୁଗୁଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଅମଲିପାଲିସ୍ଥିତ ଜୁଡ଼ିସିଆଲ ଅଫିସର କଲୋନୀ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଚାର ବିଭାଗର ବହୁ ଅଧିକାରୀ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ସେମାନେ ପରିବେଶ ସନ୍ତୁଳନ ରକ୍ଷା, ଜଳବାୟୁ ପରିବର୍ତନ ମୁକାବିଲା ଏବଂ ଅଧିକରୁ ଅଧିକ ବୃକ୍ଷରୋପଣର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତର ଅଶ୍ୱିନୀ କୁମାର ନାୟକ, ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସଦାଶିବ ଜେନା, ପୋକ୍ସୋ କୋର୍ଟ ବିଚାରପତି ପୂଜା ଷଡ଼ଙ୍ଗୀ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତି ରଞ୍ଜନ ମହାପାତ୍ର ଏବଂ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ଉପସ୍ଥିତ ଥିଲେ। ଏହାସହ ବରିଷ୍ଠ ଦେୱାନି ବିଚାରପତି ଡ. ସନ୍ଧ୍ୟା ରଥ, ସିଭିଲ କୋର୍ଟ ରେଜିଷ୍ଟ୍ରାର ସ୍ୱର୍ଣ୍ଣଲତା ନାୟକ, ମହିଳା ନ୍ୟାୟାଳୟ ବିଚାରପତି ପ୍ରତ୍ୟୁଷା କିରଣ, କନିଷ୍ଠ ଦେୱାନି ବିଚାରପତି ମୋନାଲିସା ପ୍ରଧାନ, ଏସ୍.ଡି.ଜେ.ଏମ୍ ଡ. ବିଶ୍ୱଭୂଷଣ ନାୟକ ଏବଂ ଜେ.ଏମ୍.ଏଫ୍.ସି. ନର୍ମଦା ପ୍ରଧାନ ମଧ ବୃକ୍ଷରୋପଣରେ ସାମିଲ ହୋଇଥିଲେ।ଜିଲ୍ଲା ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ପ୍ରଜାତିର ଚାରା ଯୋଗାଇ ଦିଆଯାଇଥିବା ବେଳେ ସହକାରୀ ବନ ସଂରକ୍ଷକ ଜ୍ଞାନେନ୍ଦ୍ର ଲିମା ବୃକ୍ଷରୋପଣ ପ୍ରକ୍ରିୟାର ତଦାରଖ କରିଥିଲେ। ଜିଲ୍ଲା କୋର୍ଟର କର୍ମଚାରୀ, ପ୍ୟାନେଲ ଓକିଲ, ପାରା ଲିଗାଲ ସ୍ୱେଚ୍ଛାସେବୀ ଏବଂ ପ୍ରାଧିକରଣର କର୍ମଚାରୀମାନେ ବହୁ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।ଅଦାଲତ ପରିସରକୁ ସବୁଜ ଓ ପରିବେଶ ଅନୁକୂଳ କରିବା ଦିଗରେ ଏହି ପଦକ୍ଷେପକୁ ସ୍ଥାନୀୟ ଅଂଚଳରେ ପ୍ରଶଂସା କରାଯାଉଛି।

# ମାଡ଼ି ଆସୁଛି ସମୁଦ୍ର: ସଂକଟରେ ପୋଡ଼ମପେଟା ଓ ଆଖପାଖ ଗ୍ରାମ

ଗଞ୍ଜାମ, ୦୬/୦୭ (ନି.ପ୍ର): ଗଞ୍ଜାମ ଛତ୍ରପୁର ନିକଟସ୍ଥ ପୋଡ଼ମପେଟା ଗାଁରେ କୂଳ ଲଙ୍ଘୁଛି ସମୁଦ୍ର। ଆଗକୁ ଆଗକୁ ମାଡି ଆସୁଛି ସମୁଦ୍ର ପାଣି। ଏପରି ସ୍ଥିତିରେ ଭୟଭୀତ ଅବସ୍ଥାରେ ରହିଛନ୍ତି ଆଖପାଖ ୧୬ ଖଣ୍ଡ ଗ୍ରାମର ଗ୍ରାମବାସୀ। ସେପଟେ ଏନେଇ ୭ଟି ଗାଁର ଲୋକ ଗଞ୍ଜାମ ଜିଲ୍ଲାପାଳଙ୍କ ସହ ସ୍ଥାୟୀ ସମାଧାନ ନେଇ ଆଲୋଚନା କରିଛନ୍ତି।

# ଅପହୃତା ନାବାଳିକା ଉଦ୍ଧାର ଘଟଣା : ଝିଅକୁ ନ୍ୟାୟ ଦାବିରେ ପରିବାର ଓ ପଡୋଶୀ ଥାନା ଆଗରେ ଧାରଣା

ଧର୍ମଶାଳା, ୦୬/୦୭ (ନି.ପ୍ର): ଯାଜପୁର ସଦର ଥାନା ଅଂଚଳରୁ ଶୁକ୍ରବାର ବିଳମ୍ବିତ ରାତିରେ ସାନକୁଝାଲା (ବରୁଆଁ) ଗ୍ରାମରୁ ଅପହରଣ ହୋଇଥିବା ନାବଳିକା ଉଦ୍ଧାର ହୋଇଛି । ନାବାଳିକା ଜଣକ ଶନିବାର ରାତିରେ ବ୍ରହ୍ମବରଦା ଥାନାରେ ପଂହଚି ଥିଲା । ସେଠାରେ ପୁଲିସ ସଦର ଥାନାକୁ ଖବର ଦେଇଥିଲେ । ନାବାଳିକା ଜଣକ ଘର ବ୍ରହ୍ମବରଦା ଥାନାରୁ ମାତ୍ର ଅଧ କିମି ଦୂରରେ । ସଦର ପୁଲିସ ବ୍ରହ୍ମବରଦା ଥାନରେ ପଂହଚି ନାବାଳିକାର ପରିବାରକୁ ନ ଜଣାଇ ଅତି ତରବାରିଆଭାବେ ଗାଡିରେ ନେଇ ଯାଇଥିଲେ । ବିଶ୍ୱସ୍ତ ସୂତ୍ରରୁ ପରିବାର ଲୋକେ ଖବର ପାଇ ବାପା ମାଆ ଦୁହେଁ ସଦର ଥାନାରେ ପଂହଚି ଥିଲେ । ସେଠାରେ ଝିଅକୁ ଭେଟ କରାଇ ଦେଇ ନ ଥିଲେ । ତେବେ ସେମାନେ ଜୋରଜବରସ୍ତ ଭୋଟ କରିବାକୁ ଯିବା ସମ୍ବରେ ପୁଲିସ ସେମାନଙ୍କୁ ପ୍ରତିରୋଧ କରିବା ସହିତ ନାବାଳିକାଙ୍କୁ ଯାଜପୁର ସ୍ୱଧାର ଗୃହକୁ ନେଇ ଯାଇଥିଲେ । ସେମାନେ ନିରାଶ ହୋଇ ଘରକୁ ଫେରି ଆସିଥିଲେ । ଝିଅକୁ କିଏ ଥାନାରେ ଛାଡିଲା । ଝିଅ ଏକୁଟିଆ ଆସିଲା ନା ତାକୁ କିଏ ଆଣି ଏଠି ଛାଡିଲା । ଯାହାକୁ ନେଇ ଆଜି ପରିବାର ଓ ଶତାଧିକ ସାହି ପଡିଶା ଲୋକେ ଅପରାହ୍ନରେ ସଦର ଥାନାରେ ପଂହଚି ଥିଲେ । ସେଠାରେ ଝିଅକୁ ଭେଟ ନ କରାଇ ଦେବାର କାରଣ ଓ ଅପହରଣକାରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆ ନ ଗଲା ଏନେଇ ପୁଲିସ ନିକଟରେ ଦାବି କରି ଧରଣାରେ ବସି ପ୍ରତିବାଦ ଥିଲେ । ପୁଲିସ ପକ୍ଷରୁ ବହୁ ବୁଝାଶୁଝା କରାଯାଇଥିଲେ ମଧ ସେମାନେ ପାଖାପାଖି ୧ଘଂଟାରୁ ଉର୍ଦ୍ଧ ସମୟ ଥାନା ଆଗରେ ଧାରଣାରେ ବସିଥିଲେ । ନିୟମ ଅନୁଯାୟୀ ସ୍ୱଧାର ଗୃହରେ ଝିଅ ଅଛି, ସୋମାବର ଦିନ ଝିଅର ରେକର୍ଡ ବୟାନ କରାଯିବା ପରେ ଝିଅକୁ ଛାଡି ଦିଆଯିବ ଓ ଅପହରଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ଯିବ ବୋଲି ଥାନା ଅଧିକାରିଣୀ ଚିନ୍ମୟୀ ବେହେରା ପରିବାର ଲୋକଙ୍କ ସହ ଆଲୋଚନା ପରେ ଧାରଣାରୁ ଉଠି ଥିଲେ ।
ସୂଚନା ଥାଉକି,ବ୍ରହ୍ମବରଦା ଥାନା ଅନ୍ତର୍ଗତ ଆଜାଦ ନଗର ଗ୍ରାମର ଜନୈକା ନାବାଳିକା ସଦର ଥାନା ସାନ କୁଝାଳାସ୍ଥିତ ମାମୁଁ ଘରେ ରହି ଆସୁଥିଲେ । ଶୁକ୍ରବାର ବିଳମ୍ବିତ ରାତିରେ ବ୍ରହ୍ମବରଦା ପଂଚାୟତ ଚାରିଗାରପୁର ଗ୍ରାମର ଚିତ ରଂଜନ ରାଉତଙ୍କ ପୁଅ ଶୁଭମ୍ ସ୍ନେହାଶିଷ ଓରଫ ବଂଟି ୪ରୁ୫ଜଣ ସହଯୋଗୀଙ୍କ ସହ ନାବାଳିକାକୁ ଅପହରଣ କରି ନେଇ ଯାଇ ଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହେବା ସହିତ ଏହି ଘଟଣାକୁ ନେଇ ନାବାଳିକାର ମା'ଆ ତାରିଖ ଦିନ ସଦର ଥାନାରେ ବଂଟିଙ୍କ ନାମରେ ଏତଲା ଦେଇଥିଲେ । ପୁଲିସ କେସ୍ ନଂ ୨୩୨।୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇ ଥିଲା । ତୁରନ୍ତ ନ୍ୟୟ ନ ମିଳିଲେ ଥାନାରେ ଆଗରେ ପୁଣି ଧାରଣା ବସିବେ ବୋଲି ପରିବାର ପକ୍ଷରୁ ଚେତବାନୀ ଦିଆଯାଇଛି ।

# ଗାଲେରି ଦଣ୍ଡକାଳୀ ମନ୍ଦିରରୁ ଚୋରି

ଗଂଜାମ, ୦୬/୦୭ (ନି.ପ୍ର): ଭଂଜନଗର ନିକଟସ୍ଥ ତଥା ତାରାସିଂଗି ଦଣ୍ଡ କାଳୀମନ୍ଦିରରୁ ପ୍ରବଳବର୍ଷାର ସୁଯୋଗ ନେଇ ରାତିରେ ଚାରୋଟି ଦ୍ୱାର କବାଟ ଭାଂଗି ବିପୁଳ ପରିମାଣରେ ସୁନା ଟଂକା ରୂପା ଚୋର ମାନେ ଚୋରୀ କରିନେଇଛନ୍ତି। କାଳୀ ମାଙ୍କର ସୁନାକିରଟି,ହାର ମାଳି ଚେନ, ରୂପାର ଜିଭ ଓ ଆଖି ଲୁଟି ନେବା ସହ ଗଡରେଜ ଆଲମିରା ଭାଂଗି ନଗଦ ପ୍ରାୟ ଦୁଇଲକ୍ଷ ୨୨ହଜାର ଟଂକା,ସହ ମନ୍ଦିରରୁ ସୁନା ଅଳଙ୍କାର ୪୦୦ଗ୍ରାମ ଓ ରୂପାଅଳକାଂର ୧୧କେଜି ଲୁଟି ନେଇଛନ୍ତି। ସିସିଟିଭି ଭାଂଗି ମନ୍ଦିରରୁ ପ୍ରାୟ ଏକକୋଟିରୁ ଉର୍ଦ୍ଧ ଟଂକାର ସଂତ୍ତି ଚୋରି ହୋଇଥିବା ଅଭିଯୋଗ ହୋଇଛି । ତାରାସିଂଗି ଓ ଭଂଜନଗର ଥାନା ପୋଲିସ ଘଟଣାସ୍ଥଳକୁ ଯାଇ ଘଟଣାର ତଦନ୍ତ କରୁଛି ।

# କୋରାପୁଟରେ ନିଶାମୁକ୍ତ ଗ୍ରାମ ଅଭିଯାନ: ନିଶା ଛାଡ଼ନ୍ତୁ, ପରିବାର ବଂଚାନ୍ତୁ

ଜୟପୁର, ୦୬/୦୭ (ନି.ପ୍ର): କୋରାପୁଟ ଜିଲ୍ଲା କୁନ୍ଦ୍ରା ବ୍ଲକର ଫୁପୁଗାଁ ଓ ଲିମା ଗ୍ରାମରେ ଜୟପୁର ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବେଆଇନ ମଦ, ମାଦକଦ୍ରବ୍ୟ ଏବଂ ଅନ୍ୟାନ୍ୟ ନିଶାଦ୍ରବ୍ୟ ବିରୋଧରେ ଏକ ସଚେତନତା ସହ ପ୍ରବର୍ତ୍ତନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଫୁପୁଗାଁ ଓ ଲିମା ଗ୍ରାମପଂଚାୟତ କାର୍ଯ୍ୟାଳୟରେ ସଭା ଅନୁଷ୍ଠିତ ହେବା ସହ ମାଇକ୍ ଯୋଗେ ସଚେତନତା ପ୍ରଚାର ମଧ୍ୟ କରାଯାଇଥିଲା।
ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା ଅବକାରୀ ଅଧୀକ୍ଷକ, କୁନ୍ଦ୍ରା ବିଡିଓ, କୁନ୍ଦ୍ରା ଅତିରିକ୍ତ ତହସିଲଦାର, କୁନ୍ଦ୍ରା ଥାନା ଅଧିକାରୀ, ନନ୍ଦପୁର ଅବକାରୀ ନିରୀକ୍ଷକ, ଫୁପୁଗାଁ ଓ ଲିମା ଗ୍ରାମପଂଚାୟତର ସରପଂଚ, କୁନ୍ଦ୍ରା ବ୍ଲକ ଉପାଧ୍ୟକ୍ଷ, ପଂଚାୟତିରାଜ ପ୍ରତିନିଧି, ଅବକାରୀ ବିଭାଗ, ରାଜସ୍ୱ ବିଭାଗ, ବ୍ଲକ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟାନ୍ୟ ସରକାରୀ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବେଆଇନ ମଦ, ମାଦକଦ୍ରବ୍ୟ, ସାଇକୋଟ୍ରୋପିକ ପଦାର୍ଥ, ତମାଖୁ ଏବଂ ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନର କ୍ଷତିକାରକ ପ୍ରଭାବ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ନିଶାସେବନ ଯୋଗୁଁ ସ୍ୱାସ୍ଥ୍ୟ, ପରିବାର, ସମାଜ ଏବଂ ଅର୍ଥନୈତିକ କ୍ଷେତ୍ରରେ ହେଉଥିବା କୁପ୍ରଭାବ ବିଷୟରେ ବିସ୍ତୃତ ଭାବେ ଅବଗତ କରାଯିବା ସହ ସମସ୍ତ ପ୍ରକାରର ନିଶାଠାରୁ ଦୂରେଇ ଏକ ସୁସ୍ଥ ଓ ନିଶାମୁକ୍ତ ଜୀବନ ଗଢ଼ିବାକୁ ଆହ୍ୱାନ କରାଯାଇଥିଲା। ସମାଜକୁ ନିଶାମୁକ୍ତ କରିବା ଏବଂ ବେଆଇନ ମଦ ଓ ମାଦକଦ୍ରବ୍ୟ ବିରୋଧରେ ସରକାରଙ୍କ ଅଭିଯାନକୁ ସଫଳ କରିବା ପାଇଁ ସାଧାରଣ ଲୋକଙ୍କୁ ସକ୍ରିୟ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା। ଏହାସହ ପ୍ରବର୍ତ୍ତନମୂଳକ କାର୍ଯ୍ୟକ୍ରମ ଅନ୍ତର୍ଗତ ଉକ୍ତ ଗ୍ରାମଗୁଡ଼ିକରେ ବେଆଇନ ମଦ ଏବଂ ଅନ୍ୟାନ୍ୟ ନିଷିଦ୍ଧ ନିଶାଦ୍ରବ୍ୟର ଅବୈଧ ପ୍ରସ୍ତୁତି, ଗଚ୍ଛିତକରଣ, ପରିବହନ ଓ ବିକ୍ରିକୁ ରୋକିବା ପାଇଁ ଯାଂଚ ଓ ତଦାରଖ କରାଯାଇଥିଲା। ଉପଖଣ୍ଡ ପ୍ରଶାସନ ପକ୍ଷରୁ ଆଗାମୀ ଦିନରେ ମଧ୍ୟ ଉପଖଣ୍ଡର ବିଭିନ୍ନ ଅଂଚଳରେ ଏଭଳି ସଚେତନତା ସହ ପ୍ରବର୍ତ୍ତନମୂଳକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ପୁନର୍ବ୍ୟକ୍ତ କରାଯାଇଥିଲା।

# ଜୟପୁର ନିର୍ବାଚନ ମଣ୍ଡଳିରେ ଯାଂଚ୍ ପରେ ୧୪ ହଜାର ୭ ଶହ ୩୧ ଭୋଟରଙ୍କୁ ବାଦ୍

ଜୟପୁର, ୦୬/୦୭ (ନି.ପ୍ର): ଜୟପୁର ନିର୍ବାଚନ ମଣ୍ଡଳିର ଚିଠା ଭୋଟର ତାଲିକା ପ୍ରକାଶିତ ହୋଇଛି । ଜୟପୁର ଉପ ଜିଲାପାଳ ଙ୍କ କାଯ୍ୟାଳୟରେ ତାଲିକା ପ୍ରକାଶିତ ହୋଇଛି । ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟ ।ଳୟର ସସ୍ମିତା କୁମାରି ଜେନା, ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଡ କଲେକ୍ଟର ବାଲାଜି ପ୍ରସାଦ ବ୍ରହ୍ମା, ସାନିଆ ନାୟକ. ସେକ୍ସନ ଅଫିସର ମନୋଜ ବାରିକ, କର୍ମଚାରି ବିଭିନ୍ନ ରାଜନୈତିକ ଦଳର ସଦସ୍ୟ ମାନେ ଉପସ୍ଥିତ ଥିଲେ । ଆଗରୁ ୨ ଲକ୍ଷ ୮ ହଜାର ୨୧ ଜଣ ଭୋଟର ଥିବାବେଳେ ଏସଆଇଆରରେ ୧ ଲକ୍ଷ ୯୩ ହଜାର ୨୯୦ ଜଣ ଭୋଟର ରହିଛନ୍ତି । ଯାଂଚ୍ ପରେ ମୋଟ୍ ୧୪ ହଜାର ୭୩୧ ଜଣ ବାଦ୍ ଦିଆଯାଇଛି । ସେଥିମଧ୍ୟରୁ ଆଗରୁ ପୁରୁଷ ୧ ଲକ୍ଷ ୫୨୪ ଜଣ ଭୋଟର ରହିଥିବା ବେଳେ ବର୍ତ୍ତମାନ ୯୪ ହଜାର ୧୦ ଜଣ ରହିଛନ୍ତି । ଯାଂଚ୍ ପରେ ୬ ହଜାର ୫୧୪ ଜଣ ଭୋଟରଙ୍କୁ ବାଦ୍ ଦିଆଯାଇଛି । ସେହିପରି ଆଗରୁ ମହିଳା ଭୋଟର ୧ ଲକ୍ଷ ୭ ହଜାର ୪୬୪ ଜଣ ରହିଥିବା ବେଳେ ବର୍ତ୍ତମାନ ୯୯ ହଜାର ୨୫୧ ଜଣ ରହିଛନ୍ତି । ଯାଂଚ୍ ପରେ ୮ ହଜାର ୨୧୩ ଜଣ ଭୋଟରଙ୍କୁ ବାଦ୍ ଦିଆଯାଇଛି । ତୃତିୟ ଲିଙ୍ଗ ୩୩ ଜଣ ଆଗରୁ ରହିଥିବା ବେଳେ ବର୍ତ୍ତମାନ ୨୯ ଜଣ ରହିଛନ୍ତି । ଯାଂଚ୍ ପରେ ୪ ଜଣ ଭୋଟରଙ୍କୁ ବାଦ୍ ଦିଆଯାଇଛି । ଏହା ସହ ଜୟପୁର ନିବାଚନ ମଣ୍ଡଳିରେ ଆଗରୁ ୨୪୧ଟି ବୁଥ ଥିବା ବେଳେ ବର୍ତ୍ତମାନ ଏହା ୫୧ଟି ବୁଥ ବୃଦ୍ଧି ପାଇ ୨୯୨ ରେ ପହଂଚିଛି । ୧୪ ହଜାର ୭୩୧ ଜଣ ଭୋଟରଙ୍କୁ ବାଦ୍ ଦିଆଯାଇଥିବା ବେଳେ ଯେଉଁ ମାନଙ୍କର ଭୋଟର ତାଲିକାରେ ନାହିଁ ସେମାନେ ୨ ମାସ ଭିତରେ ଅପିଲ କରିବାକୁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି । ୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଗ୍ରହଣ କରି ପ୍ରକାଶିତ ଏହି ଚିଠା ଭୋଟର ତାଲିକା, ଭାରତ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସ୍ୱଚ୍ଛ, ସଠିକ୍ ଓ ଅନ୍ତର୍ଭୁକ୍ତିମୂଳକ ଭୋଟର ତାଲିକା ପ୍ରସ୍ତୁତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ଘରକୁ ଘର ଯାଇ ଯାଂଚ୍ କରାଯାଇଥିବା ବେଳେ ବିଭିନ୍ନ ରାଜନୈତିକ ଦଳର ବୁଥ୍ ସ୍ତରୀୟ ଏଜେଣ୍ଟ ମାନେ ସକ୍ରିୟ ସହଯୋଗ କରିଥିଲେ। ପ୍ରକାଶିତ ଚିଠା ଭୋଟର ତାଲିକା ବର୍ତମାନ ସାଧାରଣ ଲୋକଙ୍କ ଅବଲୋକନ ପାଇଁ ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ , ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ସମସ୍ତ ମତଦାନ କେନ୍ଦ୍ରରେ ଉପଲବ୍ଧ ଥିବା ସହ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ୱେବସାଇଟ୍ରେ ମଧ ଉପଲବ୍ଧ ରହିଛି। ଅନୁପସ୍ଥିତ, ସ୍ଥାନାନ୍ତରିତ, ଦ୍ୱୈତ ନାମ ଓ ମୃତ ଆଦି କାରଣରୁ ଏହି ବିଲୋପ କରାଯାଇଛି। ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ୫ ଜୁଲାଇ ୨୦୨୬ରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତି ଆବେଦନ ଗ୍ରହଣ କରାଯିବ। ଏହି ସମୟ ମଧ୍ୟରେ ଯୋଗ୍ୟ ନାଗରିକମାନେ ନିଜ ନାମ ସାମିଲ କରିବା, ସଂଶୋଧନ କରିବା କିମ୍ବା ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ବିଲୋପ ପାଇଁ ଆପତି ଦାଖଲ କରିପାରିବେ। ସମସ୍ତ ଭୋଟରଙ୍କୁ ଚିଠା ଭୋଟର ତାଲିକାରେ ନିଜର ନାମ ଓ ବିବରଣୀ ଯାଂଚ୍ କରିବା ସହ ଦାବି ଓ ଆପତି ପ୍ରକ୍ରିୟାରେ ସକ୍ରିୟ ଭାଗ ନେବାକୁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଥିଲା । ଦାବି ଓ ଆପତି ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ବିଡିଓ/ତହସିଲଦାର/ ସହରାଚଂଳ ସ୍ଥାନୀୟ ନିକାୟର କାର୍ଯ୍ୟନିର୍ବାହୀ ଅଧିକାରୀ) କିମ୍ବା ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ଦାଖଲ କରାଯାଇପାରିବ।

# କୋରାପୁଟ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ - ୨୦୨୬ ଅନ୍ତର୍ଗତ ଚିଠା ଭୋଟର ତାଲିକା ପ୍ରକାଶିତ

ଜୟପୁର, ୦୬/୦୭ (ନି.ପ୍ର): ସ୍ୱତନ୍ତ୍ର ସଘନ ସଂଶୋଧନ ଏସ ଆଇ ଆର ୨୦୨୬ ଅନ୍ତର୍ଗତ ଚିଠା ଭୋଟର ତାଲିକା ଆଜି କୋରାପୁଟ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମନୋଜ ସତ୍ୟବାନ ମହାଜନଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ପ୍ରକାଶ କରାଯାଇଛି। ଏହି ଅବସରରେ କୋରାପୁଟ ବିଧାନସଭା କ୍ଷେତ୍ରର ବିଧାୟକ, ବିଭିନ୍ନ ରାଜନୈତିକ ଦଳର ଅଧିକୃତ ପ୍ରତିନିଧି ଭାବେ ପୂର୍ବତନ ସାଂସଦ ଓ ପୂର୍ବତନ ବିଧାୟକମାନେ, ସ୍ୱୀକୃତିପ୍ରାପ୍ତ ଜାତୀୟ ଓ ରାଜ୍ୟସ୍ତରୀୟ ରାଜନୈତିକ ଦଳର ଜିଲ୍ଲା ସଭାପତି ଓ ସମ୍ପାଦକ କିମ୍ବା ସେମାନଙ୍କ ପ୍ରତିନିଧି, ଜିଲ୍ଲାର ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଉପଜିଲ୍ଲାପାଳ (ନିର୍ବାଚନ) ପ୍ରମୁଖ ଉପସ୍ଥିତ ଥିଲେ। ୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଗ୍ରହଣ କରି ପ୍ରକାଶିତ ଏହି ଚିଠା ଭୋଟର ତାଲିକା, ଭାରତ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସ୍ୱଚ୍ଛ, ସଠିକ୍ ଓ ଅନ୍ତର୍ଭୁକ୍ତିମୂଳକ ଭୋଟର ତାଲିକା ପ୍ରସ୍ତୁତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ଘରକୁ ଘର ଯାଇ ଯାଂଚ୍ କରାଯାଇଥିବା ବେଳେ ବିଭିନ୍ନ ରାଜନୈତିକ ଦଳର ବୁଥ୍ ସ୍ତରୀୟ ଏଜେଣ୍ଟ ମାନେ ସକ୍ରିୟ ସହଯୋଗ କରିଥିଲେ। ପ୍ରକାଶିତ ଚିଠା ଭୋଟର ତାଲିକା ବର୍ତମାନ ସାଧାରଣ ଲୋକଙ୍କ ଅବଲୋକନ ପାଇଁ ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ସମସ୍ତ ମତଦାନ କେନ୍ଦ୍ରରେ ଉପଲବ୍ଧ ଥିବା ସହ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ୱେବସାଇଟ୍ ରେ ମଧ ଉପଲବ୍ଧ ରହିଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୂଚନା ଦେଇଥିଲେ ଯେ, ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ଜିଲ୍ଲାର ମୋଟ ୯,୬୬,୪୨୪ ଜଣ ଭୋଟରଙ୍କ ମଧ୍ୟରୁ ଯାଂଚ୍ ପରେ ୬୨,୨୯୦ ଜଣଙ୍କ ନାମ ବାଦ୍ ଦିଆଯାଇଛି। ଅନୁପସ୍ଥିତ, ସ୍ଥାନାନ୍ତରିତ, ଦ୍ୱୈତ ନାମ ଓ ମୃତ ଆଦି କାରଣରୁ ଏହି ବିଲୋପ କରାଯାଇଛି। ଫଳସ୍ୱରୂପ କୋରାପୁଟ ଜିଲ୍ଲାର ପାଂଚଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରକାଶିତ ଚିଠା ଭୋଟର ତାଲିକାରେ ବର୍ତମାନ ମୋଟ୍ ୯,୦୪,୧୩୪ ଜଣ ଭୋଟର ଅନ୍ତର୍ଭୁକ୍ତ ଅଛନ୍ତି।

# ଶବବାହକ ଗାଡ଼ି ଅଭାବର କରୁଣ ଚିତ୍ର : ବାଇକ୍‌ରେ ପତ୍ନୀଙ୍କ ମୃତଦେହ ନେଲେ ସ୍ୱାମୀ

ଝାରସୁଗୁଡା, ୦୬/୦୭ (ନି.ପ୍ର): ରାଜ୍ୟ ସରକାର ଗ୍ରାମାଚଂଳରେ ସ୍ୱାସ୍ଥ୍ୟସେବାର ଉନ୍ନତି ନେଇ ବିଭିନ୍ନ ଦାବି କରୁଥିବା ବେଳେ ଝାରସୁଗୁଡ଼ା ଜିଲ୍ଲାର ଲଇକେରା ବ୍ଲକରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଶବବାହକ ଗାଡ଼ି ନ ମିଳିବାରୁ ଜଣେ ଅସହାୟ ସ୍ୱାମୀଙ୍କୁ ନିଜ ପତ୍ନୀଙ୍କ ମୃତଦେହକୁ ବାଇକ୍ ରେ ବାନ୍ଧି ଘରକୁ ନେବାକୁ ପଡ଼ିଥିବା ଘଟଣା ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ସୂଚନା ଅନୁଯାୟୀ, ଲଇକେରା ବ୍ଲକ ଭାତଲଇଡ଼ା ପଂଚାୟତର ଓଡ଼ିଆପାଲି ଗ୍ରାମର ନରେଶ ଛତ୍ରିଆଙ୍କ ପତ୍ନୀ ଯମୁନା ଛତ୍ରିଆ ଶନିବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ମୁଦ୍ରାଜୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ଅନୁଯାୟୀ, ମୃତଦେହକୁ ଗ୍ରାମକୁ ନେବା ପାଇଁ ହସ୍ପିଟାଲ ପକ୍ଷରୁ କୌଣସି ଶବବାହକ ଗାଡ଼ି କିମ୍ବା ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇନଥିଲା। ଅନେକ ଅନୁରୋଧ ସତ୍ୱେ ସହାୟତା ନ ମିଳିବାରୁ ନରେଶ ଶେଷରେ ଜଣେ ପଡ଼ୋଶୀଙ୍କ ବାଇକ୍ ସାହାଯ୍ୟରେ ପତ୍ନୀଙ୍କ ମୃତଦେହକୁ କପଡ଼ାରେ ବାନ୍ଧି ନିଜ ଗ୍ରାମକୁ ଫେରିଥିଲେ। ନରେଶ ଛତ୍ରିଆ କହିଛନ୍ତି, “ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଅଧିକାରୀମାନଙ୍କୁ ବାରମ୍ବାର ଜଣାଇଥିଲି। କିନ୍ତୁ ମୃତଦେହ ନେବା ପାଇଁ କୌଣସି ଗାଡ଼ି ମିଳିଲା ନାହିଁ। ବାଧ୍ୟ ହୋଇ ମୋତେ ମୋଟରସାଇକେଲରେ ପତ୍ନୀଙ୍କ ମୃତଦେହ ଘରକୁ ଆଣିବାକୁ ପଡ଼ିଲା।” ଘଟଣା ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶକ୍ତି ପ୍ରସାଦ ପାଢ଼ୀ କହିଛନ୍ତି ଯେ, ମୁଦ୍ରାଜୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବବାହକ ଗାଡ଼ିର ବ୍ୟବସ୍ଥା ନାହିଁ। ଅନ୍ୟ ସ୍ଥାନରୁ ଗାଡ଼ି ଆଣିବାକୁ ଉଦ୍ୟମ ଚାଲିଥିବା ବେଳେ ମୃତକଙ୍କ ପରିବାର ପୋଷ୍ଟମର୍ଟମ ପାଇଁ ମନା କରି ଏକ ଅଣ୍ଡରଟେକିଂ ଦେଇ ନିଜ ବ୍ୟବସ୍ଥାରେ ଚାଲିଯାଇଥିଲେ। ତେବେ ସମଗ୍ର ଘଟଣାର ତଦନ୍ତ କରାଯିବ ଏବଂ ଅବହେଳା ପ୍ରମାଣିତ ହେଲେ ସମ୍ପୃକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।
ଏହି ଘଟଣାକୁ ନେଇ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳୀ ଦାସ କହିଛନ୍ତି ଯେ, ଏହା ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦୁର୍ବଳତାର ଏକ ସ୍ପଷ୍ଟ ଉଦାହରଣ। ଡିଏମଏଫ୍ ଓ ସିଏସଆର୍ ପାଣ୍ଠି ଉପଲବ୍ଧ ଥିଲେ ମଧ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ଶବବାହକ ଗାଡ଼ି ଯୋଗାଇ ନ ଦିଆଯିବା ଦୁର୍ଭାଗ୍ୟଜନକ ବୋଲି ସେ ମତ ପ୍ରକାଶ କରିଛନ୍ତି। ଘଟଣାଟି ସ୍ଥାନୀୟ ଅଂଚଳରେ ସରକାରୀ ସ୍ୱାସ୍ଥ୍ୟସେବାର ଭିତିଭୂମିକୁ ନେଇ ଗୁରୁତର ପ୍ରଶ୍ନ ସୃଷ୍ଟି କରିଥିବା ବେଳେ, ଆବଶ୍ୟକ ସେବାର ଅଭାବ ସାଧାରଣ ଲୋକଙ୍କ ଅସନ୍ତୋଷକୁ ଆହୁରି ବଢ଼ାଇ ଦେଇଛି।

# ବୈଶିଙ୍ଗାଠାରେ ଦମକଳ କେନ୍ଦ୍ରର ଆବଶ୍ୟକତାକୁ ନୂଆ ସରକାର ଗୁରୁତ୍ୱ ଦେବାକୁ ଜନସାଧାରଣଙ୍କ ଦାବି




ବୈଶିଙ୍ଗା, ୦୬/୭ (ନି.ପ୍ର): ବହୁ ବର୍ଷ ଧରି ବୈଶିଙ୍ଗା ଠାରେ ଏକ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ଅଞ୍ଚଳବାସୀ ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ଠାରେ ଦାବି କରିଆସୁଥିଲେ ମଧ କାହାରି ନିଦ ଭାଙ୍ଗୁନାହିଁ। ଆଜି ସିନା ସବୁଆଡ଼େ ପକ୍କା ଛାତ ଘର ହୋଇଯାଇଛି ମାତ୍ର ଯେତେବେଳେ ନଡ଼ା ଛପର, ଟାଇଲ, ଦିସ୍ତା ଘରେ ଯେତେବେଳେ ଘର ତିଆରି କରି ବସବାସ କରୁଥିଲେ ସେତେବେଳେ ଘର ପୋଡିର ଭୟାବହତା ଥିଲା ତାହା ନ ଦେଖିଲେ ଲୋକେ ବିଶ୍ୱାସ କରିପାରିବେ ନାହିଁ। ଏଭଳି ଲୋମ ହର୍ଷଣକାରୀ ଘଟଣା ଗଡଦେଉଳିଆ, ହୋତାପୁର, ଜାମନଣ୍ଡା, ବୈଶିଙ୍ଗା, ପାଟଳୀପୁରା ଗ୍ରାମରେ ପୂର୍ବରୁ ଘଟିଥିଲା ଯେଉଁଥିରେ କି ଗ୍ରାମର ଶହ ଶହ ଘର ଧ୍ୱଂସ ସ୍ତୁପରେ ପରିଣତ ହୋଇ ଯାଇଥିଲା। ସେତେବେଳେ ବାରିପଦା , ବାଲେଶ୍ୱର, ଜଳେଶ୍ୱର, ସୋର ଆଦି ସ୍ଥାନରୁ ଦମକଳ ଗାଡି ବୈଶିଙ୍ଗା ପହଞ୍ଚିବାକୁ ଦୁଇରୁ ତିନି ଘଣ୍ଟା ଲାଗୁଥିଲା, ଯାହା ପାଇଁ ଧନଜୀବନକୁ ରକ୍ଷା କରା ଯାଇ ପାରୁ ନଥିଲା। ସ୍ୱାଧୀନତା ପରଠାରୁ କେତେ ବିଧାୟକ, ମନ୍ତ୍ରୀ ବୈଶିଙ୍ଗା ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରିଥିଲେ ମଧ ଦମକଳ କେନ୍ଦ୍ର ସ୍ଥାପନ ପାଇଁ କାହାରି ଆଗ୍ରହ ନ ଥିବାର ପରିଲକ୍ଷିତ ହୋଇଥିଲା। ବୈଶିଙ୍ଗା ନିର୍ବାଚନ ମଣ୍ଡଳୀ ଥିବା ସମୟରେ ବୈଶିଙ୍ଗା ଠାରେ ବ୍ଲକ କାର୍ଯ୍ୟାଳୟ କାର୍ଯ୍ୟକାରୀ କରୁଛି ବୋଲି ସରକାରଙ୍କର ଦସ୍ତାବିଜ ରହିଛି। କେଉଁ କାରଣରୁ ବୈଶିଙ୍ଗା ଏବଂ ଏହାର ଆଖପାଖ ଅଞ୍ଚଳରେ ସଂଖ୍ୟାଧିକ ପଞ୍ଚାୟତ ଥିଲେ ମଧ ନିର୍ବାଚନ ମଣ୍ଡଳୀର ଉପାନ୍ତ ଅଞ୍ଚଳ ବେତନଟୀଠାରେ ବ୍ଲକ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ କରାଯିବା ସହିତ ଦମକଳ କେନ୍ଦ୍ର ସ୍ଥାପନ କରାଗଲା। ମାତ୍ର ଏହି ନିର୍ବାଚନ ମଣ୍ଡଳୀର ସୀମା ପୁରୁଣିଆ - ଅଁଳା ଠାରୁ ବେତନଟୀକୁ ୨୮/୩୦ କି.ମି. ପୁରୁଣିଆ ଗ୍ରାମ ପଞ୍ଚାୟତ ଠାରୁ ମଧ ୨୮ କିମି.. ଦୂର କାରଣରୁ ଦମକଳ କେନ୍ଦ୍ର ପହଞ୍ଚିବାରେ ବିଳମ୍ବ ହୁଏ । ଘରପୋଡ଼ି ବ୍ୟତୀତ ଦୁର୍ଘଟଣା, ବନ୍ୟା, ବାତ୍ୟା ଆଦି ଦୁର୍ବିପାକ ପାଇଁ ଦମକଳ ବାହିନୀ ଙ୍କ ସହଯୋଗ ନିତାନ୍ତ ଜରୁରୀ । ଏଥିପାଇଁ ପୂର୍ବରୁ ଥିବା ଏହି ଦାବିକୁ ବର୍ତ୍ତମାନ ବୁଦ୍ଧିଜୀବି ମହଲରେ ପୁନର୍ବାର ଦାବି ଜଣାଇଛନ୍ତି । ଆଗାମୀ ଦିନରେ ଏହି ଦାବିକୁ ବିଚାରକୁ ନିଆ ଯାଇ ନୂଆ ସରକାର ଏ ଦିଗରେ ଗୁରୁତ୍ୱ ଦେବେ ବୋଲି ଅଞ୍ଚଳବାସୀ ଦୃଢ ଭାବେ ଆଶା ବ୍ୟକ୍ତ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରାମ ମନ୍ଦିର ଦାନ...

ଦାନ ଅର୍ଥ ଚୋରି ହେବା ଅତ୍ୟନ୍ତ ଦୁଃଖଦ ଓ ନିନ୍ଦନୀୟ ଘଟଣା। ଏହି ଘଟଣାରେ ଯେଉଁମାନେ ଦୋଷୀ, ସେମାନଙ୍କୁ ସବୁଠାରୁ କଠୋର ଦଣ୍ଡ ମିଳିବା ଉଚିତ। ଏଥି ସହ ସେ କହିଛନ୍ତି ଯେ, କୋଟି କୋଟି ହିନ୍ଦୁଙ୍କ ଆସ୍ଥା ସହ ଜଡ଼ିତ ଏହି ପ୍ରସଙ୍ଗକୁ କେହି ରାଜନେ ?ତିକ ଲାଭ ପାଇଁ ବ୍ୟବହାର କରିବା ଉଚିତ ନୁହେଁ। ମହନ୍ତ ନୃତ୍ୟ ଗୋପାଳ ଦାସ କହିଛନ୍ତି, ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ତାଙ୍କର ପୂର୍ଣ୍ଣ ଭରସା ରହିଛି। ସେମାନେ ଏହି ଘଟଣାରେ ଜଡ଼ିତ ଯେକୌଣସି ଦୋଷୀଙ୍କ ବିରୋଧରେ ଉଚିତ ପଦକ୍ଷେପ ନେଇ ନ୍ୟାୟ ସୁନିଶ୍ଚିତ କରିବେ। ତାଙ୍କ କହିବା ଅନୁସାରେ, ଏହା କେବଳ ଆର୍ଥିକ ଅନିୟମିତତାର ପ୍ରସଙ୍ଗ ନୁହେଁ, ବରଂ କୋଟି କୋଟି ରାମଭକ୍ତଙ୍କ ଭାବାବେଗ ଓ ଆସ୍ଥା ସହ ଜଡ଼ିତ ଏକ ସମ୍ବେଦନଶୀଳ ବିଷୟ। ଏହି ବିବାଦ ଗତ ଜୁନ୍ ? ୭ରେ ଆରମ୍ଭ ହୋଇଥିଲା। ସେତେବେଳେ ପୂର୍ବତନ ସମାଜବାଦୀ ପାର୍ଟି ବିଧାୟକ ପବନ ପାଣ୍ଡେ ରାମମନ୍ଦିରର ଦାନ ଅର୍ଥ ଚୋରି ହୋଇଥିବା ଅଭିଯୋଗ କରିଥିଲେ। ଏହାପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ୮ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବାବେଳେ ସେମାନେ ଫୈଜାବାଦ ଜେଲରେ ଅଛନ୍ତି। ଘଟଣାର ତଦନ୍ତ ପାଇଁ ଗଠିତ ତିନି ସଦସ୍ୟ ବିଶିଷ୍ଟ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ତଦନ୍ତ ଜାରି ରଖିଛି। ଏହି ବିବାଦ ମଧ୍ୟରେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ଓ ଟ୍ରଷ୍ଟି ଅନିଲ ମିଶ୍ର ଅବହେଳା ଅଭିଯୋଗକୁ ନେଇ ନିଜ ନିଜ ପଦରୁ ଇସ୍ତଫା ଦେଇଥିଲେ। ଏହି ପ୍ରସଙ୍ଗ ସହ ଜଡ଼ିତ ଜରୁରୀ ବିଷୟ ଉପରେ ଆଲୋଚନା ଓ ଆବଶ୍ୟକ ନିଷ୍ପତ୍ତି ନେବା ପାଇଁ ଟ୍ରଷ୍ଟର ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଚମ୍ପତ ରାୟଙ୍କ ଇସ୍ତଫାକୁ ଗ୍ରହଣ କରାଯାଇ ପୂର୍ବତନ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ତଥା ବିଶ୍ୱହିନ୍ଦୁ ପରିଷଦର ଅନ୍ତର୍ଜାତୀୟ ସମ୍ପାଦକ ବଜରଙ୍ଗ ବାଗ୍ରାଙ୍କୁ ନିଯୁକ୍ତ କରାଯାଇଥିଲା। ଏଥି ସହ ଏସ୍ଆଇଟିର ଅନ୍ତରୀଣ ରିପୋର୍ଟ, ଭବିଷ୍ୟତରେ ମନ୍ଦିର ପରିଚାଳନା ବ୍ୟବସ୍ଥା, ଦାନ ଅର୍ଥ ପରିଚାଳନା ଏବଂ ୨୦୨୫-୨୬ ଆର୍ଥିକ ବର୍ଷର ଅଡିଟ୍ ହୋଇ ନ ଥିବା ଆୟ-ବ୍ୟୟ ବିବରଣୀ ସମେତ ଅନ୍ୟାନ୍ୟ ଜରୁରୀ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ, ମହନ୍ତ ନୃତ୍ୟଗୋପାଳ ଦାସ ବର୍ତ୍ତମାନ ଲକ୍ଷ୍ନୌର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିବାରୁ ତାଙ୍କ ଅନୁମତିକ୍ରମେ ଏହି ବୈଠକ ଆୟୋଜିତ ହୋଇଥିଲା।

### ଲଗାଣ ବର୍ଷା ପ୍ରଭାବରେ...

ସୁବର୍ଣ୍ଣପୁର ସହର ବୁଲି ଜଳବନ୍ଦୀ ସ୍ଥିତି ଓ ଡ୍ରେନ୍ ସମସ୍ୟାର ତଦାରଖ କରିଛନ୍ତି ଜିଲ୍ଲାପାଳ ନୃପରାଜ ସାହୁ । ବୌଦ୍ଧ ଜିଲ୍ଲାର ବିଭିନ୍ନ ସ୍ଥାନରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ରେଳ ଓଭର ବ୍ରିଜ ତଳେ ୪ ଫୁଟ୍ ପାଣି ଚାଲିବା ପରେ ଗୋଛାସାହି, ଢ଼ିପାସାହି, ଗୋଠସାହି ଆଦି ଗାଁ ପାଣିଘେରରେ ରହିଛି । ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ ଘରେ ପାଣି ପଶିଛି । କଟକର ବିଭିନ୍ନ ସ୍ଥାନରେ ପାଣି ଜମିଛି । ଗଞ୍ଜାମ ଜିଲ୍ଲାର ଭଞ୍ଜନଗର, କେନ୍ଦୁଝର ଜିଲ୍ଲାର ତେଲକୋଇ ଓ ଆନନ୍ଦପୁର ଆଦି ଅଞ୍ଚଳରେ ବନ୍ୟାସ୍ଥିତି ସୃଷ୍ଟି ହୋଇଛି । ତେଲକୋଇ-ଜଗମୋହନପୁର ପୂର୍ତ୍ତ ରାସ୍ତାର ହନୁମନ୍ତିଆ ନାଳରେ ନିର୍ମାଣଧୀନ ପୋଲ ସେଣ୍ଟ୍ରିଙ୍ଗ୍ ଓ ଡ୍ରାଇଭର୍ସନ ରାସ୍ତା ଧୋଇଯାଇଛି । ହନୁମନ୍ତିଆ ନାଳରେ ପ୍ରବଳ ବର୍ଷା ଜଳ ପ୍ରବାହିତ ହେଉଥିବା ବେଳେ ଏକ ଦନ୍ତାହାତୀ କିଛି ସମୟ ଧରି ଫସି ରହିଥିବା ଦେଖିବାକୁ ମିଳିଥିଲା ।

### ଅଘଟଣଶୂନ୍ୟ ରଥଯାତ୍ରା...

ରଥଯାତ୍ରା ପାଇଁ ୬ ଅତିରିକ୍ତ ଡିଜିଙ୍କୁ ନେଇ ମାନସମନ୍ଥ କରିଛନ୍ତି ଡିଜିପି । ରଥଯାତ୍ରା ପାଇଁ ମୁତୟନ ରହିବେ ୧୨ହଜାର ପୁଲିସ୍ ଫୋର୍ସ । ୨୨୦ ପ୍ଲାଟୁନ୍ ଫୋର୍ସଙ୍କୁ ନେଇ ଭିଡ଼ ପରିଚାଳନା କରିବ ପୁଲିସ। ସୁରକ୍ଷା ଦାୟିତ୍ୱ ସମ୍ଭାଳିବେ ୩ ହଜାର ହୋମ୍ ଗାର୍ଡ, ୧୦ କମାଣ୍ଡ କେନ୍ଦ୍ରୀୟ ଫୋର୍ସ । ଅନ୍ୟପଟେ ମହାପ୍ରଭୁଙ୍କ ସମସ୍ତ ନୀତି ଶୃଙ୍ଖଳିତ ଓ ସମୟ ଅନୁସାରେ କରିବା ପାଇଁ ସେବାୟତ ମାନେ ପ୍ରତିଶୃତି ଦେଇଛନ୍ତି। ଚଳିତ ବର୍ଷ ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ବଡ଼ଦାଣ୍ଡରେ ଗଡିବ ନନ୍ଦିଘୋଷ, ଦର୍ପଦଳନ ଓ ତାଳଧ୍ୱଜ ରଥ। ସମର୍ପଣ ଓ ସମନ୍ୱୟ ରଖି ଘୋଷଯାତ୍ରା ପାଳନ କରିବାକୁ ସରକାର ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

### ଭୁବନେଶ୍ୱର ଡିସିପି ଜଗମୋହନ...

କଟକ ଓ ଭୁବନେଶ୍ୱର ଡିସିପି ଭାବେ ଅପରାଧୀଙ୍କ ନିଦ ହଜାଇଛନ୍ତି। କ୍ରିମିନାଲଙ୍କୁ ଏନକାଉଣ୍ଟର କରି ଛାତି ଥରାଇ ଦେଉଥିବା ଏହି ଆଇପିଏସ୍ଙ୍କ ଇସ୍ତଫାକୁ ନେଇ ଚାରିଆଡ଼େ ଚର୍ଚ୍ଚା । ତେବେ ରାଜସ୍ଥାନର ଏକ ସାଧାରଣ ପରିବାରରୁ ଆସି ୩୭ ବର୍ଷ ବୟସରେ ଅନେକ ପୁଲିସ ପଦକ ପାଇଥିବା ଜଗମୋହନ, ଏବେ ଭୁବନେଶ୍ୱର ଡିସିପି ଅଛନ୍ତି । ତେବେ କୌଣସି ଚାପକୁ ନେଇ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି କି ? ନା ରହିଛି ଅନ୍ୟ କୌଣସି କାରଣ ? ଏହାକୁ ନେଇ ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି । ହେଲେ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା କହିଛନ୍ତି ଜଗମୋହନ ମୀନା । ସେ ଘରୋଇ କ୍ଷେତ୍ରରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଡିଜିପି ମଧ ଏହାକୁ ତାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି ବୋଲି ସ୍ପଷ୍ଟ କରିଛନ୍ତି । ହେଲେ ଏବେସୁଦ୍ଧା ତାଙ୍କ ଇସ୍ତଫାକୁ ଗ୍ରହଣ କରିନାହାନ୍ତି ସରକାର । ସେପଟେ କଟକ ଚାଉଳିଆଗଞ୍ଜ ଆଇଆଇସି ବିଯୁଟି ମହାନ୍ତିଙ୍କ ଆତ୍ମହତ୍ୟା । ଏପଟେ ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଅଚାନକ ଇସ୍ତଫା । ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଓ ଆଗକୁ ଲମ୍ବା କ୍ୟାରିୟର ସତ୍ତ୍ୱେ ସପ୍ତାହକ ଭିତରେ ଏଭଳି ଦୁଇ ଦୁଇଟି ଘଟଣା, ପୁଲିସ ଅଧିକାରୀଙ୍କ ଉପରେ ପ୍ରବଳ ଚାପ ଚର୍ଚ୍ଚାକୁ ପୁଣି ଥରେ ଖୋରାକ ଯୋଗାଇଛି । ବିଯୁଟି ମହାନ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟ ଟ୍ରାଞ୍ଜାକ୍ସନ, ମୋବାଇଲ କଲ୍ ଡିଟେଲ୍ ରେକର୍ଡ ଆଦି ଯାଞ୍ଚ ଚାଲିଛି ବୋଲି କହିଛନ୍ତି କଟକ ଡିସିପି ।

### ତ୍ରିରାଷ୍ଟ୍ରୀୟ ଗସ୍ତରେ ...

ଇଣ୍ଡୋନେସିଆ ପରେ ପ୍ରଧାନମନ୍ତ୍ରୀ ମୋଦୀ ଅଷ୍ଟ୍ରେଲିଆ ଯିବେ । ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନଥୋନି ଆଲବାନିଜଙ୍କ ନିମନ୍ତ୍ରଣ କ୍ରମେ ଅଷ୍ଟ୍ରେଲିଆ ଯିବେ ମୋଦୀ । ଆଲବାନିଜଙ୍କ ସହ ପ୍ରତିରକ୍ଷା, ସୁରକ୍ଷା, ବାଣିଜ୍ୟ, ନିବେଶ ଓ ଶିକ୍ଷା କ୍ଷେତ୍ରରେ ସମ୍ପର୍କ ବୃଦ୍ଧି ପାଇଁ ଆଲୋଚନା ହେବ । ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଏବଂ କ୍ରୀଡ଼ା ବିଜ୍ଞାନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଗଭୀର କରିବା ପାଇଁ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ମୋଦୀ ଅଷ୍ଟ୍ରେଲିଆରେ ରହିବା ସମୟରେ ମେଲବୋର୍ଣ୍ଣରେ ଭାରତୀୟ ପ୍ରବାସୀଙ୍କୁ ମୋଦୀ ଭେଟିବେ ।ଜୁଲାଇ ୧୦ ଓ ୧୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନ୍ୟୁଜିଲାଣ୍ଡ ଗସ୍ତ କରିବେ । ଏଥିପାଇଁ ମୋଦୀଙ୍କୁ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନଙ୍କ ନିମନ୍ତ୍ରଣ କରିଛନ୍ତି । ଗସ୍ତ ସମୟରେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଲକ୍ସନଙ୍କ ସହ ଅର୍ଥନୈତିକ, ବାଣିଜ୍ୟ ଏବଂ ବାଣିଜ୍ୟିକ ସମ୍ପର୍କକୁ ଆହୁରି ମଜଭୁତ କରିବା ପାଇଁ ଆଲୋଚନା କରିବେ । ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରି ପରେ ଏହା ମୋଦୀଙ୍କ ପ୍ରଥମ ନ୍ୟୁଜିଲାଣ୍ଡ ଗସ୍ତ ହେବ । ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କକୁ ମଜଭୁତ କରିବା ପାଇଁ ଦୁଇଦେଶ ସଂକଳ୍ପବଦ୍ଧ ଥିବା ବେଳେ ମୋଦୀଙ୍କ ଗସ୍ତ ଏହାକୁ ଆହୁରି ସୁଦୃଢ଼ କରିବ । ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଭାରତୀୟ ସମ୍ପ୍ରଦାୟ ଓ ପ୍ରବାସୀଙ୍କୁ ସମ୍ବୋଧିତ କରିବାକୁ ଅପେକ୍ଷା କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଗସ୍ତ ପୂର୍ବରୁ କହିଛନ୍ତି ।

### ପଞ୍ଜାବରେ ନିର୍ବାଚନ ...

ଭୂଷଣ ଆଶୁଙ୍କ ସମେତ ଦଳର ଅନେକ ବରିଷ୍ଠ ନେତା ଉପସ୍ଥିତ ଥିଲେ। ରନ୍ଧାୱା ଏହି ଫଟୋର କ୍ୟାପସନ୍ 'ଏକତା ହିଁ ଶକ୍ତି' ବୋଲି ଲେଖିଛନ୍ତି। ତେବେ ଏଥିରେ ପଞ୍ଜାବ କଂଗ୍ରେସ ଅଧ୍ୟକ୍ଷ ରାଜା ୱାରିଂ, ବିରୋଧୀ ଦଳ ନେତା ପ୍ରତାପ ସିଂହ ବାଜୱା ଓ ବିଧାୟକ ସୁଖପାଲ ସିଂହ ଖୈରା ଅନୁପସ୍ଥିତ ଥିଲେ। ତେବେ ପଞ୍ଜାବ କଂଗ୍ରେସ ଏକ ସୋସିଆଲ ମିଡିଆ ପୋଷ୍ଟ କରି ସଫେଇ ଦେଇଛି ଯେ, ଏହି ବୈଠକ ୨୦୨୭ ବିଧାନସଭା ନିର୍ବାଚନ ପ୍ରସ୍ତୁତିର ଏକ ଅଂଶ ଥିଲା।

# ଘୂର୍ଣ୍ଣିବଳୟ ପାଗ ମଧ୍ୟରେ ପାରାଦୀପ ବନ୍ଦରରେ ଆନ୍ଧ୍ର ରାଜ୍ୟର ମାଛ ଧରିବା ଡଙ୍ଗା ପାଇଁ ଜରୁରୀକାଳୀନ ଆଶ୍ରୟସ୍ଥଳ




ପାରାଦୀପ, ୦୬/୭ (ନି.ପ୍ର): ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ପ୍ରତିକ୍ରିୟାରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଅଶାନ୍ତ ସମୁଦ୍ରରେ ଆଶ୍ରୟ ନେଉଥିବା ଯାନ୍ତ୍ରିକ ମାଛ ଧରିବା ଡଙ୍ଗାଗୁଡ଼ିକୁ ସୁରକ୍ଷିତ ଆଶ୍ରୟ ଏବଂ ଲଜିଷ୍ଟିକ୍ ସହାୟତା ପ୍ରଦାନ କରିବା ପାଇଁ ଜରୁରୀକାଳୀନ ବ୍ୟବସ୍ଥାକୁ ସୁ ବନ୍ଦୋବସ୍ତ କରିଛନ୍ତି। ଆଜି ପାରାଦୀପ ବନ୍ଦରର ଏନକିୟୁ୩ ଏବଂ ଇକିୟୁ୧ ବର୍ଥରେ ୩୬ ଟି ମାଛ ଧରିବା ଡଙ୍ଗା ସୁରକ୍ଷିତ ଆଶ୍ରୟ ନେଇଛନ୍ତି। ଏଥିମଧ୍ୟରୁ ଅଞ୍ଚଳ ବାହାରର ୩୨ ଟି ଡଙ୍ଗା ଓ ୪ଟି ଡଙ୍ଗା ପାରାଦୀପ ମାଛଧରା ବନ୍ଦର ଅଞ୍ଚଳର ଅଟେ। ସମୁଦ୍ରରେ ପ୍ରତିକୂଳ ପାଗ ପରିସ୍ଥିତି ଜାରି ରହିବା ହେତୁ ଆଗାମୀ କିଛି ଘଣ୍ଟା ମଧ୍ୟରେ ବନ୍ଦରରେ ଅଧିକ ମାଛ ଧରିବା ଡଙ୍ଗା ଆସିବାର ଆଶା କରାଯାଉଛି। ଆନ୍ଧ୍ର ପ୍ରଦେଶ ସରକାରଙ୍କ ମତ୍ସ୍ୟ ବିଭାଗ ପକ୍ଷରୁ ଏକ ଜରୁରୀକାଳୀନ ଅନୁରୋଧ ପରେ ଏହି ଜରୁରୀକାଳୀନ ପ୍ରତିକ୍ରିୟା ଦିଆଯାଇଛି, ଯାହା ବନ୍ଦର କର୍ତ୍ତୃପକ୍ଷଙ୍କୁ ଜଣାଇଛି ଯେ ପାରାଦୀପ ଏବଂ ଗୋପାଳପୁର ନିକଟରେ କାର୍ଯ୍ୟରତ ଅନେକ ଯାନ୍ତ୍ରିକ ମାଛ ଧରିବା ଡଙ୍ଗା ପ୍ରବଳ ପବନ, ପ୍ରବଳ ବର୍ଷା ଏବଂ ଅଶାନ୍ତ ସମୁଦ୍ର ପରିସ୍ଥିତି ଯୋଗୁଁ ବିଶାଖାପାଟଣା ମାଛ ଧରିବା ବନ୍ଦରକୁ ଫେରିପାରି ନାହାଁନ୍ତି। ମତ୍ସ୍ୟଜୀବୀଙ୍କ ଜୀବନ ପ୍ରତି ସମ୍ଭାବ୍ୟ ବିପଦକୁ ଚିହ୍ନଟ କରି, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ତୁରନ୍ତ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ସହିତ ସମନ୍ୱୟ ସ୍ଥାପନ କରି ସୁରକ୍ଷିତ ବର୍ଥିଂ ଏବଂ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ। ସମୁଦ୍ର ମଧ୍ୟରୁ ସଫଳତାର ସହ ଉଦ୍ଧାର କାର୍ଯ୍ୟ ସମ୍ପାଦିତ ପାଇଁ ଏକ ସମନ୍ୱିତରେ ଓଡ଼ିଶା ସାମୁଦ୍ରିକ ପୋଲିସ ଏବଂ ଭାରତୀୟ ତଟରକ୍ଷୀ ବାହିନୀ ପୁରୀ ଉପକୂଳରେ ଇଞ୍ଜିନ ଫେଲ୍ ହେବା ପରେ ଏକ ଦୁର୍ଘଟଣାଗ୍ରସ୍ତ ମାଛ ଧରିବା ଜାହାଜକ ଆଇଏନଡି-ଏପି-ଭି୫-ଏମଏମ-୮୭୨ ର ୧୦ ଜଣ କୁ ସଦସ୍ୟଙ୍କୁ ସଫଳତାର ସହିତ ଉଦ୍ଧାର କରିଥିଲେ। ଅନ୍ୟ ଏକ ଆନ୍ଧ୍ର ପ୍ରଦେଶ ମାଛ ଧରିବା ଜାହାଜ ଆଇଏଫବି ସିଂହାଦ୍ରି ଅପନାର ଫସି ରହିଥିବା ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇଥିଲା। ସମସ୍ତ ୨୦ ଜଣଙ୍କୁ ସୁରକ୍ଷିତ ଭାବରେ ଜାହାଜରେ ରଖି, ଭାରତୀୟ ତଟରକ୍ଷୀ ବାହିନୀ ଜାହାଜ ସି-୪୨୬ ଦ୍ୱାରା ଜାହାଜକୁ ପାରାଦୀପ ବନ୍ଦରକୁ ନିଆଯାଇଥିଲା। ଜିଲ୍ଲା ଅପରେସନ୍ ଏବଂ ଯୋଜନା ଅଧିକାରୀ, କମାଣ୍ଡର (ଓଡ଼ିଶା) ଡେପୁଟି କମାଣ୍ଡାଣ୍ଟ ଅଜୟ ଛେତ୍ରୀ, ପହଞ୍ଚିବା ପରେ ବିପଦଗ୍ରସ୍ତ ଜାହାଜ ଏବଂ ଏହାର କ୍ରୁ ପାଇଁ ସୁରକ୍ଷିତ ବର୍ଥିଂ ଏବଂ ଲଜିଷ୍ଟିକ୍ ସହାୟତା ଯୋଗାଇବା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ଆନୁଷ୍ଠାନିକ ଭାବରେ ଅନୁରୋଧ କରିଥିଲେ। ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ସତର୍କ ଅଛନ୍ତି ଏବଂ ଭାରତୀୟ ତଟରକ୍ଷୀ ବାହିନୀ, ଓଡ଼ିଶା ସାମୁଦ୍ରିକ ପୋଲିସ, ଆନ୍ଧ୍ର ପ୍ରଦେଶ ସରକାର ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ସହିତ ଘୂର୍ଣ୍ଣିଝଡ଼ ପାଗ ଦ୍ୱାରା ପ୍ରଭାବିତ ଜାହାଜ ପାଇଁ ଏକ ନିରାପଦ ପୋତାଶ୍ରୟ ଯୋଗାଇବା ପାଇଁ ଘନିଷ୍ଠ ସମନ୍ୱୟ ରକ୍ଷା କରି କାର୍ଯ୍ୟ ଜାରି ରଖିଛନ୍ତି।

## ଗଣ୍ଠିବାତ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ , ୦୬/୭ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଗଣ୍ଠିବାତ ନିରାକରଣ ସଚେତନା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି କହିଲେ ଅଜୀର୍ଣ୍ଣ କାରକ ଆହାର ଦ୍ୱାରା ଆମ ସଂଚୟ ହୋଇ ଯୁବକଙ୍କ ଠାରୁ ବୃଦ୍ଧ ଯାଏଁ ଆମବାତ, ଗଣ୍ଠିବାତ ରୋଗ ହୁଏ। ଆମିଷ ଆହାର, ପନିର, ଖଟା, ମଦ୍ୟପାନ,ଗରିଷ୍ଠ ଅଜୀର୍ଣ୍ଣ କାରକ ଖାଦ୍ୟ, ଅଧିକ ବେଗରେ ଗାଡି ଚଳାଇବା, ଶାରିରୀକ ପରିଶ୍ରମ ନକରିବା ବା ଅଧିକ ପରିଶ୍ରମ କରିବା, ଅଧିକ ରାତ୍ର ଯାଏଁ ଅନିଦ୍ରା ରହିବାଆଦି କାରଣରୁ ଆମ ସଂଚୟ ଦ୍ୱାରା ଗଣ୍ଠିବାତ, ବୃହତ୍ ସନ୍ଧିବାତ ହୁଏ । ଉପରୋକ୍ତ କାରଣ ସବୁ ଛାଡ଼ି ହଜମ ହେଉଥିବା ଖାଦ୍ୟ ଖାଇବେ, ଶାରିରୀକ ପରିଶ୍ରମ, ଯୋଗ, ଆସନ କରିବେ,ସଜନା ଶାଗ,ଅଦା ବା ଶୁଣ୍ଠି ଚୂର୍ଣ୍ଣ, ରସୁଣ,ଚଣା ଜାତୀୟ ଖାଦ୍ୟ ଖାଇବେ ଓ ତୈଳ ଅଭ୍ୟଙ୍ଗ କରି ଦୁଦୁରା, ଜଡା, ଅରଖ, ବାସଙ୍ଗ, ବେଗୁନିଆ ପଂଚ ପତ୍ର ସିଝା ସେକ ଦେବା ପାଇଁ ପରାମର୍ଶ ଦେଇଥିଲେ।

# କବିଙ୍କ ପୁତ୍ରର ଚତୁର୍ଥୀରେ ଲୋକାର୍ପିତ ହେଇଛି ଆତ୍ମଜୀବନୀ ପୁସ୍ତକ 'ଜୀବନ ଯେମିତ ଜୀଇଁଛି'



କଟକ, ୦୬/୭ (ନି.ପ୍ର): ସିମୁଳିଆର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପଦ୍ମଲୋଚନ ପଣ୍ଡା ବରି ଗ୍ରାମରେ ଜନ୍ମିତ ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟିକ ଓ ସଙ୍ଗ୍ରାମୀ ସ୍ୱର୍ଗତ ବୈକୁଣ୍ଠନାଥ ପାଣିଗ୍ରାହୀଙ୍କ ରଚିତ ଆତ୍ମଜୀବନୀ ' ଜୀବନ ଯେମିତି ଜୀଇଁଛି' କୁ ସିମୁଳିଆ ଥାନାର ବରି ଗ୍ରାମରେ ଲୋକାର୍ପିତ କରିଛନ୍ତି। ସମ୍ମାନନୀୟ ବିଧାୟକ ଶ୍ରୀ ପଣ୍ଡା ଏହି ଅବସରରେ ନିଜ ଗୁରୁ ବୈକୁଣ୍ଠନାଥ ଙ୍କର ସ୍ମୃତିଚାରଣ କରି ଏହି ପୁସ୍ତକରେ ବାଲେଶ୍ୱର ଜିଲ୍ଲାର ସ୍ୱାଧୀନତା ଆନ୍ଦୋଳନ ବିଷୟକ ବହୁ ଅନାଲୋଚିତ ଘଟଣା ଲିପିବଦ୍ଧ ହୋଇଛି ବୋଲି ବର୍ଣ୍ଣନା କରିଥିଲେ। ବରି ଗ୍ରାମରେ ଜନ୍ମିତ ଓ ଏହି ପୁସ୍ତକର ଲେଖକ ସ୍ୱର୍ଗତ ବୈକୁଣ୍ଠନାଥ ପାଣିଗ୍ରାହୀ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କର କବିତାର ଗାୟକ ରୂପେ ୧୯୨୪ ମସିହାରେ କଟକରେ ଆୟୋଜିତ 'ନିଖିଳ ଉତ୍କଳ ଜାତୀୟ କଂଗ୍ରେସ'ର ପ୍ରଥମ ଅଧିବେଶନ, କଟକରେ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ ଦାସ,,ଡ.ହରେକୃଷ୍ଣ ମହତାବ, ପଣ୍ଡିତ ନୀଳକଣ୍ଠ ଦାସ ଆଦି ବିଶିଷ୍ଟ ନେତୃବୃନ୍ଦ ମାନଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ। ପରବର୍ତ୍ତୀ ସମୟରେ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କର କବିତାର ଗାୟକ ରୂପେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଆନ୍ଦୋଳନରେ ଭାଗନେଇଥିଲେ। ଜଣେ ସଫଳ ଶିକ୍ଷକ ରୂପେ ସ୍ୱ . ବୈକୁଣ୍ଠନାଥ ରାଜ୍ୟପାଳ ପୁରସ୍କାର (୧୯୭୦), ଜନଗଣନା ପାଇଁ ରାଷ୍ଟ୍ରପତି ପୁରସ୍କାର (୧୯୫୧), ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକଙ୍କଠାରୁ 'ଜାତୀୟ କବି ବାଞ୍ଛାନିଧି ସ୍ମୃତି ସମ୍ମାନ'(୧୯୯୮) ଓ ସାହିତ୍ୟ ରଚନା ନିମନ୍ତେ ବିଭିନ୍ନ ସମୟରେ ସମ୍ବର୍ଦ୍ଧିତ ହୋଇଥିଲେ। ବହୁ କବିତା ,ନାଟକ ରଚନା ସହ ବରି ଗ୍ରାମରେ ୧୯୩୭ ମସିହାରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପନା କରି ନିଜେ ଶିକ୍ଷକତା କରିଥିଲେ। ଏହି ଅବସରରେ ବରି ଗ୍ରାମ ନିବାସୀ ବିଶିଷ୍ଟ କବି ଶ୍ରୀ ସୁରେନ୍ଦ୍ର ପାଣିଗ୍ରାହୀଙ୍କର ପୁତ୍ର ଶ୍ରୀତମ କୃଷ୍ଣଙ୍କ ସହ ପୂର୍ଣିମା ର ଚତୁର୍ଥୀ ଉତ୍ସବରେ ଯୋଗଦେଇ ବରକନ୍ୟାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ବରି ଗ୍ରାମର ପ୍ରାକ୍ତନ ସରପଞ୍ଚ ରାଧାରମଣ ପଟ୍ଟନାୟକ, ଅଧ୍ୟାପକ କମଳ ବରଣ ଲେଙ୍କା, ସାମ୍ବାଦିକ କୃଷ୍ଣଚନ୍ଦ୍ର ଭୂୟାଁ, ଏନ୍.ଟି.ପି.ସି.ର ମହାପ୍ରବନ୍ଧକ ଉଦୟ ଅରୁଣ ପାଣିଗ୍ରାହୀ, ପ୍ରାକ୍ତନ ଶିକ୍ଷୟିତ୍ରୀ କମଳିନୀ ପାଣିଗ୍ରାହୀ, କବି ଜିତୁ ସାବତ୍, ଅଧ୍ୟାପିକା ବୁଲବୁଲ୍ ପାଣିଗ୍ରାହୀ, ରଶ୍ମିରାଣୀ ଦାଶ, ଶ୍ରୀତମ କୃଷ୍ଣ , ପୂର୍ଣିମା ପାଣିଗ୍ରାହୀ, ସୁରେଖା ପାଣିଗ୍ରାହୀ, ପ୍ରୀତମ କୃଷ୍ଣ,ରତିକାନ୍ତ ପାଢ଼ୀ , କୁନିମା ସାବତ, ରଞ୍ଜିତା ପାଣିଗ୍ରାହୀ, ମୋନାଲିସା ପଣ୍ଡା, କୃଷ୍ଣା ପତି , ଅବିନାଶ ମିଶ୍ର , ମାଧବ ସାବତ ,ଜ୍ୟୋତି ସ୍ୱାତ , କୋମଳ କୃଷ୍ଣ ,ରତିକା ପାଢୀ, ପ୍ରାଚୀ ପାଣିଗ୍ରାହୀ, ଅନନ୍ୟା ସ୍ୱାତ ଆଦି ବହୁ ବ୍ୟକ୍ତି ବିଶେଷ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଶେଷରେ ବିଶିଷ୍ଟ କବି ସୁରେନ୍ଦ୍ର ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାସୁଦେବପୁର ବନ ବିଭାଗ ପକ୍ଷରୁ ୭୭ ତମ ବନ ମହୋତ୍ସବ ପାଳିତ




ବାସୁଦେବପୁର, ୦୬/୭ (ନି.ପ୍ର): ବାସୁଦେବପୁର ବନ ବିଭାଗ ପକ୍ଷରୁ ୭୭ ତମ ବନ ମହୋତ୍ସବ ପାଳିତ ହୋଇ ଯାଇଛି । ଏହି ଅବସରରେ ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟ କରା ଯାଇଥିଲା। ଏହି ଉତ୍ସବରେ ବାସୁଦେବପୁର ଏସ ଡି ଜେ ଏମ୍, ସବ୍ ଜଜ୍, ଆଇନଜୀବୀ ସ୍ମୃତି ରଞ୍ଜନ ପଲିତା, ଅଧିବକ୍ତା ଡକ୍ଟର୍ ନିରଦ କୁମାର ଦାଶ, ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳମଣି ବେହେରା, ସହକାରୀ ଶିକ୍ଷକ ଶଶଧର ମହାଳିକ,ହରିଶ୍ଚନ୍ଦ୍ର ପଣ୍ଡା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବୃକ୍ଷ ରୋପଣ କରିଥିଲେ। ଗୋଟିଏ ଗଛ ଗୋଟିଏ ଜୀବନ। ତେଣୁ ପରିବେଶ ସୁରକ୍ଷା ପାଇଁ ଆମ ପୃଥିବୀରେ ସମସ୍ତେ ଗଛ ଲଗାଇବା ଆବଶ୍ୟକ ବୋଲି ଅତିଥି ବନ୍ଧୁ ଗଣ ମତ ପ୍ରକାଶ କରିଥିଲେ। ଏହି ଉତ୍ସବରେ ବନ ବିଭାଗ ରେଞ୍ଜର ଅତୁଲ୍ୟ କୁମାର ମହାନ୍ତି ଗଛ ଲଗାଇବା ସହିତ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହି ଉତ୍ସବରେ ଫରେଷ୍ଟର ସୁଶୀଲ ସିଂ ଓ ବନ ବିଭାଗର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ଶେଷରେ ସମସ୍ତ ଙ୍କୁ ଫରେଷ୍ଟ ରେଞ୍ଜର ଅତୁଲ୍ୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀ ଅନନ୍ତ ବଳଦେବଜୀଉଙ୍କ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ବାସୁଦେବପୁର, ୦୬/୭ (ନି.ପ୍ର): ଗୁଡ଼ କୁଶକ୍ଷେତ୍ର ଶିଳା ବ୍ରହ୍ମ ସାଂସ୍କୃତିକ ପରିଷଦ ଟ୍ରଷ୍ଟ ଆନୁକୂଲ୍ୟରେ ଏବଂ ସ୍ୱର୍ଗତ ରତିକାନ୍ତ ପଣ୍ଡା ବାରୁ ନନାଙ୍କ ଉତ୍ସର୍ଗୀ କୃତ ପ୍ରେରଣାରେ ଶ୍ରୀ ଅନନ୍ତ ବଳଦେବଜୀଉ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ତଥା ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ଶିଳା ବ୍ରହ୍ମ ସାଂସ୍କୃତିକ ପରିଷଦ ଟ୍ରଷ୍ଟର ସଭାପତି ମୁକ୍ତିକାନ୍ତ ପଣ୍ଡା,ସମ୍ପାଦକ ଅଜୟ କୁମାର ପଣ୍ଡା,କୋଷାଧ୍ୟକ୍ଷ ଚନ୍ଦ୍ର କାନ୍ତ ନାୟକ, ଉପ ସଭାପତି ସୁବାସ ଚନ୍ଦ୍ର ପଣ୍ଡା,ଉପଦେଷ୍ଟା ଦୀପକ କୁମାର ବେହେରା, ଶଶାଙ୍କ ଶେଖର ପଣ୍ଡା,ରମେଶ ଚନ୍ଦ୍ର ସାହୁ, ସାଂସ୍କୃତିକ ସମ୍ପାଦକ ଦେବାଶିଷ ବିଶ୍ୱାଳ, ସଦସ୍ୟ ବିଜୟ କୁମାର ବେହେରା, ପୁରୁଷୋତ୍ତମ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅଡିସନ୍ ନୃତ୍ୟ ସଙ୍ଗୀତ ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା। ଏଥିରେ ବିଚାରକ ଭାବେ ଯୋଗ ଦେଇଥିଲେ ଓଡିଶୀ ନୃତ୍ୟ ଗୁରୁ ମଣି କର୍ଣିକା, ସୁଶ୍ରୀ ସରିତା ଓ ମମତା । କୃତୀ ପ୍ରତିଯୋଗୀ ମାନଙ୍କୁ ଶ୍ରୀ ଗୁଣ୍ଡିଚା ରଥଯାତ୍ରା ରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସ୍ଥିର ହୋଇଛି। ଜୁଲାଇ ୧୬ ଓ ୧୭ ତାରିଖ ଦୁଇ ଦିନ ଉତ୍ସବ ପାଳନ କରାଯିବ। ଶ୍ରୀ ଅନନ୍ତ ବଳଦେବଜୀଉ ମହୋତ୍ସବରେ ପହଣ୍ଡି ବିଜେ, ମାହାରୀ ନୃତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୃତି ଅନୁଷ୍ଠିତ ହେବ ଏବଂ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ ଓ ଶିଳା ବ୍ରହ୍ମ ସଦସ୍ୟ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଏହି ମହୋତ୍ସବରେ ପ୍ରଶାସନିକ ଅଧିକାରୀ, ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ୍, କଳାକାର ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ମହୋତ୍ସବରେ ଅତିଥି ମାନଙ୍କ ଗାରିମା ମୟ ଉପସ୍ଥିତି ତଥା ବହୁ ସଂଖ୍ୟାରେ ସମସ୍ତଙ୍କୁ ଯୋଗ ଦେବା ପାଇଁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର, ୦୬/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୨୧୫ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୭୪ ଗୋଟି ବ୍ୟକ୍ତିଗତ ଏବଂ ୧୦ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୩୧ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୩୯ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ଉପ ଜିଲ୍ଲାପାଳ, ବାଲେଶ୍ୱର, ଶ୍ରୀଯୁକ୍ତ ଶିବ ମାଲବ୍ୟ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଦିଲ୍ଲୀପ କୁମାର ଜେନା, ସଦର ବିଡିଓ ଶ୍ରୀଯୁକ୍ତ ଉତ୍ତମ କୁମାର ଜେନା,



ସଦର ତହସିଲଦାର ଶ୍ରୀଯୁକ୍ତ ଅନିଲ କୁମାର ମହାନ୍ତି, ନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା ଶ୍ରୀଯୁକ୍ତ ଶିରୀୟାଲ ଶୁଭ୍ର ପଟେଲଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ମେଘାସନ ମହାବିଦ୍ୟାଳୟରେ ବନମହୋତ୍ସବ ସପ୍ତାହର ଉଦ୍‌ଯାପନ ଉତ୍ସବ

ଉଦଳା , ୦୬/୭ (ନି.ପ୍ର): ନୁଦଡ଼ିହା ଗ୍ରାମସ୍ଥିତ ମେଘାସନ ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନା ତରଫରୁ ଆୟୋଜିତ ବନମହୋତ୍ସବ ସପ୍ତାହର ଉଦ୍‌ଯାପନ ଉତ୍ସବ ଆଜି ଜୁଲାଇ ୬ ତାରିଖ ସୋମବାର ଦିନ ପାଳିତ ହୋଇ ଯାଇଛି । ପ୍ରକାଶ ଥାଉକି ପ୍ରତିବର୍ଷ ଜୁଲାଇ ମାସର ପ୍ରଥମ ସପ୍ତାହଟିକୁ ବନମହୋତ୍ସବ ସପ୍ତାହ ଭାବରେ ସବୁଠି ପାଳନ କରାଯାଇଥାଏ । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଏକ ଆଲୋଚନାଚକ୍ର ସହିତ ବୃକ୍ଷରୋପଣର ପର୍ବ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ




ପ୍ରଫେସର ପ୍ରମୋଦ କୁମାର ରାଉତ ଆୟୋଜିତ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିବା ସହ ଜଙ୍ଗଲ ସମ୍ପଦ କିପରି ଜଳବାୟୁକୁ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ ଜୀବଜଗତକୁ ବଂଚାଇ ରଖିବାରେ ମୁଖ୍ୟ ଭୂମିକା ନେଇଥାଏ ବିସ୍ତୃତ ବର୍ଣ୍ଣନା କରିଥିଲେ । ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସମୀର ଭୋଇ ଓ ଅଧ୍ୟାପିକା ଡ଼. କମଳିନି ପଣ୍ଡା ମହୋତ୍ସବ ପରିଚାଳନା ଦାୟିତ୍ୱ ତୁଲାଇବା ସହ ପରିବେଶ ପାଇଁ ବୃକ୍ଷରୋପଣ ଆଜି କିପରି ଜରୁରି ହୋଇ ପଡ଼ିଛି ବ୍ୟକ୍ତ କରିଥିଲେ । ଏହାପରେ ୫୦ ଗୋଟି ଚାରା ଗଛ ରୋପଣ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଧ୍ୟାପିକା ସ୍ୱାତି ସୁଚରିତା ପଣ୍ଡା, ଲୋପାମୁଦ୍ରା ପ୍ରଧାନ, ଅଧ୍ୟାପକ ଲବ ଟୁଡୁ, ଅରୁଣ କୁମାର ଜେନା, ଲଳିତ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# "କିଶୋର ସ୍ୱାକ୍ଷର"ର ୨୬ତମ ରାଜ୍ୟସ୍ତରୀୟ ଜୟନ୍ତୀ

ଭଦ୍ରକ , ୦୬/୭ (ନି.ପ୍ର): ଶିଶୁ କିଶୋର ସୃଜନଶୀଳ ସାହିତ୍ୟ ପତ୍ରିକା "କିଶୋର ସ୍ୱାକ୍ଷର"ର ୨୬ତମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଆଜି ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ହୋଇଯାଇଛି । ଏହି ଉପଲକ୍ଷେ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମେଳନ ଓ ସମ୍ବର୍ଦ୍ଧନା ସଭା ହୋଇଥିଲା ।




ଏଥିରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ଉଦ୍‌ଘାଟକ ଭାବେ ଡ଼େପୁଟି ଜିଲ୍ଲାପାଳ କାର୍ତ୍ତିକନାଥ ମଣ୍ଡଳ, ମୁଖ୍ୟବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଓ ବିଶିଷ୍ଟ ବକ୍ତା ଡ଼ଃ ମନୀନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଦୀର୍ଘ ୨୬ବର୍ଷ ଧରି ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ବିଭିନ୍ନ ଓଡ଼ିଆ ପ୍ରବାସୀ ଅଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ପ୍ରଚାର , ପ୍ରସାର ଓ ଅଧିକ କ୍ରିୟାଶୀଳ କରିବା ଦିଗରେ ପ୍ରତିଷ୍ଠାତା ମୁଖ୍ୟ ସମ୍ପାଦକ ଶିଶୁ ସାହିତ୍ୟିକ ଶଶଧର ମହନୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । କଣ୍ଠ ଶିଳ୍ପୀ ଦେବେନ୍ଦ୍ର ପ୍ରସାଦ ପଣ୍ଡା ଓ ସାଥି ବନ୍ଦେ ଉତ୍କଳ ଜନନୀଗାନ ସହିତ ଶିକ୍ଷାବିତ୍ ସଞ୍ଜୟ କୁମାର ଦାସ ବେଦପାଠ କରିଥିଲେ । ଦୀର୍ଘ ବର୍ଷ ଧରି ପତ୍ରିକା ସହ ଜଡ଼ିତ ସାରା ରାଜ୍ୟର ବାଲେଶ୍ୱର ରୁ ଶିକ୍ଷାବିତ୍ ସୁରେନ୍ଦ୍ର ନାଥ ବାରିକ, ପରମାନନ୍ଦ ମଲ୍ଲିକ, ସୁରେନ୍ଦ୍ର କୁମାର ପଣ୍ଡା, ଡ଼ଃ ଜୟନ୍ତୀ କରଶର୍ମା, ଭଦ୍ରକରୁ ଡ଼ଃ ଚନ୍ଦ୍ର ପ୍ରସାଦ ପଣ୍ଡା, କେନ୍ଦୁଝରରୁ ମୋହନ କୁମାର ମହାନ୍ତି, କୈଳାସ ଚନ୍ଦ୍ର ରାଉତ, ଅଭୟ କୁମାର ସାମଲ, ନାରାୟଣ ଚନ୍ଦ୍ର ଲେଙ୍କା, ରମାକାନ୍ତ ଜେନା ପ୍ରମୁଖଙ୍କୁ ମୁଖ୍ୟ ଅତିଥି "କିଶୋର ସ୍ୱାକ୍ଷର" ସାରସ୍ୱତ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ । ଏଇ ଅବସରରେ ଅତିଥିଗଣ "କିଶୋର ସ୍ୱାକ୍ଷର"ର ସ୍ୱତନ୍ତ୍ର ସଂଖ୍ୟାକୁ ଲୋକାର୍ପଣ କରିଥିଲେ । ସମ୍ପାଦକ ଶଶଧର ମହନୀ ସମ୍ପାଦକୀୟ ପାଠ ଓ କବି ଗୌତମ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପୂର୍ବରୁ ଆୟୋଜିତ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ 'କିଶୋର ସ୍ୱାକ୍ଷର'ର ସଭାପତି ରଣଜିତ୍ କୁମାର ଶୁକ୍ଳ ଧନ୍ୟବାଦ ଅର୍ପଣ କରିଥିଲେ, କର୍ମକର୍ତ୍ତା ମଧ୍ୟରେ ସାଇସତ୍ୟ ମହନୀ, ନିତ୍ୟାନନ୍ଦ ପାଣିଗ୍ରାହୀ, ଚର୍ତ୍ତୁଭୂଜ ପହି, ଅଲେଖ ଚନ୍ଦ୍ର ନାୟକ, ଜଳେନ୍ଦ୍ର ଶୁକ୍ଳ, ବାବୁଲାଲ ଦାସ, ଭାରତୀ ବାଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଜବରଦଖଲ ଉଚ୍ଛେଦ ଦାବିରେ ଆମରଣ ଅନଶନ

ବସ୍ତା , ୦୬/୭ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ପଞ୍ଚାୟତର ଥେଙ୍ଗଡିଆ ଗ୍ରାମର ଶ୍ମଶାନକୁ କିଛି ଜବରଦଖଲ କରି ରଖିଛନ୍ତି । ଏହା ବିରୋଧରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ମାନ୍ୟବର ଉଚ୍ଚନ୍ୟାୟାଳୟର ଆଶ୍ରୟ ନେଇଥିଲେ ଉଚ୍ଚନ୍ୟାୟାଳୟର ନିର୍ଦ୍ଦେଶ ଏହି ଜବର ଦଖଲ ଉଚ୍ଛେଦ ପାଇଁ ବିଳମ୍ବ ହେବାରୁ ଆଜି ଥେଙ୍ଗଡିଆ ଗ୍ରାମର କିଛି ଲୋକ ବସ୍ତା ତହସିଲଦାରଙ୍କ କାର୍ଯ୍ୟାଳୟରେ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ।ଘଟଣା ସ୍ଥଳରେ ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ସୁଧାଂଶୁ ଶେଖର ଜେନା, ବ୍ଲକ କଂଗ୍ରେସ ସାଧାରଣ ସମ୍ପାଦକ ମଦନ ଭକ୍ତା ଗୈରୀ,ଶଙ୍କର ଜେନା ପହଁଞ୍ଚି ଅନଶନ କାରିଙ୍କୁ ଭେଟି ତହସିଲ



ଦାରଙ୍କ ସହିତ ବିସ୍ତୃତ ଆଲୋ ଚନା କରିଥିଲେ ଏବଂ ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେବାପରେ ଜିଲ୍ଲା କଂଗ୍ରେସ ଉପ ସଭାପତି ଶ୍ରୀ ଜେନା ଓ ତହସିଲଦାର ଶୁଶାନ୍ତ ପଟ୍ଟନାୟକ ଆନ୍ଦୋଳନକାରୀଙ୍କୁ ଥଣ୍ଡା ପାନୀୟ ଦେଇ ଅନଶନରୁ ଉଠାଇ ଥିଲେ ପରେ ମଧ ବସ୍ତା ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ଉପସଭାପତି ରବିନ୍ଦ୍ର ଦାସ ପହଞ୍ଚି ଥିଲେ। ଏହି ଅନଶନରେ ମହିଳା କଂଗ୍ରେସ ନେତ୍ରୀ ଅଞ୍ଜଳି ପ୍ରଧାନ, ଝାଡେଶ୍ୱର ପ୍ରଧାନ, ପୁର୍ଣ୍ଣଚନ୍ଦ୍ର ପ୍ରଧାନ, ବ୍ଲକ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଦୀପ ପ୍ରଧାନ,ଶୁଶାନ୍ତ ଦେ, ପ୍ରତାପ ସାହୁ, ସୁବର୍ଣ୍ଣ ଦେ, ଅନନ୍ତ ସାହୁ, ଟୁକୁ ବିନ୍ଧାଣି, ରେବତୀ ପ୍ରଧାନ, ଲୀଳାବତୀ ଜେନା ଏହି ଆମରଣ ଅନଶନରେ ସାମିଲ ହୋଇ ଥିଲେ।

# ସୁନା ଓ ରୂପା ମୂଲ୍ୟ ହ୍ରାସ

ନୂଆଦିଲ୍ଲୀ, ୦୬/୭ : ଆଜି ପ୍ରାରମ୍ଭିକ କାରବାର ସମୟରେ ଘରୋଇ ସୁନା ବଜାରରେ ସାମାନ୍ୟ ଦୁର୍ବଳତା ଜାରି ରହିଥିଲା। ମୂଲ୍ୟ ହ୍ରାସ କାରଣରୁ ଆଜି ଦେଶର ଅଧିକାଂଶ ସୁନା ବଜାରରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୧,୪୬,୭୨୦ ଟଙ୍କା ସ୍ତରରେ କାରବାର କରି ୧୦ ଗ୍ରାମ ପିଛା ୧,୪୯,୪୫୦ ଟଙ୍କାରେ ପହଂଚିଛି। ସେହିଭଳି, ୨୨ କ୍ୟାରେଟ୍ ସୁନା ଆଜି ୧୦ ଗ୍ରାମ ପିଛା ୧,୩୪,୪୯୦ ଟଙ୍କା ରୁ ୧,୩୬,୯୯୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି। ରୂପା ମୂଲ୍ୟରେ ସାମାନ୍ୟ ହ୍ରାସ ହେତୁ ଆଜି ଦିଲ୍ଲୀ ସୁନା ବଜାରରେ ଏହି ମୂଲ୍ୟବାନ ଧାତୁ କିଲୋଗ୍ରାମ ପିଛା ୨୪୯,୯୦୦ ଟଙ୍କାରେ ବିକ୍ରି ହେଉଛି।

# ରାସ୍ତା ନିର୍ମାଣ ଦାବିରେ ବିଡିଓଙ୍କୁ ଭେଟିଲେ ଆଳଦା ବାଲିସାହି ବାସିନ୍ଦା

ଖଇରା, ୦୬/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଖଇରା ପଞ୍ଚାୟତ ଅଧୀନ ଆଳଦା ବାଲିସାହି ପାଇଁ ବିକଶିତ ଗାଁ ବିକଶିତ ଓଡିଶାରେ ପ୍ରସ୍ତାବ ଦିଆଯାଇଥିବା ବିଭିନ୍ନ ପ୍ରକଳ୍ପ ବିଶେଷ କରି ରାସ୍ତାକୁ ଅନୁମୋଦନ କରାଯାଉନଥିବାରୁ ସାହିବାସିନ୍ଦା ଚାଷଜମିକୁ ଯାଇ ପାରୁନାହାଁନ୍ତି ଏବଂ ଚଳପ୍ରଚଳରେ ବାଧା ସୃଷ୍ଟି ହେଉଛି । ପ୍ରତିବାଦରେ ୭ନମ୍ବର ୱାର୍ଡସଭ୍ୟା କୁଙ୍କୁମ ସାହୁ ଓ ପୂର୍ବତନ ସରପଞ୍ଚ ସୁଦର୍ଶନ ସେଠୀଙ୍କ ନେତୃତ୍ୱରେ ୨୦ରୁ ଉର୍ଦ୍ଧ ବାସିନ୍ଦା ସୋମବାର ଅପରାହ୍ନରେ ବିଡିଓଙ୍କୁ ଭେଟି ଏ ସମ୍ପର୍କରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ର କେବଳ ତାଙ୍କ ସାହି ନୁହେଁ ପଞ୍ଚାୟତକୁ ଆସୁଥିବା ଅନୁଦାନରୁ ଅର୍ଥ କାଟି ବ୍ଲକ ରେ ପାର୍କ କାମ ସହ



ସୌନ୍ଦର୍ଯ୍ୟକରଣ ପାଇଁ ଖର୍ଚ୍ଚ କରାଯାଉଥିବା ନେଇ ଅଭିଯୋଗ କରିଥିଲେ । ଏହି ପାର୍କପାଇଁ ପ୍ରଥମେ ୯ଲକ୍ଷ୨୫ହଜାର, ତାପରେ ୭ଲକ୍ଷ ଓ ଏବେ ନିକଟରେ ପୁଣି ସାଢେ ୭ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଗୋଟିଏ ପଟେ ଚାଷୀ ରାସ୍ତା ନଥିବାରୁ ଚାଷଜମିକୁ ଯାଇ ପାରୁନଥିବା ବେଳେ ଅନ୍ୟପଟେ ଏହି ପଇସାରୁ କାଟି ପାର୍କ ତିଆରି କରାଯିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ପରେ ବିଡିଓ ନାରାୟଣ ସାହୁ ସାହି ବାସିନ୍ଦାଙ୍କ ସହ ଆଲୋଚନା କରି ୧ମାସ ମଧ୍ୟରେ ଆଳଦା ହରିହାଟ ଠାରୁ କୁଡୁମ କେନାଲ ରାସ୍ତା ନିର୍ମାଣ ସହ ବାକି କାର୍ଯ୍ୟ ଗୁଡିକୁ ଭିବି ଜି ରାମଜି ରେ ନିର୍ମାଣ ପାଇଁ ପ୍ରତିଶୃତି ଦେବା ଗ୍ରାମବାସୀ ମାନେ ସନ୍ତୋଷ ପ୍ରକାଶ କରିଥିଲେ । ଉକ୍ତ ସାହିର ବାସିନ୍ଦା ପ୍ରଫୁଲ୍ଲ କୁମାର ସାହୁ, ପ୍ରିୟବ୍ରତ ସାହୁ, ଦିପଙ୍କର ସାହୁ, ଉପେନ୍ଦ୍ର ବେହେରା, ରଘୁନାଥ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ଖାଦ୍ୟ ସୁରକ୍ଷାରୁ ବଂଚିତ ଦିନ ମଜୁରିଆ ଆଦିବାସୀ ଦମ୍ପତି

ଉଦଳା , ୦୬/୭ (ନି.ପ୍ର): ଯେ ହେଉଛି ଖୁଂଟା ବ୍ଲକର ଭୋଳାଗଡ଼ିଆ ପଂଚାୟତ ଅନ୍ତର୍ଗତ ଡ଼ବକ ଗ୍ରାମର ଦୃଶ୍ୟ । ଏହି ଗ୍ରାମରେ ବସବାସ କରୁଥିବା ଆଦିବାସୀ ଦମ୍ପତି ମନୁ ହାଁସଦା ଓ ତାଙ୍କର ସହଧର୍ମିଣୀ ବିରି ହାଁସଦା ଖାଦ୍ୟସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଅଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ଦମ୍ପତି ଏଥିପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା ଜଣାଇଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଉଥିଲେ ମଧ କେହି ଶୁଣୁନଥିବାର ଅଭିଯୋଗ କରିଛନ୍ତି । ବିଭାଗୀୟ କତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ସିଦ୍ଧି କଲ୍ୟାଣ ମଣ୍ଡପରେ ଡ଼ଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ଜନ୍ମବାର୍ଷିକୀ ଉପଲକ୍ଷେ ବିଶାଳ ଛାତ୍ର-ଯୁବ ସମାବେଶ

ବାଲେଶ୍ୱର, ୦୬/୭ (ନି.ପ୍ର): ଆଜି ଅପରାହ୍ନ ୪ଘଟିକାରେ ବାଲେଶ୍ୱର ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ସ୍ଥାନିୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମ ବାର୍ଷିକୀ ଅବସରରେ ବିଶାଳ ଯୁବ-ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ନାରାୟଣ ମହନ୍ତ ସଭାପତିତ୍ୱ କରିଥିଲେ, ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା ମୁଖ୍ୟବକ୍ତା ଏବଂ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଆଜିର ସମାଜରେ କିପରି ଛାତ୍ର ଓ ଯୁବକ ମାନେ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ପରି ନିଷ୍ଠାପର ହୋଇ ଦେଶମାତୃକା ପ୍ରତି




ଭଲପାଇବା ସହ ଦେଶ ସେବାରେ ନିଜକୁ କିପରି ନିୟୋଜିତ କରିହେବ ସେ ବିଷୟରେ ଆଲୋକପାତ୍ କରିଥଲେ। ଅନ୍ୟ ବକ୍ତା ମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ସିମୁଳିଆ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସଦର ବିଧାୟକ ମାନସ ଦତ୍ତ, ରାଜ୍ୟ ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ମାନସ କୁମାର ସାହୁ, ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲା ସାଧାରଣ ସମ୍ପାଦକ ଲକ୍ଷ୍ମୀକାନ୍ତ ମହାଳିକ ଓ ସୁମିତ୍ ପ୍ରଧାନ ଡ଼ଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ରାଜନୈତିକ ଜୀବନୀ ବିଷୟରେ କହିଥିଲେ। ଯୁବମୋର୍ଚ୍ଚା ଜିଲ୍ଲା ଉପ ସଭାପତି ଅଙ୍କିତା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ, ଶେଷରେ ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ହରିଚନ୍ଦନ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ, କର୍ଯ୍ୟକ୍ରମ ପ୍ରାରମ୍ଭ ରେ ରାଷ୍ଟ୍ରିୟ ବନ୍ଦନା ଓ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା ଓ ଶେଷ ରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା, ଜିଲ୍ଲା ର ସମସ୍ତ ଅଞ୍ଚଳରୁ ୧୫୦୦ ରୁ ଉର୍ଦ୍ଧ୍ୱ କଲେଜଛାତ୍ର ଛାତ୍ରୀ, ଯୁବ ବର୍ଗ ଓ ମହିଳା ଯୋଗ ଦେଇଥିଲେ, ଅନ୍ୟ ମାନଙ୍କ ମଧ୍ୟରେ, ରାଜେଶ୍ ରଣା, ଗୋପୀ ବଲ୍ଲଭ ରାଉତ୍, ରାହୁଲ ଦାସ, ଉମେଶ ଦାସ, ଅମର ନାୟକ, ଏନ୍ ଦିବ୍ୟଜ୍ୟୋତି ପ୍ରମୁଖ ଉପସ୍ଥିତ ଥିଲେ ।

# ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଶୁଣାଣି ଅନୁଷ୍ଠିତ: ମୋଟ ୨୬୪ ଗୋଟି ଅଭିଯୋଗର ହେଲା ଶୁଣାଣି

ବାରିପଦା, ୦୬/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜିଲ୍ଲାପାଳ ହେମକାନ୍ତ ସୟ୍ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଶ୍ରୀ ଧର୍ମାନନ୍ଦ ବେହେରା,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ ବିଶ୍ୱନାଥ ଦାସ, ବାରିପଦା ଉପ-ଜିଲ୍ଲାପାଳ କସ୍ତୁରୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୬୪ ଗୋଟି ଅଭିଯୋଗର ଶୁଣାଣି କରାଯାଇଛି। ଏଥିରେ ୨୪୯ ଗୋଟି ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିବାବେଳେ ୧୫ ଗୋଟି ସାମୁହିକ ସମସ୍ୟା ସମ୍ବଳିତ ଅଭିଯୋଗ ହୋଇଛି । ତନ୍ମଧ୍ୟରୁ ୧୪ ଗୋଟି ଅଭିଯୋଗର ତତକ୍ଷଣାତ୍ ସମାଧାନ ଜନ ଅଭିଯୋଗ ଶିବିରରେ କରାଯାଇଛି । ଏହାସହ ୧୧ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଓ ୨ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେହିପରି ଆଜିର ଜନ ଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ସୟ୍ ନିର୍ଦ୍ଦେଶ ଦେଇଛନ୍ତି । ଜନ ଅଭିଯୋଗ ଶୁଣାଣୀ ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ସଫଳ କରିଥିଲେ ।

# ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଭଦ୍ରକ, ୦୬/୭ (ନି.ପ୍ର): ଭଦ୍ରକର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ରେ ଆଜି ଜିଲ୍ଲାପାଳକଂ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୧୮୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୨୩ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୩୪ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧିନସ୍ଥ ୨୫ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୧୨ଟି ଅଭିଯୋଗର ସ୍ଥଳୀୟ



ସମାଧାନ କରାଯାଇଥିଲା। ଜିଲ୍ଲା ରେଡକ୍ରସ ପାଣ୍ଠି ମାଧମରେ ୨୫ଜଣ ଅଭିଯୋଗକାରୀଙ୍କୁ ମୋଟ ୯୪,୫୦୦/- ଟଙ୍କା ମଞ୍ଜୁର କରାଯାଇଛି।ଏହି ଜନ ଅଭିଯୋଗ ଶୁଣାଣିରେ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଅତିରିକ୍ତ ଜି୍ଲ୍ଲାପାଳ (ରାଜସ୍ୱ ) ରବି ନାରାୟଣ ସାହୁ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପ ଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ପ୍ରମୋଦ ପ୍ରହରାଜ , ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରଂଜନ ମଲ୍ଲିକ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମାନସିକ ଅସୁସ୍ଥତା ଏବଂ ବୌଦ୍ଧିକ ଅକ୍ଷମତା ଉପରେ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୦୬/୭ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ନ୍ୟାୟାଳୟ ଭଦ୍ରକର ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ, ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶକ୍ରମେ କ୍ରମେ ସାଇ ସ୍ୱରୁପା ମାନସିକ ଭିନ୍ନକ୍ଷମ ବିଦ୍ୟାଳୟ (ମାନସିକ ଅସୁସ୍ଥତା ଏବଂ ବୌଦ୍ଧିକ ଅକ୍ଷମତା ଥିବା ବ୍ୟକ୍ତିମାନଙ୍କୁ ଆଇନଗତ ସେବା) ନାଲସା ଯୋଜନା, ୨୦୨୪ ଅନ୍ତର୍ଗତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ଭଦ୍ରକ ସ୍ମିତା ମାଝି, ଏଲ ଏ ଡି ସି ଭଦ୍ରକ, ଡେପୁଟି, ପ୍ରତିପକ୍ଷ ଅଧୀବକ୍ତା, ମୋଜାହିଦ ଅଖତର ଖାନ, ଏଲ ଏ ଡି ସି, ଭଦ୍ରକ ,ସହାୟକ ପ୍ରତିପକ୍ଷ ଅଧୀବକ୍ତା ବହ୍ନିଶିଖା ବିଶ୍ୱାଳ। ପ୍ରଧାନ ଶିକ୍ଷୟିତ୍ରୀ, ରଜନିରାଣୀ ପତି, ପରିଚାଳକ, ଶରତ କୁମାର ଆଚାର୍ଯ୍ୟ ତଥା ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଗଣ ଏବଂ ସେମାନଙ୍କ ଅଭିଭାବକ ଭାବେ ପିତା ମାତା ଉପସ୍ଥିତ ଥିଲେ। ମାନସିକ ଅସୁସ୍ଥତା ଏବଂ ବୌଦ୍ଧିକ ଅକ୍ଷମତା ଥିବା ବ୍ୟକ୍ତିବିଶେଷଙ୍କ ପାଇଁ ପରିବାରର ସଦସ୍ୟମାନେ ଏକ ଅମୂଲ୍ୟ ସମ୍ବଳ। ମାନସିକ ରୋଗ ହେଉଛି ଏପରି ଏକ ବ୍ୟାଧି ଯାହା ଜଣେ ବ୍ୟକ୍ତିଙ୍କ ମନୋଭାବ, ଚିନ୍ତାଧାରା କିମ୍ବା ଆଚରଣକୁ ପ୍ରଭାବିତ କରେ। ସେଥିପାଇଁ ସେମାନଙ୍କୁ ଭଲ ବ୍ୟବହାର, ମାନସିକ ରୋଗର ସୁ-ପରିଚାଳନା ଏବଂ ମୁକାବିଲା ପାଇଁ ସୁସ୍ଥ ଦୈନନ୍ଦିନ ଅଭ୍ୟାସ ସହ ନିର୍ଦ୍ଧାରିତ ଭାବରେ ଔଷଧ ସେବନ, ସନ୍ତୁଳିତ ଖାଦ୍ୟ ଖାଇବା ତଥା ନିୟମିତ ଶାରୀରିକ ବ୍ୟାୟାମ କରିବା ଇତ୍ୟାଦି ବିଷୟରେ ସଚେତନ କରାଯାଇଥିଲା।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida